# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୩/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, February 3/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 71 | ମୂଲ୍ୟ ₹୭/-


# ରେଳ: ଓଡ଼ିଶାକୁ ୧୦,୯୨୮ କୋଟି

## ରାଜ୍ୟର ଶିଳ୍ପ, ବାଣିଜ୍ୟକୁ ବଳ ଦେବ ପୂର୍ବ-ପଶ୍ଚିମ ମାଲ୍ ପରିବହନ କରିଡର

**୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡ଼ିଶା ରେଳ ଭିତ୍ତିଭୂମିର ବିକାଶ ପାଇଁ ବଡ଼ ପ୍ରୋତ୍ସାହନ ରାଶି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଣ୍ଟନ ୮୩୮ କୋଟି ଟଙ୍କା ରହିଥିବାବେଳେ ୨୦୨୬-୨୭ରେ ଏହା ୧୩ ଗୁଣ ବୃଦ୍ଧିପାଇଛି। ଚଳିତବର୍ଷ ବଜେଟରେ ୧୦,୯୨୮ କୋଟି ଟଙ୍କାର ରେଳ ବଜେଟ୍ ଘୋଷଣା କରାଯାଇଛି। ଗତ ବର୍ଷର ଅନୁଦାନ ଥିଲା ୧୦,୫୯୯ କୋଟି ଟଙ୍କା। ତେବେ ରେଳ ବଜେଟରେ ଘୋଷଣା ହୋଇଥିବା ପୂର୍ବ-ପଶ୍ଚିମ ମାଲ ପରିବହନ କରିଡର ଓଡ଼ିଶା ହୋଇଯିବ, ଯାହାକି ରାଜ୍ୟର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।**





ଅଶ୍ୱିନୀ ବୈଷ୍ଣବ

| ଆର୍ଥିକ ବର୍ଷ | ଆବଣ୍ଟିତ ରେଳ ବଜେଟ (କୋଟି ଟଙ୍କାରେ) |
|---|---|
| ୨୦୨୦-୨୧ | ୪,୩୭୩ |
| ୨୦୨୧-୨୨ | ୬,୯୯୫ |
| ୨୦୨୨-୨୩ | ୯,୭୩୪ |
| ୨୦୨୩-୨୪ | ୧୦,୦୧୨ |
| ୨୦୨୪-୨୫ | ୧୦,୫୮୬ |
| ୨୦୨୫-୨୬ | ୧୦,୫୯୯ |

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଗତ ଦଶନ୍ଧି ମଧ୍ୟରେ ଅନୁଦାନ ରାଶି ଆବଣ୍ଟନ ବଢ଼ିଚାଲିଥିବାବେଳେ ଚଳିତବର୍ଷ ମଧ୍ୟ ଏହି ଧାରା ଜାରି ରହିଛି। ଭୁବନେଶ୍ୱରସ୍ଥିତ ରେଳସଦନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି, ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ୯୦,୬୫୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେଶନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ବୈଷ୍ଣବ କହିଛନ୍ତି, ଅମୃତ ଷ୍ଟେଶନ ଯୋଜନା ଅଧୀନରେ ୨,୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାର ୫୯ଟି ଷ୍ଟେଶନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଳାଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ୬ଟି ଷ୍ଟେଶନରେ କାର୍ଯ୍ୟ ସମାପ୍ତ ହୋଇସାରିଛି। ସେହିପରି ଆଧୁନିକ ଟ୍ରେନ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଥିବା ସେ କହିଛନ୍ତି। ବର୍ତ୍ତମାନ ଓଡ଼ିଶାରେ ୬ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି। ୨୦୧୪ରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବୋତଲ ବେପାର


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

46001/3/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁଭଦ୍ରା

ଶୁଭାରମ୍ଭ
ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ ଓଡ଼ିଶା ସରକାରଙ୍କର ଏକ ଅଗ୍ରଗାମୀ ପଦକ୍ଷେପ

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ବିଭୂତି ଭୂଷଣ ଜେନା — ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି, ଓଡ଼ିଶା
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ — ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା
ଡଃ ପ୍ରଦୀପ କୁମାର ପାଣିଗ୍ରାହୀ — ସାଂସଦ, ବ୍ରହ୍ମପୁର
ଶ୍ରୀମତୀ ଅନିତା ଶୁଭଦର୍ଶିନୀ — ସାଂସଦ, ଆସିକା
ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ — ସାଂସଦ, କନ୍ଧମାଳ

ଏବଂ ବିଧାୟକ ବୃନ୍ଦ, ଗଞ୍ଜାମ

୦୩ ଫେବୃଆରୀ ୨୦୨୬ | ମା' ତାରା ତାରିଣୀ ମନ୍ଦିର, ପୁରୁଷୋତ୍ତମପୁର, ଗଞ୍ଜାମ

ଯୋଜନାର ଲାଭ: ପ୍ରତ୍ୟେକ ବିବାହ ପାଇଁ ୬୦ ହଜାର ଟଙ୍କା | ବିବାହର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ | ସହଜ ଏବଂ ସରଳୀକୃତ ବିବାହ ପଞ୍ଜୀକରଣ

ଲାଭାର୍ଥୀଙ୍କ ଆବଶ୍ୟକ ଯୋଗ୍ୟତା: ଉଭୟ କନ୍ୟା ଏବଂ ବର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ | ବୟସ: କନ୍ୟା: ୧୮-୩୫ ବର୍ଷ, ବର: ୨୧-୩୫ ବର୍ଷ | ପରିବାରର କୌଣସି ସଦସ୍ୟଙ୍କୁ ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ବିବାହ ସହାୟତା ମିଳିନଥିବ

ଯୋଜନାର ସ୍ୱତନ୍ତ୍ର ବିଶେଷତା: ବିଧବା ବିବାହକୁ ପ୍ରୋତ୍ସାହନ

ସହାୟତା ନମ୍ବର: ପୁଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
wcd.odisha.gov.in wcdodisha/

OIPR-46001/46005/2/25-26/0003

ଦିଲ୍ଲୀରେ ଆଜି



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ ସୋମବାର ନିର୍ବାଚନ କମିଶନରଙ୍କୁ ଭେଟିବା ପରେ ଖବରଦାତାମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି। (ଫଟୋ- ଚମନ ଗୌତମ)

# ଏସ୍‌ଆଇଆର୍ ପ୍ରଭାବିତ ପରିବାରଙ୍କୁ ଧମକ ଦିଆଯାଉଛି: ମମତା

ନୂଆଦିଲ୍ଲୀ,୨।୨(ପି.ଟି.)

ଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ବଙ୍ଗ ଭବନ ବାହାରେ ମୁତୟନ ପୋଲିସ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ସୋମବାର ମୁହାଁମୁହିଁ ହୋଇଛି। ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ସେଥିରେ ପ୍ରଭାବିତ ହୋଇଥିବା ପରିବାରଗୁଡ଼ିକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଜାତୀୟ ରାଜଧାନୀକୁ ଆଣିଥିଲା। ଦିଲ୍ଲୀ ପୋଲିସ ସେମାନଙ୍କୁ ଧମକ ଦେବା ସହ ହଇରାଣ କରୁଥିବା ମମତା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

ଗଣମାଧ୍ୟମକୁ ମମତା କହିଛନ୍ତି, ଏସ୍‌ଆଇଆର୍ ଦ୍ୱାରା ପ୍ରଭାବିତ ଲୋକମାନେ ନିର୍ବାଚନ କମିଶନଙ୍କ ନିକଟରେ ସେମାନଙ୍କ ସମସ୍ୟା ଜଣାଇବାକୁ ଆସିଥିଲେ। ସେମାନଙ୍କୁ ଧମକ ଦିଆଯାଉଛି। ବଙ୍ଗ ଭବନ ପରିସର ବାହାରେ ବ୍ୟାପକ ପୋଲିସ

## ଦିଲ୍ଲୀ ପୋଲିସ ସହ ଟିଏମ୍‌ସି ନେତ୍ରୀଙ୍କ ମୁହାଁମୁହିଁ

ମୁତୟନ କରାଯିବାକୁ ନେଇ ମମତା ପ୍ରଶ୍ନ କରିଛନ୍ତି। ତେବେ ସେ ଏଥିପାଇଁ ପୋଲିସକୁ ଦୋଷ ନ ଦେଇ ଉପରେ ଥିବା ବ୍ୟକ୍ତିଙ୍କୁ ଦୋଷ ଦେଉଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଆକ୍ଷେପ କରି କହିଛନ୍ତି। ଏସ୍‌ଆଇଆର୍ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଭେଟିବା ପାଇଁ ମମତା ରବିବାର ଦିଲ୍ଲୀରେ ପହଞ୍ଚିଥିଲେ। ଏସ୍‌ଆଇଆର୍ ଦ୍ୱାରା ପ୍ରଭାବିତ ପ୍ରାୟ ୫୦ ପରିବାରଙ୍କୁ ଜାତୀୟ ରାଜଧାନୀ ଅଣାଯାଇଥିବାବେଳେ ସେମାନେ ବଙ୍ଗ ଭବନ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଘରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପରିବାରକୁ ସୋମବାର ନିର୍ବାଚନ କମିଶନଙ୍କ ସହ ବୈଠକକୁ ନିଆଯାଇଥିଲା। ତେବେ ବଙ୍ଗ ଭବନ ସମ୍ମୁଖରେ ମମତାଙ୍କର ସିଧାସଳଖ ପୋଲିସ ଅଧିକାରୀମାନଙ୍କ ସହ ମୁହାଁମୁହିଁ ହୋଇଥିଲା।

## ଯୁଦ୍ଧ ଏଡ଼ାଇବାକୁ ଇରାନର ଉଦ୍ୟମ, ଟ୍ରମ୍ପଙ୍କ ସ୍ୱାଗତ

ୱାଶିଂଟନ୍,୨।୨

ଆମେରିକା-ଇରାନ ଯୁଦ୍ଧ ଆଶଙ୍କା ଆପାତତଃ ହ୍ରାସ ପାଇଛି। ଇତିମଧ୍ୟରେ ଇରାନ ଆମେରିକା ସହ ବ୍ୟାକ୍ ଚ୍ୟାନେଲ୍‌ରେ ଆଲୋଚନା ପାଇଁ ଉଦ୍ୟମ ଆରମ୍ଭ କରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେବା ସହିତ ଇରାନର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଇରାନ ବିରୋଧରେ ଆମେରିକା କୌଣସି କଠୋର ପଦକ୍ଷେପ ନେବା ପୂର୍ବରୁ ଏହି ଉଦ୍ୟମ କିଛି ସମାଧାନ ଆଣିବା ଲାଗି ବାଟ ଫିଟାଇବ ବୋଲି ସେ କହିଛନ୍ତି। ଇରାନ ପ୍ରତ୍ୟକ୍ଷ ଭାବେ ଆମେରିକା ସହିତ ଆଲୋଚନା କରିବାକୁ ଚାହୁଁନାହିଁ। ପରୋକ୍ଷ(ବ୍ୟାକ୍ ଚ୍ୟାନେଲ୍) ଭାବେ ମଧ୍ୟସ୍ଥ ଜରିଆରେ ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି। ଏଥିପାଇଁ ଆମେରିକା ତୁର୍କୀ ରାଜଧାନୀ ଆଙ୍କାରାରେ ଏକ ବୈଠକ କରିବାକୁ ତୁର୍କୀ, ଇଜିପ୍ଟ ଏବଂ କାତାର ସହ ଆଲୋଚନା କରୁଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପୂର୍ବତନ ସେନାମୁଖ୍ୟଙ୍କ ପୁସ୍ତକକୁ ନେଇ ଲୋକ ସଭାରେ ହଙ୍ଗାମା


## ରାହୁଲ-ରାଜନାଥ ମୁହାଁମୁହିଁ

ନୂଆଦିଲ୍ଲୀ,୨।୨

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକର ଉଦ୍ଧୃତ ଅଂଶକୁ ନେଇ ସୋମବାର ଲୋକ ସଭାରେ ହଙ୍ଗାମା ହୋଇଛି। ଏହି ପୁସ୍ତକ ପ୍ରକାଶିତ ହୋଇ ନଥିଲେ ମଧ୍ୟ ୨୦୨୦ରେ ଲଦାଖର ଡୋକଲାମ୍ ଏବଂ ଗଲୱାନ୍ ଘାଟିରେ ଭାରତ-ଚାଇନା ସଂଘର୍ଷ ସମୟର ସ୍ମୃତିକୁ ନେଇ ଜେନେରାଲ ନରୱଣେ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି' ଶୀର୍ଷକ ପୁସ୍ତକ ଲେଖିଛନ୍ତି। ଏହି ପୁସ୍ତକର କିଛି ଅଂଶ'ଦି କାରାଭାନ'ରେ ପ୍ରକାଶ ପାଇଥିଲା ବେଳେ ଏହି ତଥ୍ୟକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ସୋମବାର ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ



ରାହୁଲ ଗାନ୍ଧୀ



ରାଜନାଥ ସିଂ

ଉପରେ ଆଲୋଚନା ସମୟରେ ରାହୁଲ ଗାନ୍ଧୀ ଜେନେରାଲ ନରୱଣେଙ୍କ ଏହି ପୁସ୍ତକର କିଛି ତଥ୍ୟ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ, ଯାହାକି ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲା। ଲଦାଖର ଡୋକଲାମସ୍ଥିତ ଭାରତୀୟ ସୀମାରେ ଚାଇନାର ୪ଟି ଟ୍ୟାଙ୍କ ପହଞ୍ଚି ସାରିଥିଲା ବୋଲି ରାହୁଲ କହିଥିଲେ। ରାହୁଲ ଗୃହରେ ଏଭଳି ମନ୍ତବ୍ୟ ଦେବା ପରେ ପ୍ରଥମେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିରୋଧ କରିଥିଲେ। ଯଦି ପ୍ରକାଶ ପାଇଥିବା କୌଣସି ପୁସ୍ତକରେ ଏଭଳି ବିଷୟ ଉଲ୍ଲେଖ ରହିଛି, ରାହୁଲ ତାହାର ପ୍ରମାଣ ଦିଅନ୍ତୁ,ନଚେତ୍ ଏହି ପ୍ରସଙ୍ଗରେ ଆଲୋଚନା କରିବା ବନ୍ଦ କରନ୍ତୁ ବୋଲି ରାଜନାଥ କହିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ଗୃହମନ୍ତ୍ରୀ ଅମିତ ଶାହା ରାହୁଲଙ୍କୁ ବିରୋଧ କରିଥିଲେ। ଯେଉଁ ପୁସ୍ତକ ପ୍ରକାଶ ପାଇନାହିଁ , ତାହାକୁ କିଭଳି ରାହୁଲ ଉଦ୍ଧୃତ କରି ଗୃହରେ ବକ୍ତବ୍ୟ ରଖୁଛନ୍ତି ବୋଲି ଶାହା ପ୍ରଶ୍ନ କରିଥିଲେ। ଏହାସତ୍ତ୍ୱେ ରାହୁଲ ତାଙ୍କ ବକ୍ତବ୍ୟ ଜାରି ରଖିଥିଲେ। ସେ ପ୍ରାୟ ୪୬ ମିନିଟ୍ ଧରି କହି ଚାଲିଥିଲା ବେଳେ ବାଚସ୍ପତି ଓମ୍ ବିର୍ଲା ଗୃହ ନିୟମ ଦର୍ଶାଇ ତାଙ୍କ ବକ୍ତବ୍ୟ ବନ୍ଦ କରିବାକୁ କହିଥିଲେ। ଏହାପରେ ଗୃହରେ ହୋହାଲ୍ଲା ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଦିନ ୩ଟା ପରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାହୁଲ ପୁଣିଥରେ ଏହି ପ୍ରସଙ୍ଗ ଉଠାଇଥିଲେ। ଏହାକୁ ନେଇ ଗୃହରେ ହୋହାଲ୍ଲା ହେବାରୁ ୯ ମିନିଟ୍ ପରେ ବାଚସ୍ପତି ୪ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ମୁଲତବୀ ରଖିଥିଲେ। ଏହାପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ପୁଣି ସମାନ ସ୍ଥିତି ଦେଖାଯାଇଥିଲା। ପରେ ପରେ ବାଚସ୍ପତି ଗୃହକୁ ମଙ୍ଗଳବାରଯାଏ ମୁଲତବୀ ଘୋଷଣା କରିଥିଲେ।

## ଦୁର୍ନୀତି ମାମଲାରେ ଶେଖ୍ ହାସିନାଙ୍କୁ ୧୦ ବର୍ଷ ଜେଲ

ଢାକା,୨।୨(ପି.ଟି.)

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ୨ଟି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ସୋମବାର ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ରାଜଧାନୀ ଢାକା ଉପକଣ୍ଠ ପୁର୍ବାଚୋଲରେ ରାଜୁକ ନ୍ୟୁଟାଉସ୍ ପ୍ରୋଜେକ୍ଟ ଅଧୀନରେ ବାସୋପଯୋଗୀ ଜମିକୁ ହାସିନା ନିଜ କ୍ଷମତାର ଦୁରୁପଯୋଗ କରି ତାଙ୍କ ଝିଆରୀ ବ୍ରିଟେନ୍‌ର ଲେବର ପାର୍ଟି ଏମ୍‌ପି ତଥା ପୂର୍ବତନ ମନ୍ତ୍ରୀ ଟୁଲିପ୍ ସିଦ୍ଦିକ ଓ ଅନ୍ୟମାନଙ୍କୁ ପ୍ରଦାନ କରିଥିଲେ। ସିଦ୍ଦିକଙ୍କ ସାନ ଭଉଣୀ ଆଜମାନ ସିଦ୍ଦିକ ଏବଂ ଭାଇ ରାଦ୍ୱାନ ମୁଜିବ ସିଦ୍ଦିକ ବବିଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସମସ୍ତଙ୍କ ଅନୁପସ୍ଥିତିରେ କୋର୍ଟ ଦଣ୍ଡ ଶୁଣାଣି କରିଥିଲେ।

## କେନ୍ଦ୍ର, ୧୨ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

### ଧର୍ମାନ୍ତରଣ ନିରୋଧୀ ଆଇନ ବିରୋଧରେ ପିଆଇଏଲ୍

ନୂଆଦିଲ୍ଲୀ,୨।୨(ପି.ଟି.)

ଧର୍ମାନ୍ତରଣ ନିରୋଧୀ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଜାତୀୟ ଖ୍ରୀଷ୍ଟିଆନ ପରିଷଦ ତରଫରୁ ଦାଏର ସାନି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଏବଂ ୧୨ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଚର୍ଚ୍ଚେସ୍ ଇନ୍ ଇଣ୍ଡିଆ (ଏନ୍‌ସିସିଆଇ) ପକ୍ଷରୁ ବରିଷ୍ଠ ଆଇନଜୀବୀ ମୀନାକ୍ଷୀ ଆରୋରା ଅଦାଲତଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏନ୍‌ସିସିଆଇର ଆବେଦନକୁ ବିଚାରକୁ ନେଇ କେନ୍ଦ୍ର ଏବଂ ୧୨ ରାଜ୍ୟର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ଆରୋରା କହିଛନ୍ତି, ଓଡ଼ିଶା ଏବଂ ରାଜସ୍ଥାନ ସେମାନଙ୍କର ଅଲଗା ଆଇନ ଆଣିଥିବାବେଳେ ପୂର୍ବ ପିଟିଶନରେ ସେଗୁଡ଼ିକୁ ଚ୍ୟାଲେଞ୍ଜ କରାଯାଇ ନ ଥିଲା। ଅନ୍ୟାନ୍ୟ ଆଇନରେ ହୋଇଥିବା ସଂଶୋଧନଗୁଡ଼ିକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇ ନାହିଁ। କେତେକ ରାଜ୍ୟର ଆଇନ ଏଭଳି ରହିଛି, ଯାହା କଥିତ ଧର୍ମାନ୍ତରଣ ବିରୋଧରେ ଅଭିଯୋଗ କରିବା ପାଇଁ ସଚେତନ ଦଳଗୁଡ଼ିକୁ ପ୍ରୋତ୍ସାହିତ କରୁଛି। ଏହି କାରଣରୁ ଅନେକ ଅଭିଯୋଗ ଦାଖଲ ହେଉଥିବା ସେ କହିଛନ୍ତି। କେନ୍ଦ୍ର ବ୍ୟତୀତ ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା, ଛତିଶଗଡ଼, ଅରୁଣାଚଳପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ହରିୟାଣା, ମଧ୍ୟପ୍ରଦେଶ, କର୍ନାଟକ ଏବଂ ହିମାଚଳପ୍ରଦେଶକୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି।

## କଶ୍ମୀରରେ ଭୂକମ୍ପ

ନୂଆଦିଲ୍ଲୀ,୨।୨(ପି.ଟି.)

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ସୋମବାର ଭୋର ସମୟରେ ୪.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ପାଟ୍ଟନ ଓ ବାରାମୁଲ୍ଲା ଆଖପାଖ ଅଞ୍ଚଳ ଦୋହଲିଯାଇଥିବାବେଳେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ତେବେ ଭୂକମ୍ପଜନିତ କୌଣସି କ୍ଷୟକ୍ଷତି ଖବର ମିଳିନାହିଁ। ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ଅନୁଯାୟୀ, ଭୋର ୫ଟା ୩୫ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହାର କେନ୍ଦ୍ରସ୍ଥଳ ପାଟ୍ଟନ ଅଞ୍ଚଳର ୧୦ କି.ମି. ଗଭୀରରେ।

# ୨ ଦିନରେ ୧୭୭ ଆତଙ୍କବାଦୀ ନିହତ

### ବେଲୋଚ ବିଦ୍ରୋହୀଙ୍କ ବିରୋଧରେ ପାକ୍‌ସେନାର କାର୍ଯ୍ୟାନୁଷ୍ଠାନ

ଇସ୍‌ଲାମାବାଦ,୨।୨

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ବେଲୋଚ ଆତଙ୍କବାଦୀ ଏବଂ ପାକିସ୍ତାନ ସେନା ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଏବେ ମଧ୍ୟ କିଛି ଇଲାକାରେ ଜାରି ରହିଛି। ଇତିମଧ୍ୟରେ ପାକ୍ ସେନା ଗୁଳିରେ ଆଉ ୨୨ ବେଲୋଚ ଆତଙ୍କବାଦୀ ନିହତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭୭ ଆତଙ୍କବାଦୀ ନିହତ ହୋଇଥିବା ପାକ୍ ସେନାର ଜଣେ ପ୍ରବକ୍ତା ସୂଚନା ଦେଇଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ୩୦ରୁ ଅଧିକ ପାକ୍ ସେନାଧିକାରୀଙ୍କ ମୃତ୍ୟୁ ହୋଇସାରିଛି। ଶୁକ୍ରବାର ରାତିରୁ ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲଏ) ପକ୍ଷରୁ ବେଲୁଚିସ୍ତାନ ପ୍ରଦେଶର ବିଭିନ୍ନ ଜିଲାରେ ସଂଗଠିତ ଆକ୍ରମଣ କରାଯାଇଥିଲା। ପାକିସ୍ତାନର ସରକାରୀ ସଂସ୍ଥାନ, ପୋଲିସ ଏବଂ ସେନା କାର୍ଯ୍ୟାଳୟ ଉପରେ ବହୁ ଆତ୍ମଘାତୀ ଆକ୍ରମଣ ହୋଇ ୨୦ରୁ ଅଧିକ ପାକ୍ ଅଧିକାରୀ ପ୍ରାଣ ହରାଇଥିଲା ବେଳେ ୪୫ରୁ ଅଧିକ ଆତଙ୍କବାଦୀଙ୍କୁ ପାକ୍ ସେନା ହତ୍ୟା କରିଥିଲା। ଏହାପରେ ବିଭିନ୍ନ ଇଲାକାରେ ସେନା ଖାନତଲାସି କରି ଆତଙ୍କବାଦୀଙ୍କୁ ନିପାତ କରିଚାଲିଛି।

## ଆତଙ୍କବାଦୀଙ୍କ ମଧ୍ୟରେ ମହିଳା ଆତ୍ମଘାତୀ

ବିଏଲଏ ଆକ୍ରମଣରେ ବହୁ ମହିଳା ଆତ୍ମଘାତୀ ଆତଙ୍କବାଦୀ ସାମିଲ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା ପ୍ରଥମ ବୋଲି ଜଣାପଡ଼ିଥିଲା ବେଳେ ଦୁଇ ମହିଳା ଆତ୍ମଘାତୀ ଆତଙ୍କବାଦୀ ପାକ୍ ସେନା ଉପରେ ଆକ୍ରମଣ କରିବା ପରେ କିଭଳି ଗୁଳିରେ ନିହତ ହେଉଛନ୍ତି ତାହାର ଭିଡିଓ ଭାଇରାଲ ହୋଇଛି। ଗତ ଶନିବାର ପାକିସ୍ତାନ ସେନା ପୋଷ୍ଟ ଉପରେ ହୋଇଥିବା ଆକ୍ରମଣ





ଘଟଣାରେ ଦୁଇ ମହିଳା ଆତ୍ମଘାତୀ ବିଦ୍ରୋହୀ ସାମିଲ ଥିଲେ ବୋଲି ବିଏଲଏ ପକ୍ଷରୁ ସେମାନଙ୍କ ଫଟୋ ଜାରି କରାଯାଇଛି।

## ପୁଣି ଇନ୍ଧନ ସୁଇଚ୍‌ରେ ସମସ୍ୟା

### ସେବାନିବୃତ୍ତ ହେଲା ଏୟାର ଇଣ୍ଡିଆ ବିମାନ

ବେଙ୍ଗାଲୁରୁ,୨।୨

ଏୟାରଇଣ୍ଡିଆର ଏକ ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ବାମପାର୍ଶ୍ୱ ଇନ୍ଧନ ନିୟନ୍ତ୍ରଣ ସୁଇଚ୍ ୨ ଥର ରନ୍ ସ୍ଥିତିରେ ନ ରହି କଟ୍‌ଅଫ୍ ହୋଇଯିବାରୁ ଉକ୍ତ ବିମାନକୁ ସେବାନିବୃତ୍ତ କରାଯାଇଛି। ବିମାନଟି ଲଣ୍ଡନରୁ ବେଙ୍ଗାଲୁରୁ ଆସୁଥିବାବେଳେ ଫୁଏଲ୍ କଣ୍ଟ୍ରୋଲ ସୁଇଚ୍‌ରେ ତ୍ରୁଟି ଥିବା ଜଣେ ପାଇଲଟ୍ ରିପୋର୍ଟ କରିଥିଲେ। ପ୍ରାଥମିକ ସୂଚନା ପାଇବା ପରେ ବିମାନକୁ ସେବାରୁ ହଟାଯିବା ସହ ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏକୁ ଜଣାଇଦିଆଯାଇଥିବା ମୁଖପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୧୨ରେ ଅନୁରୂପ କାରଣରୁ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାରଇଣ୍ଡିଆ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତଦନ୍ତ ରିପୋର୍ଟରୁ ଏହା ଜଣାପଡ଼ିବା ପରେ ଡିଜିସିଏର ନିର୍ଦ୍ଦେଶକ୍ରମେ ସମସ୍ତ ବୋଇଂ ୭୮୭ ବିମାନର ଫୁଏଲ୍ କଣ୍ଟ୍ରୋଲ ସୁଇଚ୍ ଯାଞ୍ଚ କରାଯାଇଥିବାବେଳେ କୌଣସି ତ୍ରୁଟି ମିଳି ନ ଥିଲା।

ଫୁରସତ୍

# କଳା ସୁନାର ଦେଶ



କୁଏଟ୍

ଯେତେବେଳେ 'କଳା ସୁନାର ଦେଶ' ନାଁ ଆସେ ସେତେବେଳେ ପ୍ରାୟତଃ ପ୍ରଥମେ କୁଏଟ୍ ସାମ୍ନାକୁ ଚାଲିଆସେ। କଳା ସୁନା, ଯାହାର ଅର୍ଥ ଅଶୋଧିତ ତୈଳ। ଏହା କୁଏଟ୍‌ର ପରିଚୟକୁ ବଦଳାଇ ଦେଇଥିଲା। ୧୯୩୮ରେ ତୈଳ ଆବିଷ୍କାର ପୂର୍ବରୁ କୁଏଟ୍ ଏକ ସରଳ ବାଣିଜ୍ୟ ଏବଂ ମୁକ୍ତା-ଡାଇଭିଂ ରାଷ୍ଟ୍ର ଥିଲା, କିନ୍ତୁ ତୈଳ ଆବିଷ୍କାର ହେବା ପରେ ଏହାର ଭାଗ୍ୟ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ପ୍ରକୃତରେ କୁଏଟ୍ ମଧ୍ୟପ୍ରାଚ୍ୟର ଏକ ବିକଶିତ ଦେଶ, ଯେଉଁଠାରେ ଅଶୋଧିତ ତୈଳକୁ ବ୍ଲାକ୍ ଗୋଲ୍ଡ ବା କଳା ସୁନା କୁହାଯାଏ। ଏହି ତୈଳ ଆଜି ଦେଶର ଅର୍ଥନୀତି ଏବଂ ଆଧୁନିକ ପରିଚୟର ମୂଳଦୁଆ।

୧୯୩୮ରେ ବୁର୍ଗାନ ତୈଳ କ୍ଷେତ୍ରରେ ତୈଳ ଆବିଷ୍କୃତ ହୋଇଥିଲା। ଏହା ବିଶ୍ୱର ଦ୍ୱିତୀୟ ବୃହତ ତୈଳ କ୍ଷେତ୍ର। ଏହିଠାରୁ କୁଏଟ୍‌ର ଭାଗ୍ୟ ଏକ ନୂତନ ମୋଡ଼ ନେଇଥିଲା। ତୈଳ ରାଜସ୍ୱ ସହିତ କୁଏଟ୍‌ରେ ଜୀବନଯାପନର ମାନ ଦ୍ରୁତଗତିରେ ଉନ୍ନତ ହୋଇଥିଲା। ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆଧୁନିକ ଭିତ୍ତିଭୂମି ବିକଶିତ ହୋଇଥିଲା। ଏହା ସହିତ କୁଏଟ୍ ତୈଳ କମ୍ପାନୀ ଦେଶର ତୈଳ କାର୍ଯ୍ୟ ପରିଚାଳନା କରେ। ନିକଟବର୍ତ୍ତୀ ଅହମଦୀ ଟାଉନଶିପ୍ ୧୯୪୦ ଦଶକରେ ତୈଳ ଶ୍ରମିକଙ୍କ ପାଇଁ ପ୍ରତିଷ୍ଠିତ ହୋଇଥିଲା ଏବଂ ଏବେବି ତୈଳ ଇତିହାସର ଝଲକ ପ୍ରଦାନ କରେ।

କୁଏଟ୍ ବୈଜ୍ଞାନିକ କେନ୍ଦ୍ରରେ ଏକ ତୈଳ ଏବଂ ଶକ୍ତି ପ୍ରଦର୍ଶନୀ ଅଛି, ଯାହା ତୈଳ ନିଷ୍କାସନରୁ ବିଶୋଧନ ଏବଂ ରପ୍ତାନି ପର୍ଯ୍ୟନ୍ତ ପ୍ରକ୍ରିୟା ବ୍ୟାଖ୍ୟା କରେ। କୁଏଟ୍ ଜାତୀୟ ସଂଗ୍ରହାଳୟରେ ଏକ ତୈଳ ଯୁଗ ଗ୍ୟାଲେରି ମଧ୍ୟ ରହିଛି, ଯାହା କୁଏଟ୍ କିପରି ତୈଳ-ଆଧାରିତ ଅର୍ଥନୀତିକୁ ବିକଶିତ ହୋଇଥିଲା ତାହା କହିଥାଏ। କୁଏଟ୍ ଟାୱାରଗୁଡ଼ିକ ସିଧାସଳଖ ତେଲ ସହିତ ଜଡ଼ିତ ନ ଥିଲେ ମଧ୍ୟ ସେଗୁଡ଼ିକ ତୈଳ ଦ୍ୱାରା ଆଗତ ସମୃଦ୍ଧି ସହିତ ନିର୍ମିତ ହୋଇଛି। ଏହି ଟାୱାରଗୁଡ଼ିକ ବ୍ଲାକ୍ ଗୋଲ୍ଡ ଦ୍ୱାରା ଆଗତ ପରିବର୍ତ୍ତନର ପ୍ରତୀକ।

## ଷ୍ଟାଇଲ୍ କୁଇନ୍ ସୋନମ୍

ମୁମ୍ବାଇ

ବଲିଉଡ ଫ୍ୟାଶନ ଆଇକନ୍ ତଥା ଷ୍ଟାଇଲ୍ କୁଇନ୍ ସୋନମ୍ କପୁର ଆଜିକାଲି ଜୀବନର ଏକ ସୁନ୍ଦର ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ସେ ଖୁବ୍‌ଶୀଘ୍ର ଦ୍ୱିତୀୟ ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି। ବେବି ବମ୍ପ ସହ ସୋନମ୍ ଆହୁରି ସୁନ୍ଦର ଲାଗୁଛନ୍ତି। ନିକଟରେ ସୋନମ୍ ମୁମ୍ବାଇରେ ନଜର ଆସିଥିଲେ। ସେ ତାଙ୍କ ଲୁକ୍ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏକ ଖୋଲା ଶର୍ଟ ପିନ୍ଧି ସେ ବେବି ବମ୍ପଙ୍କୁ ଦେଖାଉଥିବା ନଜର ଆସିଛନ୍ତି। ସବୁଥର ଭଳି ସୋନମ୍ ପ୍ରମାଣ କରିଛନ୍ତି ଯେ, ଫ୍ୟାଶନ ତାଙ୍କ ପାଇଁ କେବଳ ପୋଷାକ ନୁହେଁ, ବରଂ ଆତ୍ମବିଶ୍ୱାସ ଏବଂ ମନୋଭାବର ଏକ ଅଂଶ। କୁହାଯାଉଛି ଯେ, ଚଳିତବର୍ଷ ମାର୍ଚ୍ଚରେ ସେ ତାଙ୍କର ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେବେ। ବ୍ୟବସାୟୀ ଆନନ୍ଦ ଆହୁଜାଙ୍କୁ ବିବାହ କରିଥିବା ସୋନମ୍‌ଙ୍କର ପୂର୍ବରୁ ଏକ ପୁଅ ଅଛି।



ସୋନମ୍ କପୁର

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୩/୨୦୨୬ | Bhubaneswar, Tuesday, February 3/2026




କିନ୍ନର ଅଞ୍ଜଳିଙ୍କ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ, ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ କ୍ଷତିପୂରଣ ପ୍ରଦାନ ଦାବିରେ ସୋମବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଛକ ନିକଟରେ କିନ୍ନର ସଂଘ ପକ୍ଷରୁ ରାସ୍ତାରୋକୋ। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଟ୍ରମ୍ପ୍ ନରମିଲେ

## ଜବାବୀ ଟାରିଫ୍ ୧୮%କୁ ହ୍ରାସ ଘୋଷଣା

**ନୂଆଦିଲ୍ଲୀ,୨।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଜବାବୀ ଟାରିଫ୍ ଲଗାଇବା ସହ ରୁଷିଆରୁ ନୂଆଦିଲ୍ଲୀ ତୈଳ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଟାରିଫ୍ ଲଗାଇଥିଲେ। ତେବେ ନିକଟରେ ଭାରତ ୟୁରୋପୀୟ ସଂଘ ସହ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ପରେ ଟ୍ରମ୍ପ୍ ନରମିଛନ୍ତି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଦୀର୍ଘଦିନ ଧରି ଆଲୋଚନା ଜାରି ରହିଥିବାବେଳେ ଏଥିରେ ଉଭୟ ଦେଶ ସହମତ ବୋଲି ଟ୍ରମ୍ପ୍ ସୋମବାର ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ ଜରିଆରେ ଘୋଷଣା କରିଛନ୍ତି। ଉକ୍ତ ଚୁକ୍ତିନାମା ଅନୁଯାୟୀ, ଆମେରିକା ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୨୫ ପ୍ରତିଶତ ଜବାବୀ ଟାରିଫ୍‌କୁ ୧୮ ପ୍ରତିଶତକୁ ହ୍ରାସ କରିବ ବୋଲି ଟ୍ରମ୍ପ୍ କହିଛନ୍ତି। ତେବେ ଭାରତୀୟ ସାମଗ୍ରୀ ଉପରେ ଆମେରିକା ଲଗାଇଥିବା ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ବଳବତ୍ତର ରହିବ।

### ବାଣିଜ୍ୟ ଚୁକ୍ତିନାମା ପାଇଁ ସହମତି

ଏହି ଘୋଷଣା ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ ବୋଲି ଭାରତରେ ଆମେରିକାର ରାଷ୍ଟ୍ରଦୂତ ଥିବା ସର୍ଜିଓ ଗୋର୍ ସୂଚନା ଦେଇଛନ୍ତି। ବନ୍ଧୁତା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ସ୍ୱରୂପ ତାଙ୍କ ଅନୁରୋଧକ୍ରମେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ପାଇଁ ଆମେ ରାଜି ବୋଲି ଟ୍ରମ୍ପ୍ କହିଛନ୍ତି। ଏଥିସହିତ ଆମେରିକା ଭାରତୀୟ ସାମଗ୍ରୀ ଉପରୁ ଜବାବୀ ଶୁଳ୍କ ୨୫ରୁ ୧୮ ପ୍ରତିଶତକୁ କମାଇବ ବୋଲି ସେ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି। ତଦନୁଯାୟୀ ଭାରତ ଆମେରିକୀୟ ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍ ଏବଂ ଅଣଟାରିଫ୍ ପ୍ରତିବନ୍ଧକ ଶୂନକୁ କମାଇବ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି। ସେ ଆହୁରି କହିଛନ୍ତି, ରୁଷିଆ ତୈଳ କିଣା ବନ୍ଦ କରିବାକୁ ଭାରତ ରାଜି ହୋଇଛି। ନୂଆଦିଲ୍ଲୀ ଆମେରିକା ଏବଂ ଭେନେଜୁଏଲାରୁ ଅଧିକ ତୈଳ କିଣିବ। ଏହା ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାରେ ସହାୟକ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

ଟାରିଫ୍ ହ୍ରାସ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇବା ସହ ଭାରତର ୧୪୦ କୋଟି ଜନତାଙ୍କ ପକ୍ଷରୁ ସାଧୁବାଦ ଜଣାଇଛନ୍ତି। ଏଣିକି ଭାରତୀୟ ସାମଗ୍ରୀ ଆମେରିକାରେ ଅପେକ୍ଷାକୃତ କମ୍ ଦରରେ ବିକ୍ରି ହେବ ବୋଲି ସେ 'X'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

# ବିକାଶର ନେତୃତ୍ୱ ନେଉଛନ୍ତି ମହିଳା: ମୁଖ୍ୟମନ୍ତ୍ରୀ

## ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ ସହ ଏକାଧିକ ଯୋଜନାର ଶୁଭାରମ୍ଭ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ସଂଘର ସଦସ୍ୟାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ରାୟଗଡ଼ା,୨।୨(ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶାରେ ମହିଳାମାନେ ଏବେ ସବୁ କ୍ଷେତ୍ରରେ ଅଗ୍ରସର ହୋଇ ବିକାଶର ନେତୃତ୍ୱ ନେଉଛନ୍ତି। ଗ୍ରାମାଞ୍ଚଳରେ ବିକାଶର ଯେଉଁ ଜୟଯାତ୍ରା ଆମେ ଦେଖୁଛୁ, ତା'ର ନେତୃତ୍ୱ ଆମର ଏସ୍ଏଚ୍‌ଜି ଗୋଷ୍ଠୀର ମହିଳାମାନେ ନେଉଛନ୍ତି। ଆଗାମୀ ଦିନରେ ଏହି ମହିଳାଙ୍କ ସକ୍ରିୟ ଯୋଗଦାନରେ ଓଡ଼ିଶା ନିଶ୍ଚିତ ଭାବରେ ବିକଶିତ ଓଡ଼ିଶାରେ ପରିଣତ ହେବ ବୋଲି ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜେଏସ୍‌କୋ ପଡ଼ିଆରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାକୁ ସୋମବାର ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥିସହ ରାୟଗଡ଼ା ଜିଲା ପାଇଁ ମୁଖ୍ୟମନ୍ତ୍ରୀ ମାଝୀ ୩୪୦କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୬୭ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୨୨୧କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଜିଲାକୁ ବିକାଶ ପଥରେ ଅଗ୍ରଗତି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମେଳା ଉଦ୍‌ଘାଟନ ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଲଗାଯାଇଥିବା ଷ୍ଟଲ୍‌ଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏଥିସହ ଡଙ୍ଗରିଆ କନ୍ଧଙ୍କ ହାତ ତିଆରି କପଡ଼ାଗଣ୍ଡା ଶାଲ୍ ଓ ଲାଞ୍ଜିଆ ସଉରାଙ୍କ ଦ୍ୱାରା ଚିତ୍ରିତ ହୋଇଥିବା ଇଡ଼ିତାଲ ଚିତ୍ର ଦେଖି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏହାକୁ ଆହୁରି ପ୍ରଚାରପ୍ରସାର କରାଯିବ ବୋଲି ସେ କହିଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସୁଭଦ୍ରା ଶକ୍ତିମେଳା ମାଧ୍ୟମରେ ଜିଲାର ମହିଳାମାନେ ନିଜର ପ୍ରସ୍ତୁତ ସାମଗ୍ରୀ ଲୋକଲୋଚନକୁ ଆଣିବା ସହ ଅର୍ଥ ଉପାର୍ଜନକରି ସ୍ୱାବଲମ୍ବୀ ହୋଇପାରିବେ। ରାୟଗଡ଼ା ଜିଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ ଏସ୍ଏଚ୍‌ଜିଙ୍କୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହି ଜିଲାରେ ହଜାର ହଜାର ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ସେହିଭଳି ଚଳିତ କେନ୍ଦ୍ରୀୟ ବଜେଟ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ତୃଣମୂଳସ୍ତରରେ ମହିଳାଙ୍କ ଆର୍ଥିକ ଅଂଶ ଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉଦ୍ୟୋଗୀ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। କୋଲ୍‌ନରା ବ୍ଲକ ପଞ୍ଚାୟତସ୍ତରୀୟ ମହିଳା ସଂଘକୁ ଆର୍ଥିକ ସହାୟତା ବାବଦରେ ୩୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ରାୟଗଡ଼ା ଜିଲାରେ ଗଢ଼ିଉଠିଥିବା କାରଖାନାଗୁଡ଼ିକରେ ଯୋଗ୍ୟତା ଅନୁଯାୟୀ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ଯାଇଥିବା ୩୨୬ନଂ. ଜାତୀୟ ରାଜପଥକୁ ୬ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ଏବଂ ରାୟଗଡ଼ାରେ ଖୁବଶୀଘ୍ର ମେଡିକାଲ କଲେଜ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସଭାରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା ଏବଂ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଏବଂ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମଞ୍ଚାସୀନ ☞ପୃଷ୍ଠା-୪

# ୨୮ ଏନ୍‌ଏସି, ୭ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

## ୧୮ ଜିଲାପାଳଙ୍କୁ ପୌର ପ୍ରଶାସନର ନିର୍ଦ୍ଦେଶ

**ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ଘୋଷଣା ହୋଇଥିବା ନୂଆ ୨୮ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଏବଂ ୭ ପୌରପାଳିକା(ମ୍ୟୁନିସିପାଲିଟି)ର ନିର୍ବାଚନ ଲାଗି ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସଂକ୍ରାନ୍ତରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ୧୮ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ନୂତନ ଏନ୍‌ଏସି ଏବଂ ପୌରପାଳିକାଗୁଡ଼ିକର ୱାର୍ଡ ସୀମା ନିର୍ଦ୍ଧାରଣ ସହିତ ଆସନ ସଂରକ୍ଷଣ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶକ ଡାକୁଆ ସୋମବାର ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ନୟାଗଡ଼, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏନେଇ ସରକାରଙ୍କୁ ଓଡ଼ିଶା ପୌରପାଳିକା ଆଇନ-୧୯୫୦ ଅନୁଯାୟୀ ଅବଗତ କରାଯିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ☞ପୃଷ୍ଠା-୪




# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ


ହାତୀଲୁଚାଣି ଗ୍ରାମର ମହିଳାମାନେ ସୋମବାର ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

**ପରଜଙ୍ଗ,୨।୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ହାତୀଲୁଚାଣି ଗ୍ରାମରେ ପାନୀୟଜଳ ଯୋଗାଣ ବନ୍ଦ ଥିବା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଶୁଣୁ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଯନ୍ତ୍ରୀ ଏହାକୁ ଅଣଦେଖା କରୁଥିବାରୁ ହାତୀଲୁଚାଣି ଗ୍ରାମର ମହିଳାମାନେ ସୋମବାର ମଧ୍ୟାହ୍ନରେ ଗ୍ରାମ ନିକଟରେ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ଉପରେ ଗରାବାଲ୍ଟି ଧରି ରାସ୍ତାରୋକୋ କରିଥିଲେ। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ପ୍ରାୟ ୭୦ଟି ପରିବାର ଗତ ୧୦ଦିନ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ମେଶିନ ତ୍ରୁଟି ଯୋଗୁ ପାଣି ଯୋଗାଣ ବନ୍ଦ ରହିଛି। କିନ୍ତୁ ସାହିବାସିନ୍ଦାଙ୍କ ଲାଗି ପାନୀୟଜଳର ଅନ୍ୟ ବିକଳ୍ପ ନ ଥିବାରୁ ପାଖରେ ଯାଇଥିବା ଘୋଡାଡ଼ିଆଁ ନାଳରୁ ପାଣି ସଂଗ୍ରହ କରୁଛନ୍ତି। ଉକ୍ତ ବିଷୟରେ ବାରମ୍ବାର ପାନୀୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିରଜା ଶଙ୍କର ଦାସଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସେ କର୍ଣ୍ଣପାତ କରୁନାହାନ୍ତି। ତେଣୁ ସାହିର ☞ପୃଷ୍ଠା-୪

# ଆଜି କ’ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ‘ପାରମ୍ପରିକ ଖାଦ୍ୟପେୟ’, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।
- ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ଉତ୍ସବ, ସ୍ଥାନ: ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧଉଳି କଳିଙ୍ଗ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ୟୁନିଟ୍ ୮, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଇଟି ପକ୍ଷରୁ ୫୧ ତମ ନ୍ୟାଶନାଲ ଥିଏଟର ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ପକ୍ଷରୁ ମଣ୍ଡି ଅବ୍ୟବସ୍ଥା ନେଇ ଆରଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର, ସ୍ଥାନ: ଆରଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ବାଲେଶ୍ୱର**
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମିରିଗିମୁଣ୍ଡି, ରୂପସା, ସମୟ: ସକାଳ ୮ଟା।
- ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ବାରାପାଳ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସମାବର୍ତ୍ତନ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

**ଭଦ୍ରକ**
- ମଠଡିହ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମଠଡିହ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସାହୁସାହି, ଧୂଷୁରୀ, ସମୟ: ଅପରାହ୍ନ ୨ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ମା’ ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା, ସ୍ଥାନ: କଉଡିଖିଣି, ସୁହାଗପୁର, ବଡ଼ସାହି,ସମୟ: ସକାଳ ୬ଟା।

**ଗଞ୍ଜାମ**
- ଦିବ୍ୟ ପବ୍ଲିକ୍ ସ୍କୁଲର ୧୩ତମ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର,ଦିଗପହଣ୍ଡି, ସମୟ: ଅପରାହ୍ନ ୪ ଟା ୩୦।

**ଢେଙ୍କାନାଳ**
- ୩୯ତମ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପ୍ରବଚନ ମହାଯଜ୍ଞ, ସ୍ଥାନ: ଢେଙ୍କାନାଳ କୁଞ୍ଜକାନ୍ତ ସୁରପ୍ରତାପ ସ୍ମୃତିପୀଠ, ସମୟ: ସକାଳ ୮ଟା୩୦।

**ଅନୁଗୋଳ**
- ବିଶାଳ ହିନ୍ଦୁ ସମ୍ମିଳନୀ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ମାରୱାଡି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୧ଟା।
- ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।

**ଜଗତ୍‌ସିଂହପୁର**
- ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ଆଦିଦେବ ଏଣ୍ଟରଟେନମେଣ୍ଟ ସଂସ୍ଥା ପକ୍ଷରୁ ବିୟୁଟି କଣ୍ଟେଷ୍ଟର ଗ୍ରାଣ୍ଡ ଫାଇନାଲ, ସ୍ଥାନ: ଜୟଦେବ ଭବନ ପଡିଆ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିଅମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଯାଜପୁର ଜିଲାକୁ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ମା’ ବିରଜା ପୀଠ, ସମୟ: ସକାଳ ୯ଟା୩୦।
- ବ୍ୟାସ ସରୋବର ମେଳାର ୭ମ ଦିନରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉଦ୍‌ଯାପନୀ ଉତ୍ସବରେ ଛାୟା ସଂସଦ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ବଣିକ ମହାସଂଘର ବାର୍ଷିକ ଉତ୍ସବ, ସ୍ଥାନ:ଦଶପଲ୍ଲା ବଣିକ ମହାସଂଘର ଗୃହ, ସମୟ: ଅପରାହ୍ନ ୩ଟା।

**ନବରଙ୍ଗପୁର**
- ଜେପି ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ଡିଏନକେ ଖେଳ ପଡିଆ, ସମୟ: ଅପରାହ୍ନ ୫ଟା।
- ରେଶପ ବ୍ୟାୟାମଶାଳା ଉଦ୍‌ଘାଟନ, ସ୍ଥାନ: ଉମରକୋଟ ନୂତନ ବସଷ୍ଟାଣ୍ଡ ନିକଟ, ସମୟ: ଅପରାହ୍ନ ୫ଟା।

**କୋରାପୁଟ**
- ଭିନ୍ନକ୍ଷମ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶାସ୍ତ୍ରୀ ମୈଦାନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା, ସ୍ଥାନ: ଉଚ୍ଚ ବିଦ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ, ସ୍ଥାନ: ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଅରବିନ୍ଦ ଶିକ୍ଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବାଣ୍ଡୁଆଗୁଡା ବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସୁଭଦ୍ରା ମେଳା ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଜିଲା ଖଣିଜ ପାଣ୍ଠିର ଅର୍ଥରେ ଚାଲିଥିବା କାର୍ଯ୍ୟର ଭରଚୁଆଲରେ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ପାଟଣେଶ୍ୱରୀ ମହୋତ୍ସବ, ସ୍ଥାନ: ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୯ଟା।
- ତହସିଲ ପକ୍ଷରୁ ରାଜସ୍ୱ ମେଳା, ସ୍ଥାନ: ପିଡ଼ଗୁଡ଼ି ଡାକବଙ୍ଗଳା ପରିସର, କଣ୍ଟାବାଞ୍ଜି, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଆନ୍ତଃଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା।
- ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡ କାର୍ଯ୍ୟାଳୟ ଶୁଭାରମ୍ଭ, ସ୍ଥାନ: ପାନପୋଷ ରୋଡ୍, ସମୟ: ଅପରାହ୍ନ ୩ଟା।
- ଭାଗବତ କଥା ପ୍ରବଚନ, ସ୍ଥାନ: ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା’ ବାଟ ମଙ୍ଗଳା ପୀଠର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ସୁନ୍ଦରଗଡର ବାର୍ଷିକ ଅଧିବେଶନ, ସ୍ଥାନ: ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ, ରେଭିନ୍ୟୁ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ଅବସରପ୍ରାପ୍ତ ସୈନିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୯ଟା।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ:ବୀର ସୁରେନ୍ଦ୍ର ସାଏ ହାଇସ୍କୁଲ, ବରଡୋଲ, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ବିଜେଡି ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ଓ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜୁନାଗଡ଼ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବାବା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ସୁବର୍ଣ୍ଣପୁର**
- ସୁଭଦ୍ରା ଶକ୍ତି ମେଳାର ତୃତୀୟ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା’ ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ମହାଶିବରାତ୍ରି ଜାଗର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ଅପରାହ୍ନ ୩ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରବୋଡ ବସ୍ତିପଡା, ସମୟ: ଅପରାହ୍ନ ୫ଟା।

# ଅବ୍ୟବହୃତ ୨୧,୫୧୦ କୋଟି ଫେରାଅ

## ସବୁ ବିଭାଗକୁ ଅର୍ଥ ବିଭାଗର ପତ୍ର

ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)

ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ବଜେଟରେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରାଯାଉଛି। ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି। ହେଲେ ପଞ୍ଚାୟତିରାଜ ବିଭାଗ ଭଳି କେତେକ ବିଭାଗର ଅଧିକାରୀମାନେ ବଜେଟ ଅର୍ଥକୁ ଠିକଣା ବାଟରେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ କରିପାରୁ ନାହାନ୍ତି। ଫଳରେ ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ଓ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାବେଳେ ଏବେ ପାଣ୍ଠି ଫେରାଇବା ପର୍ଯ୍ୟନ୍ତ କଥା ଯାଇଛି। ୨୦୨୫ ଡିସେମ୍ବର ସୁଦ୍ଧା ବଜେଟରେ ବ୍ୟୟବରାଦ ହୋଇଥିବା ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ ଯେଉଁସବୁ ବିଭାଗ ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି ତାକୁ ବିଭାଗକୁ ସମର୍ପଣ କରିବାକୁ ହେବ। ଏ ବାବଦକୁ ପ୍ରାୟ ୩୪ଟି ବିଭାଗ ୨୧ହଜାର ୫୧୦କୋଟି ଟଙ୍କା ଫେରାଇବାକୁ ପଡ଼ିବ ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାଯାଇଛି। ଅର୍ଥ ବିଭାଗର ଯୁଗ୍ମସଚିବ ଏମ୍.କେ. ମହାନ୍ତି ଏ ସଂକ୍ରାନ୍ତରେ ସବୁ ବିଭାଗ ଅର୍ଥ ପରାମର୍ଶଦାତାଙ୍କୁ ଜାନୁଆରୀ ୩୦ରେ ପତ୍ର ଲେଖି ଅବଗତ କରାଇଛନ୍ତି।

ସେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ୨୦୨୫ ମାର୍ଚ୍ଚ ୩୦ରେ ପ୍ରଦାନ କରାଯାଇଥିବା ପତ୍ର ଅନୁଯାୟୀ, ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଶେଷ ତଥା ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୁଦାୟ ଓ କାର୍ଯ୍ୟକ୍ରମ ବାବଦକୁ ୬୦% ଖର୍ଚ୍ଚ ହେବା କଥା। ଏହାଠାରୁ ଯେଉଁ ବିଭାଗ କମ୍ ଖର୍ଚ୍ଚ କରିଛନ୍ତି ତାହାକୁ ବିଭାଗ ସମର୍ପଣ କରିବା ଆବଶ୍ୟକ ରହିଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ବିବରଣୀ ଅନୁଯାୟୀ ପାଣ୍ଠି ସମର୍ପଣ କର। ପୁଞ୍ଜି ବ୍ୟୟ ଓ ପ୍ରାଥମିକତା ବ୍ୟୟକୁ ଦୃଷ୍ଟିରେ ରଖି ଫେବୃଆରୀ ୨୮ ମଧ୍ୟରେ ଅର୍ଥ ବିଭାଗକୁ ସମର୍ପଣ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

ବିଭାଗୀୟ ତଥ୍ୟ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଚଳିତ ଆର୍ଥିକବର୍ଷର ଡିସେମ୍ବର ମଧ୍ୟରେ ୨୯ହଜାର ୨୦୧କୋଟି ଟଙ୍କା ବଜେଟ ବ୍ୟୟ ବରାଦ ମଧ୍ୟରୁ ଖର୍ଚ୍ଚ କରିବାକୁ ରହିଥିଲା। ମାତ୍ର ୯ମାସ ମଧ୍ୟରେ ବିଭାଗ ୧୭ହଜାର ୫୨୦.୭୯କୋଟି ଟଙ୍କା ମଧ୍ୟରୁ ୧୦ହଜାର ୪୧୬କୋଟି ଟଙ୍କା ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିଛି। ତେଣୁ ୭,୧୦୩କୋଟି ଟଙ୍କା ଏବେ ବିଭାଗକୁ ସମର୍ପଣ କରିବାକୁ ପଡ଼ିବ। ସେହିପରି ଅର୍ଥ ବିଭାଗ ନିଜେ ୭ହଜାର ୬୭କୋଟି ଟଙ୍କା ସମର୍ପଣ କରିବାକୁ ରହିଥିବାବେଳେ ଜଳସମ୍ପଦ ବିଭାଗ ୩୦୩୦କୋଟି ଟଙ୍କା କମ୍ ଖର୍ଚ୍ଚ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୭୯୦କୋଟିରୁ ଉର୍ଦ୍ଧ୍ୱ ଭଳି ଟଙ୍କା ଏବେ ଫେରସ୍ତ କରିବାକୁ ହେବ। ଏହାବାଦ୍ ଅନ୍ୟ ୩୨ଟି ବିଭାଗ ଶତାଧିକ କୋଟି ଟଙ୍କା ଫେରାଇବାକୁ ରହିଛି। ମାତ୍ର ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ,ବିଧାନସଭା ଏବଂ ଆଉ କେତେକ ବିଭାଗ ଏହି ତାଲିକାରେ ନାହାନ୍ତି।

# ମନୋଜ ଏସ୍‌ପିସିବି ସଦସ୍ୟ ସଚିବ ନିଯୁକ୍ତ

## ସନଥ କୁମାର ନନ୍ଦନକାନନ ନିର୍ଦ୍ଦେଶକ

ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସୋମବାର ଭାରତୀୟ ବନସେବା(ଆଇଏଫ୍‌ଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନନ୍ଦନକାନନ ନିର୍ଦ୍ଦେଶକ ତଥା ୨୦୦୧ ବ୍ୟାଚ୍‌ର ଆଇଏଫ୍‌ଏସ୍ ମନୋଜ ଭି. ନାୟାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଓଏସ୍‌ପିସିବି)ର ସଦସ୍ୟ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ଏହାସହିତ ତାଙ୍କୁ ଏପିସିସିଏଫ୍(ବନ୍ୟପ୍ରାଣୀ) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୦୦୧ ବ୍ୟାଚ୍‌ର ଆଇଏଫ୍‌ଏସ୍ ତଥା ‘କାମ୍ପା’ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି. ରାଜେଶଙ୍କୁ ଭୁବନେଶ୍ୱର ଘାଟିକିଆସ୍ଥିତ ଓଏଫ୍‌ଏସ୍‌ଡିପିର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ୨୦୧୨ ବ୍ୟାଚର ଆଇଏଫ୍‌ଏସ୍ ସନଥ କୁମାର ଏନ୍.ଙ୍କୁ ନନ୍ଦନକାନନ ବାୟୋଲୋଜିକାଲ ପାର୍କ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ରେଳ: ଓଡ଼ିଶାକୁ...

ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱର୍କଠାରୁ ଅଧିକ ବୋଲି ଦର୍ଶାଯାଇଛି। ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ୍ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ସଞ୍ଚୟ ଏବଂ ଉତ୍ତମ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି। ଏହାବ୍ୟତୀତ ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ଟି ସଡ଼କ ଓଭରବ୍ରିଜ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। କବଚ ଭଳି ଉନ୍ନତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କ୍ରମାଗତ ଭାବରେ କାର୍ଯ୍ୟକାରୀ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ରୁଟ୍ କିଲୋମିଟର ଉପରେ କାର୍ଯ୍ୟ ଏବଂ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି, ଯାହା ଟ୍ରେନ ପରିଚାଳନା ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ।

ରେଳମନ୍ତ୍ରୀ କହିଛନ୍ତି, ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ସ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳୱେର ଦୃଷ୍ଟିକୋଣକୁ ରେଖାଙ୍କିତ କରୁଛି। ଏହା ରାଜ୍ୟର ଦୀର୍ଘକାଳୀନ ସାମାଜିକ. ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

### ମୁଖ୍ୟ ବିଶେଷତ୍ୱ

**ପୂର୍ବ-ପଶ୍ଚିମ ମାଲ୍ ପରିବହନ କରିଡର (ଇଷ୍ଟ-ୱେଷ୍ଟ ଫ୍ରେଇଟ୍ କରିଡର):** ପଶ୍ଚିମବଙ୍ଗର ଡାଙ୍କୁନିରୁ ଗୁଜରାଟର ସୁରଟ ପର୍ଯ୍ୟନ୍ତ ଏହି କରିଡର ଓଡ଼ିଶା ଦେଇ ଗତି କରିବ। ଫଳରେ ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ର ସଶକ୍ତ ହେବ। **ଚାଲୁ ରହିଥିବା ପ୍ରକଳ୍ପ:** ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ନୂତନ ଅନୁଦାନ ସହିତ ମୋଟ ନିବେଶ ୧ ଲକ୍ଷ କୋଟି ଟପିଯାଇଛି। **ଅମୃତ ଷ୍ଟେଶନ ଯୋଜନା:** ଓଡ଼ିଶାର ୫୯ଟି ରେଳଷ୍ଟେଶନର ପୁନଃବିକାଶ ପାଇଁ ୨,୪୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶ ପଥ), ବାରିପଦା, ତାଳଚେର ଭଳି ୬ଟି ଷ୍ଟେଶନର କାମ ସରିଥିବା ବେଳେ ଅନ୍ୟଗୁଡ଼ିକ ପ୍ରକ୍ରିୟାଧୀନ ଅଛି। **କବଚ:** ଟ୍ରେନ ଦୁର୍ଘଟଣା ରୋକିବା ପାଇଁ ‘କବଚ’ ସୁରକ୍ଷା ପ୍ରଣାଳୀ ଓଡ଼ିଶାର ୭୭୨ କିଲୋମିଟର ରେଳପଥରେ ଲଗାଯିବ। ଏହାସହିତ ହାତୀ ମୃତ୍ୟୁ ରୋକିବାପାଇଁ ଏଆଇ-ଆଧାରିତ ଥର୍ମାଲ କ୍ୟାମେରା ଏବଂ ଅପ୍ଟିକାଲ ଫାଇଭର କେବୁଲ ଲଗାଯିବ। **ରେଳ ସଂଯୋଗ:** ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ୨,୨୦୦ କିଲୋମିଟର ନୂତନ ରେଳ ଲାଇନ ନିର୍ମାଣ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୬ ଯୋଡ଼ା ବନ୍ଦେ ଭାରତ ଏବଂ ୬ ଯୋଡ଼ା ଅମୃତ ଭାରତ ଏକ୍ସପ୍ରେସ ଚାଲୁଛି।

## ୨୮ ଏନ୍‌ଏସି...

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉକ୍ତ ନୂତନ ଏନ୍‌ଏସି ଏବଂ ପୌରପାଳିକାରେ ସୀମା ନିର୍ଦ୍ଧାରଣ ସହିତ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ହେବ। ଏହି ସମୟ ମଧ୍ୟରେ ଜନସାଧାରଣଙ୍କ ପକ୍ଷରୁ ଯେଉଁ ଆପତ୍ତି ଏବଂ ପରାମର୍ଶ ଆସିବ ଜିଲା ପ୍ରଶାସନ ତାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ। ଯଦି ଏସଂକ୍ରାନ୍ତରେ କୌଣସି ଅଭିଯୋଗ ଆସେ ତେବେ ଜିଲାପାଳ ତୁରନ୍ତ ତାହାକୁ ସ୍ୱତନ୍ତ୍ର ବାର୍ତ୍ତାବହ ମାଧ୍ୟମରେ ପ୍ରେରଣ କରିବେ। ଏନେଇ ମାର୍ଚ୍ଚ ୧୫ରେ ଖାରବେଳ ଭବନରେ ଶୁଣାଣି କରାଯିବ ବୋଲି ଡାକୁଆ ଦର୍ଶାଇଛନ୍ତି। ଏଥିସହିତ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ପ୍ରକାର ନିର୍ବାଚନ ବିଜ୍ଞପ୍ତି ପ୍ରକ୍ରିୟା ସାରିବାକୁ ହେବ। ଏହାପୂର୍ବରୁ ଚଳିତ ମାସ ୧୨ରୁ ୨୧ ତାରିଖ ମଧ୍ୟରେ ନୂତନ ଏନ୍‌ଏସି ଏବଂ ୱାର୍ଡଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ କରିବାକୁ ହେବ। ଓଡ଼ିଶା ମ୍ୟୁନିସିପାଲ ଆଇନ-୧୯୫୦ ଅନୁଯାୟୀ, ନୂତନ ଏନ୍‌ଏସି ଏବଂ ପୌରପାଳିକାର ସୀମା ନିର୍ଦ୍ଧାରଣ ସହିତ ଆସନ ସଂରକ୍ଷଣ ନେଇ ବିଜ୍ଞପ୍ତି ଜାରି କରାଯିବ। ଏନେଇ ଆପତ୍ତି ଅଭିଯୋଗ ଗ୍ରହଣର ଶେଷ ତାରିଖ ଫେବୃଆରୀ ୨୧ ରହିଛି। ଏହାପରେ ସମ୍ପୃକ୍ତ ନୂତନ ଏନ୍‌ଏସି ଏବଂ ପୌରପାଳିକାଗୁଡ଼ିକର ପ୍ରୋଭିଜନାଲ ବିଜ୍ଞପ୍ତି ୨୬ରେ ପ୍ରକାଶ ପାଇବ। ୨୬ରୁ ମାର୍ଚ୍ଚ ୧୩ ଯାଏ ପ୍ରକାଶିତ ବିଜ୍ଞପ୍ତି ଉପରେ ଅଭିଯୋଗ ଆବେଦନ ଗ୍ରହଣ କରାଯିବ। ମାର୍ଚ୍ଚ ୧୬ରୁ ୨୮ ତାରିଖ ମଧ୍ୟରେ ବିଜ୍ଞପ୍ତି ଉପରେ ଅଭିଯୋଗ ଆବେଦନର ଶୁଣାଣି କରାଯିବା ପରେ ମାର୍ଚ୍ଚ ୩୧ରେ ଜିଲାପାଳଙ୍କ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଡାକୁଆ ଦର୍ଶାଇଛନ୍ତି।

## ବିକାଶର ନେତୃତ୍ୱ...

ଥିଲେ। ଜିଲାର ୩ ବିଧାୟକ ନିଜର ଅଭିଭାଷଣରେ ରାୟଗଡ଼ା ଜିଲାରେ ଏକ ମେଡିକାଲ କଲେଜ ଦାବି ସହିତ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିଥିଲେ। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲାରେ ୯,୩୩୫ ଏସ୍‌ଏଚ୍‌ଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ, ୧୬୪ଟି ଏସ୍‌ଏଚ୍‌ଜିଙ୍କୁ ୫୩.୧୪ କୋଟି ଟଙ୍କାର ପାଣ୍ଠି, ୪୧୯୫ଟି ଏସ୍‌ଏଚ୍‌ଜିକୁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲା ପାଇଁ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଶୁଭାରମ୍ଭ ହୋଇଥିବା ମୋଟ ୧୦୯ଟି ଉନ୍ନୟନମୂଳକ ପ୍ରକଳ୍ପ ମଧ୍ୟରୁ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିସହ ୩୭ କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀ ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

## ପାଣି ପାଇଁ ମହିଳାଙ୍କ...

ୱାର୍ଡସଭ୍ୟା ମୀନା ଭୋଇ, ଗୋଲାପ ନାୟକ, ସୁଭଦ୍ରା ନାୟକ, ସୁମିତ୍ରା ଭୋଇ, ବନିତା ଜେନା, ରୀନା ନାୟକ, ସୀମା ନାୟକ ପ୍ରମୁଖ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପରଜଙ୍ଗ ଥାନା ଏସ୍‌ଆଇ ସୁଶ୍ରୀ ଅନାମିକା, ଏଏସ୍‌ଆଇ ଯୁଗଳ ପ୍ରଧାନ, ସାଆନ୍ଦା ଫାଣ୍ଡି ଅଧିକାରୀ ଜୋଶେଫ ପଟ୍ଟନାୟକ, ଯନ୍ତ୍ରୀ ଦାସ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିବା ସହ ମଙ୍ଗଳବାର ସୁଦ୍ଧା ମେଶିନ ଠିକ୍ ହୋଇ ପାଣି ଯୋଗାଇ ଦିଆଯିବ ବୋଲି କହିଥିଲେ। ଏଥିସହ ଉକ୍ତ କର୍ମଚାରୀ ଯଦି ମନଇଚ୍ଛା କାର୍ଯ୍ୟ କରୁଥାନ୍ତି, ନୂତନ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଘଟଣା ବିଷୟରେ ଯନ୍ତ୍ରୀ ଦାସ କହିଛନ୍ତି, ବେଳେବେଳେ ଯନ୍ତ୍ରାଂଶ ନ ମିଳିଲେ ପୁରୁଣା ଯନ୍ତ୍ରାଂଶରେ ମରାମତି କରାଯାଉଛି।

## ଉଗଡମାଲି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଜାତିକୁ ବଣିଜ ଅଡ଼ୁଆ।।**

ପୂର୍ବକାଳରେ ଗୋଟିଏ ଜାତିର ଲୋକେ ଗୋଟିଏ ପ୍ରକାର ବଣିଜ ବା ବେପାର କରୁଥିଲେ। ସେମାନେ ସେ ବେପାରର ସମସ୍ତ ତତ୍ତ୍ୱ ବା ହାନିଲାଭ ବେଶ୍ ଭଲ ଭାବେ ଜାଣିଥିଲେ। ଅନ୍ୟ ଜାତିର ଲୋକେ ସେ ବେପାର କଲେ ସେଥିରେ ସେତେଟା ପ୍ରତିଷ୍ଠା ପାଇପାରୁ ନ ଥିଲେ। ତେଣୁ ଯେଉଁ ବ୍ୟକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଦକ୍ଷତା ନାହିଁ ସେ ସେଭଳି କାର୍ଯ୍ୟରେ ହାତ ଦେବା ଠିକ୍ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଜା ଗଜା, ବୁଢ଼ା ମେଷ,**
**ଦୁଧର ଉପର ଦହିର ଶେଷ,**
**ମାଛର ମା’ ଶାଗର ଝି,**
**ୟାକୁ ନ ଖାଇବ କି ?**

ଖାଦ୍ୟ ଦେହକୁ ପୁଷ୍ଟ କରେ। ଉତ୍ତମ ଶରୀର ପାଇଁ ପୌଷ୍ଟିକ ଆହାରର ଆବଶ୍ୟକତା ରହିଥାଏ। ଛୋଟ ଛେଳି, ବଡ଼ ମେଣ୍ଢା, ଦୁଧର ସର, ତଳ ତଳିଆ ଦହି, ବଡ଼ ମାଛ ଓ କଅଁଳିଆ ଶାଗ ଖାଇବାକୁ ଭଲ ଲାଗେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କେତୁଯୁକ୍ତ ଚନ୍ଦ୍ର କୋଣଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ପ୍ରତ୍ୟୁଷଯାତ୍ରା, ବାଣିଜ୍ୟ, ପରିବହନରେ କୌଣସି ଅସୁବିଧା ରହିବନାହିଁ। ଆବଶ୍ୟକତାନୁଯାୟୀ କୌଣସି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** - ଦୀର୍ଘଦିନରୁ ସରକାରୀସ୍ତରରୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ଜରିଆରେ ପାଇ ଖୁସି ହେବେ। ଆଜି ବନ୍ଧୁମିଳନ ସାଙ୍ଗକୁ ପୁରୁଣା ସମ୍ପର୍କ, ଜମିଜମା, ଗାଡ଼ିମୋଟର ବ୍ୟବସାୟରୁ ଲାଭବାନ୍ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ କଳହର ସମ୍ମୁଖୀନ ହେବାକୁପଡ଼ିପାରେ।

**ମିଥୁନ** - ଆଜି ଚନ୍ଦ୍ରଙ୍କର ଏକାଦଶ ରାଶିରେ ବୃହସ୍ପତି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରିବେ। ଆନୁଷ୍ଠାନିକ କ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ସକାଶେ ଚିନ୍ତା କରିପାରନ୍ତି। ଶିଳ୍ପ, ବ୍ୟବସାୟ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବେ। ଆଜି ସାମାନ୍ୟ ବିଳମ୍ବରେ ହେଲେ ମଧ୍ୟ ସ୍ଥଗିତ ରହିଯାଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** - ଆଜିର ଗ୍ରହଯୋଗ ନୂତନ ବନ୍ଧୁସମ୍ପର୍କ ସହ ସମ୍ମାନଜନକ ସ୍ଥିତିକୁ ନେବାରେ ସାହାଯ୍ୟ କରିବ। ଦୀର୍ଘଦିନର ଆଶା ଫଳବତୀ ହେବ। ପାରିବାରିକ ସ୍ତରରେ ଆତ୍ମୀୟସ୍ୱଜନଙ୍କ ଦ୍ୱାରା କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସୂଚନା ରହିଛି।

**ସିଂହ** - ମଙ୍ଗଳ ଓ ବୁଧ ୬ଷ୍ଠ ସ୍ଥାନରେ ରହିଥିବାରୁ ବନ୍ଧୁ ଗହଣରେ ସତ୍ୟ କହି ବିରୋଧୀ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବା ସାଙ୍ଗକୁ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ପରିବାରର ଗୁରୁତ୍ୱପୂର୍ଣ୍ଣ କାମ ଅର୍ଦ୍ଧସମ୍ପୂର୍ଣ୍ଣ ରହିଯାଇପାରେ। କର୍ମକ୍ଷେତ୍ରରେ ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି।

**କନ୍ୟା** - କେନ୍ଦ୍ର ଓ କୋଣସ୍ଥାନରେ ଗ୍ରହଙ୍କ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତାଜନିତ ଖୁସି ରହିବେ। ଦୀର୍ଘଦିନରୁ ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ। ବିବାଦୀୟ ଘଟଣା, ଜମିଜମା କଳହ ତଥା ମାଲିମକଦ୍ଦମା ସମାଧାନର ଆଶା ରହିଛି। ସନ୍ତାନଙ୍କ କୃତି ଓ କୃତିତ୍ୱ କାରଣରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**ତୁଳା** - ଭାଗ୍ୟସ୍ଥାନସ୍ଥ ବୃହସ୍ପତି ଯୋଗୁ ଆଜିର ଜୀବନଚର୍ଯ୍ୟା ଅନୁକୂଳ ବାତାବରଣରେ ପ୍ରୀତିପ୍ରଦ ରହିବ। ସାମାଜିକ ଚଳଣିରେ ଅର୍ଥ, କର୍ମକ୍ଷେତ୍ରରେ ସମ୍ମାନ ସହ ବନ୍ଧୁମିଳନରେ ଆପ୍ୟାୟିତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ପଡ଼ୋଶୀ ସାହାଯ୍ୟର ପ୍ରତିଶ୍ରୁତି ଦେବା ସୂଚନା ରହିଛି।

**ବିଛା** - ନୂତନ ଯୋଜନା ପ୍ରଣୟନ ସହ ସାମାଜିକ ସମ୍ମାନ ଲାଭକରିବେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନର ଅଭିବୃଦ୍ଧିରୁ ଖୁସି ରହିବେ। ପାରିବାରିକ ଅବ୍ୟବସ୍ଥା, ଅଫିସ୍ କାମରେ ଅନ୍ୟମନସ୍କତା ଓ ଈର୍ଷାଳୁଙ୍କ କୁତ୍ସାରଟନାରୁ ଚିନ୍ତିତ ରହିବେ। ଶୁକ୍ରଙ୍କ ପ୍ରଭାବରୁ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରର ସମସ୍ୟା ସମାଧାନ ହେବ।

**ଧନୁ** - ପରିସ୍ଥିତିର ବିଷମତାକୁ ସାମ୍ୟତା ପ୍ରଦାନ କରିବାରେ ଆପଣଙ୍କ ଉଦ୍ୟମ ମୂଲ୍ୟହୀନ ହେବନାହିଁ। ବନ୍ଧୁବର୍ଗଙ୍କ ପ୍ରଶଂସା, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସୁଦୃଢ଼ ସ୍ଥିତି ମନୋବଳ ବୃଦ୍ଧିକରିବ। ପୂର୍ବାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ବୃଦ୍ଧି ଯୋଗୁ କାମ ଉତ୍ସାହପ୍ରଦ ହେବନାହିଁ। ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ପାଇବେ।

**ମକର** - ରାଶିରେ ଏକାଧିକ ଗ୍ରହଙ୍କ ସ୍ଥିତି ଚିନ୍ତାରେ ନିମଗ୍ନ କରାଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା କାରଣରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ସୌଭାଗ୍ୟ ଅର୍ଜନ କରିବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ହସ୍ତକ୍ଷେପ କରିବା ଜମା ଠିକ୍ ହେବନାହିଁ।

**କୁମ୍ଭ** - କୋଣଭାବସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ ହେବେ। ବନ୍ଧୁ ଓ ପରିଜନଙ୍କ ସହ ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ପାଇ ଖୁସି ହେବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଯାନ୍ତ୍ରିକ ତ୍ରୁଟିଜନିତ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ** - ଆଜିର ଅନୁକୂଳ ଗ୍ରହ ସଂଯୋଗ ଅର୍ଥ, ସମ୍ମାନ ସହ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ମନଗଢ଼ା କଥା କହି ବୁଲିବେ। ବାଣିଜ୍ୟ, ଲେଖାପଢ଼ା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ।

ଆଜି ଫେବୃଆରୀ ୩ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ମଘା/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ ଘ.୧୦।୫୩ ମଧ୍ୟେ, ଘ.୦୧।୦୭ ଗତେ ଘ. ୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୮ ଗତେ ଘ.୦୪।୧୨ ମଧ୍ୟେ ରାହୁକାଳ।

## ଟି୨୦ ବିଶ୍ୱକପ୍‌ରେ ଭାରତ ସହ ପାକିସ୍ତାନର ବୟକଟ୍ ପ୍ରସଙ୍ଗ




# ଉତ୍କଳ ଦିବସରୁ ମିଶନ ଶକ୍ତି ମହିଳାଙ୍କୁ ମିଳିବ ନୂଆ ଡ୍ରେସ୍ କୋଡ୍

**ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)**

ମିଶନ ଶକ୍ତି ମହିଳାଙ୍କ ଡ୍ରେସ୍ କୋଡ୍ ବଦଳିବ। ଏପ୍ରିଲ ୧ ଉତ୍କଳ ଦିବସରୁ ସେମାନେ ନୂଆ ଡ୍ରେସ୍ କୋଡ୍‌ରେ କାର୍ଯ୍ୟ କରିବେ। ଶାଢ଼ୀରେ ରହିବ ଓଡ଼ିଆ ଅସ୍ମିତାର ଝଲକ। ୪୬ ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ରିସୋର୍ସ ପର୍ସନ୍ସ (ସିଆର୍‌ପି) ମହିଳାଙ୍କୁ ନୂଆ ସ୍ମାର୍ଟ ଫୋନ୍ ଏବଂ କମ୍ୟୁନିଟି ରିସୋର୍ସ ସପୋର୍ଟ ଷ୍ଟାଫ୍ (ସିଆର୍‌ଏସ୍‌ଏସ୍)ଙ୍କୁ ନୂଆ ଡ୍ରେସ୍ କୋଡ୍ ସହ ଆଇକାର୍ଡ ଦିଆଯିବ। ମିଶନ ଶକ୍ତି ଭବନଠାରେ ସୋମବାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଚତୁର୍ଥ ପର୍ଯ୍ୟାୟ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଘୋଷଣା କରିଛନ୍ତି।

ପ୍ରଭାତୀ କହିଛନ୍ତି, ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ଓଡିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଧ ଫେରସ୍ତ କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ଉପସ୍ଥିତ ଅଛନ୍ତି ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଓ ଅତିରିକ୍ତ ଶାସନ ସଚିବ ଜ୍ୟୋତିଶଙ୍କର ମହାପାତ୍ର।

- ସିଆର୍‌ପିଙ୍କୁ ମିଳିବ ସ୍ମାର୍ଟ ଫୋନ, ସିଆର୍‌ଏସ୍‌ଏସ୍‌ଙ୍କୁ ଡ୍ରେସ୍, ଆଇକାର୍ଡ
- ଏସ୍‌ଏଚ୍‌ଜି ମାଆମାନଙ୍କୁ ୧୯୭. ୬୬ କୋଟି ସୁଧ ଟଙ୍କା ଫେରସ୍ତ ହେଲା

ଉପରେ କାମ କରୁଛନ୍ତି। ବ୍ୟାଙ୍କ ଋଣ ମାଧ୍ୟମରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଋଣରେ ସୁଧ ବୋଝ କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧହାରକୁ ଶୂନ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। ଏହି ଅବସରରେ ସେ ୨,୮୦,୫୮୬ଟି ଏସ୍‌ଏଚ୍‌ଜିଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡିକୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସମ୍ପ୍ରସାରଣ ଓ ସି-ମାର୍ଟ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ସ୍ତରରେ ମହିଳା ସଶକ୍ତୀକରଣକୁ ଏକ ସୁଦୃଢ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ଅତିରିକ୍ତ ଶାସନ ସଚିବ ଜ୍ୟୋତିଶଙ୍କର ମହାପାତ୍ର ଉପସ୍ଥିତ ଥିଲେ। ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ଅଧିକାରୀ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଏବଂ ଏସ୍‌ଏଚ୍‌ଜି ମାଆମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ଲୋକଭବନରେ ରାଷ୍ଟ୍ରପତି

- ଆଜି ଯାଜପୁର, ବାଲେଶ୍ୱର କାର୍ଯ୍ୟକ୍ରମ ପରେ ପୁରୀ ଗସ୍ତ
- ସ୍ୱାଗତ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୨(ସୁନିଡ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଛନ୍ତି। ବିମାନବନ୍ଦରଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଛନ୍ତି। ସେଠାରୁ ରାଷ୍ଟ୍ରପତି ସିଧାସଳଖ ଲୋକଭବନ ଅଭିମୁଖେ ଯାଇଛନ୍ତି। ଲୋକଭବନରେ ମଧ୍ୟ ଆଉଥରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳ ତାଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ଲୋକଭବନଠାରେ ରାତ୍ରିଯାପନ କରିବା ସହିତ ମଙ୍ଗଳବାର ଯାଜପୁର ଅଭିମୁଖେ ଗସ୍ତ କରିବେ। ଭୁବନେଶ୍ୱର ବିମାନବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁର ପ୍ରଶାସନିକ ପଡ଼ିଆଠାରେ ଅବତରଣ କରିବେ। ସେଠାରୁ ସିଧା ମା' ବିରଜାଙ୍କ ଦର୍ଶନ କରିବେ। ଏହାପରେ ନାଭିଗୟାଠାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ବାଲେଶ୍ୱର ଯାଇ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ଏକ ନୂଆ ଅଡିଟୋରିୟମ ଉଦ୍‌ଘାଟନ କରିବେ। ଏହାପରେ ସେ ସିଧାସଳଖ ପୁରୀ ଅଭିମୁଖେ ଗସ୍ତ କରିବେ। ପୁରୀ ଲୋକଭବନରେ ସେ ରାତ୍ରିଯାପନ କରି ସକାଳୁ ଶ୍ୱେତଗଙ୍ଗା ପୁଷ୍କରିଣୀରେ ପିଣ୍ଡଦାନ କରିବା ପରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ସେ ମୟୂରଭଞ୍ଜ ଅଭିମୁଖେ ଗସ୍ତ କରିବେ। ସେଠାରେ କେତେକ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଅବସରରେ ତାଙ୍କ ସହିତ ଯୋଗଦେବେ। ୬ ତାରିଖରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହିତ ବାର୍ତ୍ତାଳାପ କରି ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖରେ ସେ ଛତିଶଗଡ଼ ଅଭିମୁଖେ ଗସ୍ତ କରିବେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର, ଯାଜପୁର, ବାଲେଶ୍ୱର ଏବଂ ପୁରୀଠାରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ରାଜଧାନୀରେ ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ସ୍ୱାଗତ କରୁଛନ୍ତି।

# ଇଗ୍ନୁ ନାମଲେଖା, ପୁନଃ ପଞ୍ଜୀକରଣ ଅବଧି ୧୫କୁ ବୃଦ୍ଧି

**ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟାକୁ ଫେବୃଆରୀ ୧୫କୁ ବୃଦ୍ଧି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା), ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଇଛି। ସ୍ନାତକ ପ୍ରୋଗ୍ରାମ - କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ସୂତ୍ରରୁ ରିହାତି ସୁବିଧା ପାଉଥିଲେ ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଓ ସୂଚନା ଇଗ୍ନୁ ୱେବ୍‌ସାଇଟ www.ignou.ac.in ଏବଂ ଲିଙ୍କ୍ http//ignouadmission.samarth.edu.inରେ ଉପଲବ୍ଧ ରହିଛି। ଇଗ୍ନୁର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ଭାରତର ବିକାଶଶୀଳ ଇକ୍ୱିଟି ବଜାର ଏବଂ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ଡିଜାଇନ୍

ଯଦି ଆପଣ କିଛି ବର୍ଷ ଧରି ଭାରତୀୟ ଇକ୍ୱିଟି ଉପରେ ନଜର ରଖି ଆସିଛନ୍ତି, ତେବେ ଆପଣ ବୋଧହୁଏ ଗୋଟିଏ କଥା ଲକ୍ଷ୍ୟ କରିଥିବେ ଯେ, ବଜାର ନେତୃତ୍ୱ କଦାପି ଅଧିକ ସମୟ ଧରି ବଜାୟ ରହି ନ ଥାଏ । ବେଳେବେଳେ, ଲାର୍ଜ କ୍ୟାପ୍ ଷ୍ଟକ୍ ଗୁଡ଼ିକ ସବୁଠାରୁ ସୁରକ୍ଷିତ ସ୍ଥାନ ଭଳି ଅନୁଭୂତ ହୋଇଥାଏ । ଅନ୍ୟ ସମୟରେ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ କମ୍ପାନୀଗୁଡିକ ବିନା ଜାକଜମକରେ ରିଟର୍ଣ୍ଣ ଚାର୍ଟକୁ ଅଧିଗ୍ରହଣ କରିନିଅନ୍ତି । ଏହି ନିରନ୍ତର ପରିବର୍ତ୍ତନ ଅସ୍ୱାଭାବିକ ନୁହେଁ । ଇକ୍ୱିଟି ବଜାର ଏହିଭଳି ହିଁ ବିକଶିତ ହୋଇଥାଏ ।

ଜଣେ ନିବେଶକ ଭାବରେ, ଏପରି ଆବର୍ତ୍ତନକୁ ବୁଝିବା ଆପଣଙ୍କୁ ପାଣ୍ଠି ବର୍ଗ ବିଷୟରେ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିପାରିବ ଯାହାକୁ ବଜାର ସହିତ ତାଳ ଦେଇ ଅଗ୍ରଗତି କରିବା ପାଇଁ ଡିଜାଇନ୍ କରାଯାଇଛି ।

### ସମୟ ସହିତ ନେତୃତ୍ୱ କିପରି ପରିବର୍ତ୍ତନ ହୁଏ

ଏପରି କିଛି ପର୍ଯ୍ୟାୟ ଅଛି ଯେତେବେଳେ ଶକ୍ତିଶାଳୀ ବାଲାନ୍ସ ସିଟ୍ ସହିତ ପ୍ରତିଷ୍ଠିତ କମ୍ପାନୀଗୁଡିକ ରିଟର୍ଣ୍ଣ ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି । ଏହି ଅବଧି ପ୍ରାୟତଃ ଅର୍ଥନୈତିକ ଅନିଶ୍ଚିତତା କିମ୍ବା ବୈଶ୍ୱିକ ଅସ୍ଥିରତା ସମୟରେ ହିଁ ଉଭା ହୋଇଥାଏ, ଯେତେବେଳେ ନିବେଶକମାନେ ସ୍ଥିରତାକୁ ପସନ୍ଦ କରିଥାନ୍ତି । ଅନ୍ୟ ସମୟରେ, ବଢୁଥିବା ବ୍ୟବସାୟଗୁଡିକ ଘରୋଇ ଚାହିଦା, ପଲିସିର ସମର୍ଥନ କିମ୍ବା କ୍ଷେତ୍ର ନିର୍ଦ୍ଦିଷ୍ଟ ଗତିରେ ଉନ୍ନତି ଆଣି ଉପକୃତ ହୁଅନ୍ତି । ସେତେବେଳେ ମଧ୍ୟମ ଏବଂ ଛୋଟ କ୍ୟାପ୍ ଷ୍ଟକ୍ ଭଲ ପ୍ରଦର୍ଶନ କରିବାକୁ ଲାଗେ ।

ଏହି ଚକ୍ରଗୁଡିକ ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ଅନୁସରଣ କରେ ନାହିଁ । ସେଗୁଡ଼ିକ ଅର୍ଥନୈତିକ ଅବସ୍ଥା, ଆୟ ବୃଦ୍ଧି, ଲିକ୍ୱିଡିଟି ଏବଂ ନିବେଶକଙ୍କ ଭାବନାର ମିଶ୍ରଣ ଉପରେ ନିର୍ଭର କରିଥାଏ । ପରବର୍ତ୍ତୀ ସମୟରେ କେଉଁ ବଜାର ଖଣ୍ଡ ଅଗ୍ରଣୀ ରହିବ ତାହା କ୍ରମାଗତ ଭାବରେ ପୂର୍ବାନୁମାନ କରିବାକୁ ଚେଷ୍ଟା କରିବା ଅଭିଜ୍ଞ ନିବେଶକମାନଙ୍କ ପାଇଁ ମଧ୍ୟ କଷ୍ଟସାଧ୍ୟ ହୋଇପାରେ ।

### ଆପଣଙ୍କ ପୋର୍ଟଫୋଲିଓରେ ନମନୀୟତା କାହିଁକି ଗୁରୁତ୍ୱପୂର୍ଣ୍ଣ

ଏକ କମ୍ପାନୀ କେତେ ବିପଦପୂର୍ଣ୍ଣ କିମ୍ବା ସ୍ଥିର ହୋଇପାରେ ତାହା ବୁଝିବା ପାଇଁ ପ୍ରାୟତଃ ବଜାର ପୁଞ୍ଜିକରଣକୁ ବ୍ୟବହାର କରାଯାଇଥାଏ । ଲାର୍ଜ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ସାଧାରଣତଃ ଅଧିକ ସ୍ଥିର ରହିଥାଏ, ଯେତେବେଳେ କି ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍ ଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି କିମ୍ବା ଅଧିକ ତୀବ୍ର ଗତିରେ ବୃଦ୍ଧି ଏବଂ ହ୍ରାସ ପାଇପାରେ । ଯଦି ଆପଣଙ୍କ ନିବେଶ କେବଳ ଗୋଟିଏ ଖଣ୍ଡ (ସେଗମେଣ୍ଟ)ରେ ସୀମିତ ରହିଛି, ତେବେ ବଜାର ନେତୃତ୍ୱରେ ପରିବର୍ତ୍ତନ ଆପଣଙ୍କ ପୋର୍ଟଫୋଲିଓ ମାତ୍ରାଧିକ ଭାବେ ପ୍ରଭାବିତ ହୋଇପାରେ ।

ଏହିଭଳି ପରିସ୍ଥିତିରେ ହିଁ ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡ଼ିକର ପ୍ରାସଙ୍ଗିକତା ଅନୁଭୂତ ହୋଇଥାଏ ।



**ସିଦ୍ଧାର୍ଥ ଦମାନି**
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

### ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡିକ କିପରି ଡିଜାଇନ୍ କରାଯାଏ

ଏକ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ସ୍ଥିର ଆବଣ୍ଟନ ସୀମା ବିନା ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକରେ ବିନିଯୋଗ କରିପାରିବ । ଏହା ଫଣ୍ଡ ମ୍ୟାନେଜରଙ୍କୁ ପରିବର୍ତ୍ତିତ ବଜାର ସ୍ଥିତି, ମୂଲ୍ୟାଙ୍କନ ଏବଂ ଆୟ ଦୃଶ୍ୟମାନତା ପ୍ରତି ପ୍ରତିକ୍ରିୟାଶୀଳ ହେବାର ସ୍ୱାଧୀନତା ଦେଇଥାଏ ।

ଯଦି ଲାର୍ଜ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ଯଥେଷ୍ଟ ମୂଲ୍ୟବାନ ଏବଂ ସ୍ଥିର ଦେଖାଯାଏ, ତେବେ ଫଣ୍ଡ ସେଗୁଡ଼ିକରେ ଅଧିକ ନିବେଶ କରିପାରେ । ଯେତେବେଳେ ମିଡ୍ କିମ୍ବା ସ୍ମଲ୍ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ଉତ୍ତମ ଅଭିବୃଦ୍ଧି ସମ୍ଭାବନା ପ୍ରଦାନ କରନ୍ତି, ସେତେବେଳେ ଆବଣ୍ଟନ ସେଠାକୁ ସ୍ଥାନାନ୍ତରିତ ହୋଇପାରେ । ବାରମ୍ବାର ଟ୍ରେଡିଂ କରିବା ନୁହେଁ, ବରଂ ଉଦ୍ଦେଶ୍ୟ ହେଉଛି ସମୟ ସହିତ ବଜାରର ପରିବର୍ତ୍ତନଶୀଳ ଅବସ୍ଥା ସହିତ ନିଜକୁ ନମନୀୟ ରଖିବା ।

### ଆପଣ କ'ଣ ମନେରଖିବା ଉଚିତ୍

ନମନୀୟତା ସାହାଯ୍ୟକାରୀ ହୋଇପାରେ କିନ୍ତୁ ଏହା ବଜାର ବିପଦକୁ ଦୂର କରେ ନାହିଁ । ଫଣ୍ଡ ମ୍ୟାନେଜର ବିଭିନ୍ନ ବଜାର ପର୍ଯ୍ୟାୟକୁ କେତେ ଭଲ ଭାବରେ ପରିଚାଳନା କରନ୍ତି ତାହା ଉପରେ ଏହି ଫଣ୍ଡର ପ୍ରଦର୍ଶନ ନିର୍ଭର କରିଥାଏ । ଆପଣ ମଧ୍ୟ ବଜାରର ଉଚ୍ଚ ଉତ୍ଥାନ ପତନ ଅନୁଭବ କରିପାରନ୍ତି, ବିଶେଷ କରି ଯେତେବେଳେ ଫଣ୍ଡ ଅଧିକାଂଶ ଭାବେ ଛୋଟ ଛୋଟ କମ୍ପାନୀରେ ନିବେଶିତ ହୋଇଥିବ ।

ଆପଣ ମଧ୍ୟ ଏହି ନିବେଶଗୁଡ଼ିକୁ ଆପଣଙ୍କର ସମୟ ଆବଶ୍ୟକତା ସହିତ ସୁସଙ୍ଗତ କରି ରଖିବା ଉଚିତ । ଇକ୍ୱିଟି ବଜାର ଧୈର୍ଯ୍ୟକୁ ପୁରସ୍କୃତ କରିଥାଏ, ଏବଂ ଯଦି ଆପଣ ଦୀର୍ଘକାଳୀନ ଦୃଷ୍ଟିକୋଣ ରଖି ନିବେଶ କରୁଛନ୍ତି, ତେବେ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ସାଧାରଣତଃ ଅଧିକ ଉପଯୁକ୍ତ ହୋଇଥାଏ ।

### ଉପସଂହାର

ଭାରତର ଇକ୍ୱିଟି ବଜାରରେ ପରିବର୍ତ୍ତନ ଜାରି ରହିବ ଏବଂ କମ୍ପାନୀଗୁଡ଼ିକର ଆକାର ଏବଂ କ୍ଷେତ୍ର ନିର୍ବିଶେଷରେ ନେତୃତ୍ୱର ଆବର୍ତ୍ତନ ମଧ୍ୟ ଜାରି ରହିବ । ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡିକୁ ଏହି ବାସ୍ତବତାକୁ ଆଧାର କରି କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ବଜାରର ଏକ ସ୍ଥିର ଦୃଶ୍ୟ ପରିବର୍ତ୍ତେ ବିବିଧକରଣ ଏବଂ ଅନୁକୂଳତା ପ୍ରଦାନ କରିଥାଏ । ସବୁଥର ପରି, କୌଣସି ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଆପଣଙ୍କ ବ୍ୟାପକ ଆର୍ଥିକ ଯୋଜନାରେ ଏହିପରି ପାଣ୍ଠି କିପରି ସୁହାଇବ ତାହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

*ଦାବିତ୍ୟାଗ:*
*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ ।*
*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ । ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ । କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ:* ***https://mutualfund.adityabirlacapital.com/Investor-Education/education/kyc-and-redressal***

*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ ।*

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS

6001/2/2526



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପ୍ରାଣିପାଳନ ଓ ପ୍ରାଣିକଲ୍ୟାଣ ସଚେତନତା ମାସ

୧୪ ଜାନୁଆରୀରୁ ୧୩ ଫେବୃଆରୀ ୨୦୨୬

- ଆସନ୍ତୁ ବୁଲା ପଶୁପକ୍ଷୀଙ୍କ ପାଇଁ ସହାନୁଭୂତିଶୀଳ ହେବା
- ରାସ୍ତାଘାଟରେ ଆହତ ଓ ଅସୁସ୍ଥ ପ୍ରାଣୀଙ୍କୁ ସହାୟତା କରିବା
- ପ୍ରାଣୀଙ୍କ ନିକଟକୁ ପ୍ଲାଷ୍ଟିକ୍ ଆବର୍ଜନା ଫିଙ୍ଗିବାରୁ ନିବୃତ ରହିବା
- ଗଛ ଲଗାଇ ପକ୍ଷୀଙ୍କ ପାଇଁ ଆଶ୍ରୟସ୍ଥଳୀ ସୃଷ୍ଟି କରିବା

ଏ ପୃଥିବୀ ସମସ୍ତଙ୍କର, ଆସନ୍ତୁ ମିଳିମିଶି ଏହାକୁ ସୁନ୍ଦର କରିବା ।



OIPR-6001/6014/2/25-26/0002

Follow us @farddepartment

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment farddepartment

> ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା।-**ଶ୍ରୀଅରବିନ୍ଦ**

# ବୋତଲ ବେପାର

ପାଣିର ଉପସ୍ଥିତି ଯୋଗୁ ପୃଥିବୀରେ ଆମେ ତିଷ୍ଠିଛେ। ସେହି ପାଣି ଏବେ ଦ୍ରୁତଗତିରେ ପ୍ରଦୂଷିତ ହେବାରେ ଲାଗିଛି। କୁହାଯାଉଛି, ଭବିଷ୍ୟତରେ ସବୁଠାରୁ ବଡ଼ ସଙ୍କଟ ଭାବେ ଜଳ ଉଭା ହେବ। ନିକଟ ଅତୀତକୁ ଦେଖିଲେ ମଧ୍ୟପ୍ରଦେଶର ଇନ୍ଦୋରରେ ଦୂଷିତ ପାଣି ପିଇ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଓଡ଼ିଶାର ଆଠଗଡ଼ ସମେତ ଅନେକ ଅଞ୍ଚଳରେ ଭୂତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ୍ ଥିବା ଯୋଗୁ ଲିଭର ଓ କିଡ୍‌ନୀଜନିତ ରୋଗରେ ବାସିନ୍ଦାମାନେ ଆକ୍ରାନ୍ତ ହେଉଛନ୍ତି। ଗଙ୍ଗା, ଯମୁନା ଭଳି ସବୁ ବଡ଼ ନଦୀର ଜଳଉତ୍ସ ପ୍ରାୟ ବିଷାକ୍ତ ହୋଇଯାଇଛି। ଶିଳ୍ପର ବର୍ଜ୍ୟ, ନର୍ଦ୍ଦମାରୁ ବହିଯାଉଥିବା ମଇଳା ଏପରିକି ଲୋକଙ୍କ ଘରର ଆବର୍ଜନା ସବୁ ନଦୀ ବା ସମୁଦ୍ରକୁ ସିଧା ଛଡ଼ାଯାଉଛି। କେତେକ ରିପୋର୍ଟ ଅନୁସାରେ, ଭାରତର ୭୦ ପ୍ରତିଶତ ଭୂତଳ ଜଳ ପ୍ରଦୂଷିତ ଓ ଟ୍ୟାପ୍ ପାଣି ପିଇବା ଅନୁପଯୁକ୍ତ। ସ୍ୱଚ୍ଛ ପାଣି ପାଇବା ପାଇଁ ଧନୀ ଓ ମଧ୍ୟବିତ୍ତ ବ୍ୟକ୍ତିମାନେ ଅର୍ଥ ଦେଇ ପାଣି ବୋତଲ କିଣୁଛନ୍ତି। ପରିସ୍ଥିତି ଏମିତି ହେଲାଣି ଯେ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ କିଛି ସ୍ଥାନରେ ପାଣି କିଣି ପିଇଲେଣି। ଏଭଳିସ୍ଥଳେ ବୋତଲରେ ପାଣି ପୂରାଇ ବିଭିନ୍ନ ବର୍ଗର ଲୋକଙ୍କୁ ବିକିବା ପାଇଁ ଅନେକ କମ୍ପାନୀ ଆଗେଇ ଆସିଲେଣି। ୧୦ଟଙ୍କିଆ ପତଳା ପ୍ଲାଷ୍ଟିକ ବୋତଲଠାରୁ ଆରମ୍ଭ କରି ୧୦୦୦ ଟଙ୍କିଆ କାଚ ବୋତଲରେ 'ସ୍ପାର୍କଲିଂ ୱାଟର' ବଜାରକୁ ଆସିଲାଣି। ସାଧାରଣରେ ମାଗଣାରେ ମିଳୁଥିବା ପାଣିକୁ ଏବେ ଏକ ଦୁର୍ଲଭ ସାମଗ୍ରୀ ଭାବେ ଚିକ୍କଣିଆ ସ୍ଲୋଗାନ ଦେଇ ବିକ୍ରି କରାଯାଉଛି। ଏହା ବର୍ତ୍ତମାନ ଏକ ବିରାଟକାୟ ବ୍ୟବସାୟରେ ପରିଣତ ହୋଇ ବିଲିୟନ ଆମେରିକୀୟ ଡଲାର ଛୁଇଁଲାଣି। ପୁଣି ପ୍ରିମିୟମ ସେଗ୍‌ମେଣ୍ଟରେ ଅଧିକ ଅର୍ଥ ଟାଣିବା ପାଇଁ ବିଭିନ୍ନ ସ୍ୱାଦ ଓ ରଙ୍ଗର ପାଣି ମଧ୍ୟ ମିଳିଲାଣି।

ଏଭଳି ସ୍ଥଳେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତର ସମ୍ଭ୍ରାନ୍ତ ଶ୍ରେଣୀ ଏବେ ସାଧାରଣ ପାଣି ପରିବର୍ତ୍ତେ ବିଦେଶୀ ଓ ପ୍ରାକୃତିକ ଝରଣାର ପାଣି ପାଇଁ ଅନେକ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଯେଉଁଠାରେ ସାଧାରଣ ପାଣି ବୋତଲ ୨୦ ଟଙ୍କାରେ ମିଳେ, ସେଠାରେ ଧନୀ ଭାରତୀୟମାନେ ଗୋଟିଏ ବୋତଲ ପାଣି ପାଇଁ ୮୦୦ରୁ ୧୦୦୦ ଟଙ୍କା ଦେବାକୁ ଆଗେଇ ଆସୁଛନ୍ତି। ଏହା କେବଳ ଶୋଷ ମେଣ୍ଟାଇବା ପାଇଁ ନୁହେଁ, ବରଂ ନିଜର ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଦେଖାଇବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। ଲୋକଙ୍କ ବ୍ୟଗ୍ରତା ଦେଖି ବହୁରାଷ୍ଟ୍ରୀୟ ଓ ଜାତୀୟ କମ୍ପାନୀଗୁଡ଼ିକ 'ପ୍ରିମିୟମ୍ ୱାଟର' ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ଏବେ କୁହାଯାଉଛି ଯେ, ଘରୋଇ ଆର୍‌ଓ (ରିଭର୍ସ ଓସ୍‌ମୋସିସ୍) ପ୍ୟୁରିଫାୟାର ପାଣିରୁ ଜରୁରୀ ଖଣିଜ ପଦାର୍ଥ ବାହାର କରିଦିଏ। ସେଥିପାଇଁ ସେମାନେ ହିମାଳୟ କିମ୍ବା ୟୁରୋପର ପର୍ବତମାଳାରୁ ଆସୁଥିବା 'ନାଚ୍ୟୁରାଲ ମିନେରାଲ ୱାଟର' ପସନ୍ଦ କରୁଛନ୍ତି।

**ପାଣିର ଏ ବଡ଼ କାରବାର ଦେଖି ଅନେକ ସ୍ଥାନରେ ନକଲି ମିନେରାଲ ୱାଟର ସଂସ୍ଥା ବାହାରି ପଡ଼ିଲେଣି, ଯେଉଁମାନେ କି ନଳରେ ଆସୁଥିବା ପାଣିକୁ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପୂରାଇ ବେପାର ଚଳାଇଛନ୍ତି। ବଡ଼ ହୋଟେଲ ଓ ରେଷ୍ଟୁରାଷ୍ଟରେ ବହୁରାଷ୍ଟ୍ରୀୟ କମ୍ପାନୀର ପାଣି ବୋତଲ ପର୍ଯ୍ୟାପ୍ତ ବ୍ୟବହାର ହେଉଥିବା ବେଳେ ଯେଉଁ ଗ୍ରାମାଞ୍ଚଳରେ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁଛି, ସେଠାକୁ ମଧ୍ୟ ବୋତଲ ପାଣି ସଂସ୍କୃତି ପ୍ରବେଶ କରିଗଲାଣି।**

ଅର୍ଥଶାସ୍ତ୍ରରେ ଦୁଇ ପ୍ରକାର ସାମଗ୍ରୀ କଥା କୁହାଯାଇଛି। ମୁକ୍ତ ସାମଗ୍ରୀ ଓ ଅର୍ଥନୈତିକ ସାମଗ୍ରୀ। ସାଧାରଣରେ ଉପଲବ୍ଧ ପାଣି ସମସ୍ତଙ୍କ ପାଇଁ ମୁକ୍ତ ହୋଇଥିବା ବେଳେ ବଜାରରେ ବୋତଲଭର୍ତ୍ତି ପାଣି ଅର୍ଥନୈତିକ ସାମଗ୍ରୀ ପର୍ଯ୍ୟାୟଭୁକ୍ତ। ଏବେ ପ୍ରିମିୟମ ୱାଟର କଥା ଚର୍ଚ୍ଚା ହେଉଛି। ଭାରତ ସମେତ ବିଶ୍ୱବ୍ୟାପୀ ପାଣି ବୋତଲ ବ୍ୟବସାୟ ବଢ଼ିଚାଲିଛି। ବର୍ତ୍ତମାନ ସ୍ଥିତିରେ ଯେଉଁଭଳି ଭାବେ ପାଣି ସଙ୍କଟ ଦେଖାଦେବା ସହ ଆନ୍ତଃରାଜ୍ୟ ଓ ଆନ୍ତଃରାଷ୍ଟ୍ର ଦ୍ୱନ୍ଦ୍ୱ ବଢ଼ିଚାଲିଛି, କୁହାଗଲାଣି ଯଦି କେବେ ତୃତୀୟ ବିଶ୍ୱଯୁଦ୍ଧ ହୁଏ ତାହା ହେଲେ ପାଣି ହେବ ବିବାଦର ବିନ୍ଦୁ। ମନେରଖିବାକୁ ହେବ ଯେ, ଯେଉଁମାନେ ପାଣି ବୋତଲ ବ୍ୟବସାୟ କରୁଛନ୍ତି ସେମାନେ ପାଣି ତିଆରି କରୁ ନାହାନ୍ତି, ବରଂ ତାହାର ଉତ୍ସ, ପ୍ୟାକେଜିଂ ବିଷୟରେ କେବଳ ଭଲ ଭାବେ ଉଲ୍ଲେଖ କରୁଛନ୍ତି। ଯିଏ ଯେଭଳି ବ୍ରାଣ୍ଡିଂ କରିପାରିଲେ ସେହି ଅନୁଯାୟୀ ପାଣି ବିକି ଚାଲୁଛନ୍ତି। ଏଭଳି ସ୍ଥଳେ ଫ୍ରାନ୍ସର ଏଭିଆନ୍, ଆମେରିକାର ସାରାଟୋଗା, ଭାରତର ହିମାଲୟନ, ଆଭା, ବିସ୍‌ଲେରି ଆଦି ବୋତଲ କମ୍ପାନୀ ସେମାନଙ୍କ ଗ୍ରାହକଙ୍କ ସଂଖ୍ୟା ବଢ଼ାଇ ଚାଲିଛନ୍ତି। ଅଧିକାଂଶ କ୍ଷେତ୍ରରେ ଏହିସବୁ କମ୍ପାନୀ ପ୍ଲାଷ୍ଟିକ୍ ବୋତଲରେ ପାଣି ବିକୁଛନ୍ତି। ନୂଆ ଗବେଷଣାରୁ ଜଣାପଡୁଛି ଯେ, ଏଭଳି ପାଣିରେ ଅଧିକ ମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ୍ ରହୁଛି, ଯାହା ଶରୀର ପାଇଁ କ୍ଷତିକାରକ। ଏଥିସହିତ ସେହି ପ୍ଲାଷ୍ଟିକ ବୋତଲ ପ୍ରଦୂଷଣର କାରଣ ମଧ୍ୟ ପାଲଟୁଛି। ପାଣିର ଏ ବଡ଼ କାରବାର ଦେଖି ଅନେକ ସ୍ଥାନରେ ନକଲି ମିନେରାଲ ୱାଟର ସଂସ୍ଥା ବାହାରି ପଡ଼ିଲେଣି, ଯେଉଁମାନେ କି ନଳରେ ଆସୁଥିବା ପାଣିକୁ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପୂରାଇ ବେପାର ଚଳାଇଛନ୍ତି। ବଡ଼ ହୋଟେଲ ଓ ରେଷ୍ଟୁରାଷ୍ଟରେ ବହୁରାଷ୍ଟ୍ରୀୟ କମ୍ପାନୀର ପାଣି ବୋତଲ ପର୍ଯ୍ୟାପ୍ତ ବ୍ୟବହାର ହେଉଥିବା ବେଳେ ଯେଉଁ ଗ୍ରାମାଞ୍ଚଳରେ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁଛି, ସେଠାକୁ ମଧ୍ୟ ବୋତଲ ପାଣି ସଂସ୍କୃତି ପ୍ରବେଶ କରିଗଲାଣି।

ପ୍ରଦୂଷଣ ନିୟନ୍ତ୍ରଣ, ଜଳଉତ୍ସ ସଂରକ୍ଷଣ ଓ ବିଶୁଦ୍ଧ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଏହି ଧାରା ଜାରି ରହିଲେ ଆଗକୁ କମ୍ପାନୀଗୁଡ଼ିକ ବିଶୁଦ୍ଧ ପାଣି ସହ ପବନ ମଧ୍ୟ ବିକିବାକୁ ଆଗେଇ ଆସିବେ।



# ବଜେଟ: ବିକଶିତ ଭାରତ, ଓଡ଼ିଶାର ନକ୍ସା

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଂସଦରେ ମୋଦି ସରକାରଙ୍କର ଦ୍ୱାଦଶ ବର୍ଷରେ ଦେଶର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଲଗାତର ନବମ ଥର ପାଇଁ ଦେଶର ବଜେଟ ଉପସ୍ଥାପନ କରିଛନ୍ତି। ନୂତନ ସଂସଦ ଭବନ ସେଣ୍ଟ୍ରାଲ ଭିସ୍ତାରୁ ଏହା ହେଉଛି ଦେଶର ପ୍ରଥମ ବଜେଟ। ନିର୍ମଳା ସୀତାରମଣଙ୍କର ବଜେଟରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଦେଶର ଅର୍ଥନୀତି ଓ ସାଧାରଣ ଜନତାଙ୍କ ରୋଜଗାର ଓ ଜୀବନ ଧାରଣର ମାନରେ ଉନ୍ନତିର ବାର୍ତ୍ତାକୁ ଚିହ୍ନିକରି ବୁଝିବାକୁ ଚେଷ୍ଟା କରିଛି। ଆମ ଦେଶର ବିଭିନ୍ନ ବିରୋଧୀ ରାଜନୈତିକ ଦଳର ଆଭିମୁଖ୍ୟକୁ ମଧ୍ୟ ଭଲ ଭାବେ ବୁଝିବାକୁ ଚେଷ୍ଟା କରିଛି। ଏହି ରାଷ୍ଟ୍ରୀୟ ବଜେଟରେ ଆମ ରାଜ୍ୟ ଓଡ଼ିଶା ପାଇଁ କି କି ଯୋଜନା, କାର୍ଯ୍ୟକ୍ରମ ତଥା ସୁଯୋଗ ଓ ଆହ୍ୱାନ ଅଛି, ଏହା ଉପରେ ଲମ୍ବା ସମୟ ଧରି ବିଶେଷଜ୍ଞ, ସାଧାରଣ ଲୋକଙ୍କ ସହ ଆଲୋଚନା କରିଛି। ତିନି ଦଶନ୍ଧିର ମୋର ରାଜନୈତିକ ଯାତ୍ରା ଓ ଅନୁଭବ ଆଧାରରେ ମୁଁ ନିଜେ ଦେଶ ଓ ବିଶେଷକରି ଓଡ଼ିଶାର ବିକାଶ ପରିପ୍ରେକ୍ଷୀରେ ତର୍ଜମା କରିବାକୁ ଚେଷ୍ଟା କରିଛି।

ଏହି ନିବନ୍ଧ ମାଧ୍ୟମରେ ଆମ ରାଜ୍ୟର ଛାତ୍ର, ଯୁବକ, ମହିଳା, କୃଷକ, ଗରିବଙ୍କ ସମେତ ଶିଳ୍ପ, ବାଣିଜ୍ୟ, ସଂସ୍କୃତି ନେଇ କାମ କରୁଥିବା ଓ ଆଗ୍ରହ ରଖିଥିବା ଜନସାଧାରଣଙ୍କ ସହ ଭାବର ଆଦାନ ପ୍ରଦାନ କରିବା ମୋର ଇଚ୍ଛା। ଆପଣମାନେ ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ସରକାରୀ ଯୋଗାଯୋଗ ମାଧ୍ୟମରେ ମୋ ପାଇଁ ଆପଣମାନଙ୍କ ମନ୍ତବ୍ୟ ଦେବା ପାଇଁ ଅନୁରୋଧ କରୁଛି। ମୋର ଦୃଢ଼ ବିଶ୍ୱାସ ଆମେ ଖାଲି ନିର୍ବାଚିତ ସରକାର ଚଳାଉନୁ, ଆମେ ଲୋକଙ୍କ ସରକାର ଚଳାଉଛୁ। ସେଥିପାଇଁ ଆପଣମାନେ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି। ଖାଲି ଶବ୍ଦରେ ନୁହେଁ, ମୋର ନିତିଦିନିଆ କାମରେ ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଲୋକଙ୍କ ମୁଖ୍ୟମନ୍ତ୍ରୀ ସମ୍ବୋଧନର ସମ୍ମାନ ରକ୍ଷା କରିବାର ପ୍ରତିଶ୍ରୁତି ସହ ମୋର ମୂଳ ବିଷୟକୁ ଆସୁଛି।

ଯେତେବେଳେ ଦେଶର ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ଶେଷ କରୁଥିଲେ, ମୋ ମନରେ ଏହି ବଜେଟକୁ ଅଳ୍ପ ବାକ୍ୟରେ କେମିତି ବର୍ଣ୍ଣନା କରାଯାଇପାରିବ ପ୍ରଶ୍ନ ଉଙ୍କିମାରୁଥିଲା। ମୋତେ ବ୍ୟକ୍ତିଗତ ଭାବରେ ଲାଗିଲା ଗୋଟିଏ ଆର୍ଥିକ ବର୍ଷ ପାଇଁ ଅସ୍ପଷ୍ଟତା ବଦଳରେ ସ୍ପଷ୍ଟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ହୁଏତ ଗୋଟିଏ ଆର୍ଥିକ ବର୍ଷରେ ଲେଖାଯୋଖା ଅଛି। ମାତ୍ର ୨୦୪୭ ସୁଦ୍ଧା ବିକଶିତ ଭାରତର ରୋଡ୍‌ମ୍ୟାପ୍ ସହ ଏହି ଯାତ୍ରାକୁ ଆହୁରି ଗତି ଦେବା ପାଇଁ ଏ ବଜେଟ ଉଦ୍ଦିଷ୍ଟ। ୨୦୩୬ ମସିହାରେ ଆମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟଭାବେ ଗଠିତ ହେବାର ୧୦୦ ବର୍ଷରେ ପହଞ୍ଚିବ। ମାନେ ଆଉ ୧୦ ବର୍ଷରେ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାର ଅନେକ ସୁଯୋଗ ଓ ସମ୍ଭାବନାର ସମ୍ଭାରକୁ ଏହି ବଜେଟରେ ରଖାଯାଇଛି। ମୋଦିଜୀଙ୍କ ଦୃଢ଼ ନେତୃତ୍ୱରେ ଦେଶ ପ୍ରଗତିର ଚରମ ଶୀର୍ଷରେ ପହଞ୍ଚିବ। ତାଙ୍କ ମାର୍ଗଦର୍ଶନରେ ୨୦୩୬ର ବିକଶିତ ଓଡ଼ିଶା ଓ ୨୦୪୭ରେ ବିକଶିତ ଭାରତର ନିର୍ମାଣରେ ବଡ଼ ଭୂମିକା ନେବ। ଏଥିପାଇଁ ଏହି ବଜେଟ ତା'ର କ୍ଷେତ୍ର ପ୍ରସ୍ତୁତି କରିଛି ବୋଲି ମୋର ସ୍ପଷ୍ଟ ମତ।

ମୋର ଓଡ଼ିଶାର ଭାଇ ଓ ଭଉଣୀମାନେ, ଆମ ଦେଶ ଭାରତ ଆଜିଦିନରେ ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ କାରଣରୁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇପାରିଛି। ଯେଉଁ ବ୍ରିଟିଶ ଶାସନ ଆମକୁ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଗୋଲାମ କରିଥିଲା, ସେହି ଦେଶ ଇଂଲଣ୍ଡକୁ ପଛକୁ ଠେଲି ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଛୁ। ଚତୁର୍ଥ ସ୍ଥାନରେ ପହଞ୍ଚିବାର ଆମର ସାଙ୍କେତିକ ପକ୍ଷକୁ ବୁଝନ୍ତୁ। ଏହାଦ୍ୱାରା ଦେଶର ଯୁବଶକ୍ତିର ଆତ୍ମବିଶ୍ୱାସ ବୃଦ୍ଧି ଉପରେ ମନସ୍ତାତ୍ତ୍ୱିକ ପ୍ରଭାବକୁ ବି ଅନୁଭବ କରନ୍ତୁ। ଖୁବ୍‌ଶୀଘ୍ର ପୃଥିବୀର ତୃତୀୟ ବୃହତ୍ତମ ଏବଂ ୨୦୪୭ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ଅର୍ଥନୀତି ହେବାର ମନୋବଳକୁ ଓଡ଼ିଆ ଭାବରେ ଆସନ୍ତୁ, ଆମେ ଆହୁରି ଦୃଢ଼ କରିବା। ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା କାହିଁକି ଗରିବ, ଏ ହୀନମନ୍ୟତାରୁ ଓଡ଼ିଆ ଜାତିକୁ ଉପରକୁ ଉଠାଇବାର ସମୟ ଆସିଛି। ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ଆଦିବାସୀ ଜନସଂଖ୍ୟା ସହିତ ପରିଶ୍ରମୀ ଓ ବୁଦ୍ଧିମାନ ଓଡ଼ିଆ ଜାତି ପାଇଁ ଏହି ବଜେଟ ହେଉଛି ୨୦୩୬ ପର୍ଯ୍ୟନ୍ତ ଆଗାମୀ ୧୦ ବର୍ଷ ପାଇଁ ଏବଂ ୨୦୪୭ ପର୍ଯ୍ୟନ୍ତ ଆଗାମୀ ୨୧ ବର୍ଷ ପାଇଁ ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଏହି ବଜେଟରେ ପରିସଂଖ୍ୟାନ ନେଇ ତର୍କବିତର୍କ ତ ଚାଲିଛ, ମାତ୍ର ଏଥିରେ ଆମ ରାଜ୍ୟ ଓଡ଼ିଶାର ସଂକଳ୍ପକୁ ରାଜ୍ୟର ବିକାଶର ଗତିକୁ ଆହୁରି ଗତିଶୀଳ କରିବା ପାଇଁ ମାନନୀୟ ମୋଦିଜୀ ଓ ସୀତାରମଣଜୀଙ୍କ ଦୂରଦର୍ଶୀ ଯୋଜନା ଉପରେ ଏହି ସୀମିତ ସ୍ଥାନରେ ଚୁମ୍ବକ ଚୁମ୍ବକରେ କିଛି ଲେଖିବା ସହ ଏହା ଉପରେ ଆପଣମାନେ ବିସ୍ତୃତ ତର୍କବିତର୍କ ଓ ଆଲୋଚନା କରିବାକୁ ଆହ୍ୱାନ ଜଣାଉଛି। ଓଡ଼ିଶା ପାଇଁ ମୋଦିଜୀଙ୍କ 'ରେଆର୍ ଆର୍ଥ କରିଡର' ଆମ ପ୍ରାକୃତିକ ସମ୍ପଦ, ପରିଶ୍ରମୀ ଏବଂ ବୁଦ୍ଧିମାନ ଓଡ଼ିଆଙ୍କ ସୃଜନଶୀଳତାରେ ଖାଲି ଓଡ଼ିଶାର ନୁହେଁ ବରଂ ଦେଶର ବିକାଶରେ ଏକ ପ୍ରମୁଖ ଭୂମିକା ନେବ। ଏହାର ସଫଳତା ଦେଶର ହାଇଟେକ୍ ତଥା ଭବିଷ୍ୟତର ବିକାଶର ମାପଦଣ୍ଡ ଇଲେକ୍ଟ୍ରିକ୍ ଯାନବାହନ, ପବନଚାଳିତ ଟର୍ବାଇନ୍, ସେମିକଣ୍ଡକ୍ଟର ଏବଂ ବହୁ ଆଧୁନିକ ପ୍ରଯୁକ୍ତି ବିଦ୍ୟାସମ୍ପନ୍ନ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାଇଁ ଆମ ରାଜ୍ୟର ଉତ୍ପାଦ ଏକ ପ୍ରମୁଖ ଭୂମିକା ନେବ। ଏଥିପାଇଁ ଏଥରର କେନ୍ଦ୍ରୀୟ ବଜେଟ ସମ୍ପୂର୍ଣ୍ଣ ଭ୍ୟାଲୁ ଚେନ୍‌କୁ ମାନେ ଖଣି, ଖଣିଜ ସମ୍ପଦ, ଏହାର ପ୍ରକ୍ରିୟାକରଣ ଏବଂ ଫିନିସ୍ଡ ଉତ୍ପାଦ ପାଇଁ ଯୋଜନା ଓ ଅର୍ଥ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେଇଛି। ଖଣିଜ ତଥା ଡାଉନଷ୍ଟ୍ରିମ୍ ଶିଳ୍ପରେ ଓଡ଼ିଶା ସାରା ଦେଶର ପେଣ୍ଠସ୍ଥଳୀ ହେବାରେ ସହାୟକ ହେବ।

ବଜେଟରେ ଓଡ଼ିଶା ପାଇଁ ଏହି ବ୍ୟବସ୍ଥା ରାଜ୍ୟର ବହୁ ବଡ଼ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟିକରିବ। ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦନ, ଗବେଷଣା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ଓଡ଼ିଶାକୁ ଦେଶର କେନ୍ଦ୍ରସ୍ଥଳ କରିବା ପାଇଁ ଏହି ବଜେଟ ଆମ ଓଡ଼ିଆମାନଙ୍କ ପାଇଁ ସୁଯୋଗ ଆଣି ଦେଇଛି। ଖଣି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ, ପ୍ରକ୍ରିୟାକରଣ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ଓଡ଼ିଶାର ପରିଚୟ ହୋଇପାରିବ। ଆମ ରାଜ୍ୟ ଓଡ଼ିଶା ସହ କେରଳ, ଆନ୍ଧ୍ର ଓ ତାମିଲନାଡୁ ମଧ୍ୟ ଏହି ଯୋଜନାରେ ସାମିଲ ଅଛନ୍ତି। ଆମ ଉପକୂଳ ଅଞ୍ଚଳର ମୋନାଜାଇଟ୍‌ଯୁକ୍ତ ବାଲିର ସଦୁପଯୋଗକରି ଚୀନ ଉପରେ ଆମ ଦେଶର ଆମଦାନୀକୁ ବହୁମାତ୍ରାରେ କମାଯାଇପାରିବ। ଆମେ ସମୃଦ୍ଧହେବା ଏବଂ ଆମ ରାଜ୍ୟ ଦେଶ ସମୃଦ୍ଧିରେ ବଡ଼ ଭୂମିକା ନେବ। ଏହା ତ ଆମ ଓଡ଼ିଆମାନଙ୍କର ୨୦୩୬ ଏବଂ ୨୦୪୭ ପାଇଁ ସ୍ୱପ୍ନ ! ଏ ବଜେଟ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବ।

ଭିତ୍ତିଭୂମି, ବିଶେଷ ଭାବରେ ରେଳଲାଇନ, ରାସ୍ତା ନେଟ୍‌ୱର୍କ ତଥା ପ୍ରଦୂଷଣ ରହିତ ଜଳପଥ-ମାନେ ସବୁଜ ଲଜିଷ୍ଟିକ୍ସ କ୍ଷେତ୍ରରେ ଏ ବଜେଟ ବଡ଼ ସୁଯୋଗ ଆଣି ଦେଉଛି ବୋଲି ବଜେଟ ଭାଷଣ ଶୁଣୁଶୁଣୁ ମୋତେ ଅନୁଭବ ହୋଇଥିଲା। ଏଥର ରେଳ ବଜେଟ କ୍ଷେତ୍ରରେ ଆମ ରାଜ୍ୟ ପାଇଁ ୧୦,୯୨୮ କୋଟି ଟଙ୍କାର ବ୍ୟୟବରାଦର ଆକଳନ କରାଯାଇଛି। ୨୦୨୫-୨୬ ବଜେଟରେ ୧୦, ୫୯୯ ଏବଂ ୨୦୨୪-୨୫ ବଜେଟରେ ଏହା ୧୦, ୫୩୬ କୋଟି ଥିଲା। ୨୦୧୪ ପୂର୍ବରୁ ୮୦୦ କୋଟି ଆମ ପାଇଁ ସ୍ୱପ୍ନ ଥିଲା। ଏହି ବଜେଟରେ ୫ନଂ. ଜାତୀୟ ଜଳପଥର ବିକାଶ ଆମ ଗ୍ରୀନ୍ ଅର୍ଥନୀତିର ଆଧାର ହେବ। ଆମର କୋଇଲା ଏବଂ ଖଣିଜ ଓ ଶିଳ୍ପ ହବ୍ ତାଳଚେର, ଅନୁଗୋଳ, କଳିଙ୍ଗନଗର, ପାରାଦୀପ ଏବଂ ଧାମରା ଆଦିକୁ ଆମର ନଦୀମାନଙ୍କ ସହ ଯୋଡ଼ିବ। ନଦୀ ଓ ଜଳ ସମ୍ପଦରେ ପୂର୍ଣ୍ଣ ଓଡ଼ିଶା କାହିଁକି ଗରିବ, ଏ ପ୍ରଶ୍ନ ପଚାରିବାକୁ ଆଉ ପଡ଼ିବ ନାହିଁ, ବରଂ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାର ମାଧ୍ୟମ ହେବ। ପୂର୍ବ-ପଶ୍ଚିମ ସମର୍ପିତ ମାଲ ବୁହା କରିଡର ପଶ୍ଚିମବଙ୍ଗର ଡାଙ୍କୁଣିରୁ ଗୁଜରାଟର ସୁରଟରେ ପହଞ୍ଚିବ। ଓଡ଼ିଶା ଦେଇ ଯାଉଥିବା ଏହି କରିଡର ଆମର ଶିଳ୍ପ ବିକାଶକୁ ରାଷ୍ଟ୍ରୀୟ ଅର୍ଥନୀତି ସହ ଯୋଡ଼ିବ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରେ ସାରା ବିଶ୍ୱରେ ଓଡ଼ିଶା ପାଇଁ ପରିଚୟ ହୋଇଛି ଆମର ଅତିଥି 'ଅଲିଭ୍ ରିଡ୍‌ଲେ କଇଁଛ'। ଆମର ଉପକୂଳର ଗହୀରମଥା ଏବଂ ଋଷିକୁଲ୍ୟା ମୁହାଣ ମୋଦିଜୀଙ୍କ ବଜେଟ 'ଟର୍ଟଲ ଟ୍ରେଲ୍ସ' ଓଡ଼ିଶାକୁ ବିଶ୍ୱ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟନ ମାନଚିତ୍ରରେ ଏପରି ଏକ ସ୍ଥାନ ଦେବ ଯାହା ଭାରତର କୌଣସି ଉପକୂଳ ରାଜ୍ୟର ଭାଗ୍ୟରେ ସମ୍ଭବ ନୁହେଁ। ଆମ ସମୁଦ୍ର ଆମର ଆର୍ଥିକ ଉପଯୋଗରେ କାହିଁକି ଆସୁନି, ଏ ପ୍ରଶ୍ନ ଉଠାଇବାର ଆଉ ସୁଯୋଗ ରହିବନି। ମୋଦିଙ୍କ 'ଟର୍ଟଲ ଟ୍ରେଲ୍ସ' ଆମ ଉପକୂଳ ପାଇଁ ଅନନ୍ୟ ସୁଯୋଗ ଆଣିବ।

ମୋର ମନେଅଛି ୨୦୧୬ ମସିହାରେ ମୋଦିଜୀ ଇଣ୍ଡିଆନ୍ ଅଏଲ୍ ରିଫାଇନେରି ଉଦ୍‌ଘାଟନ ସମୟରେ କହିଥିଲେ, ଏହା ପାରାଦୀପ ନୁହେଁ ଏହା ହେବ ଓଡ଼ିଆ ଯୁବଶକ୍ତିର ବିକାଶ ଦୀପ। ପାରାଦୀପକୁ କେନ୍ଦ୍ରକରି ପୂରା ଆମ ଓଡ଼ିଶାର ଶିଳ୍ପାୟନ ଏବଂ ବିକାଶର ସ୍ୱପ୍ନ ଦେଖାଇଥିଲେ। ଏବେ ବଜେଟରେ କେମିକାଲ୍ସ ପାର୍କ ଉପରେ ଗୁରୁତ୍ୱ ପାରାଦୀପରେ ବିକଶିତ ପେଟ୍ରୋକେମିକାଲ ଇକୋସିଷ୍ଟମରେ ବଡ଼ ପୁଞ୍ଜି ଯୋଡ଼ି ହେବାର ସୁଯୋଗ ତିଆରି କରିଛି ଏହି ବଜେଟ୍।

ଦେଶର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ଦ୍ରୁତ ବିକାଶ ପାଇଁ ବଡ଼ ବଜେଟ ବ୍ୟବସ୍ଥା ଓଡ଼ିଶାରେ ସିଲିକନ୍ ଏବଂ ସେମିକଣ୍ଡକ୍ଟର ଶିଳ୍ପକ୍ଷେତ୍ରରେ ବଡ଼ ବିକାଶର ସୁଯୋଗ ସୃଷ୍ଟି କରିବ। ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଏବଂ ମାନୁଫାକ୍ଚରିଂ ଏ ବଜେଟରେ ଗୁରୁତ୍ୱ ପାଇଛି। ମୋର ଦୃଢ଼ବିଶ୍ୱାସ, ବିଶ୍ୱର ବଡ଼ ଶିଳ୍ପ ଅନୁଷ୍ଠାନମାନଙ୍କର ଓଡ଼ିଶା ଉପରେ ଭରସା ଏହି ସମ୍ଭାବନାକୁ ଆହୁରି ବଢ଼ାଇବ। ମୁଁ ନିଜେ ବିଶ୍ୱର ବିଭିନ୍ନ ଦେଶ ଏବଂ ଆମ ଦେଶର ବଡ଼ ବଡ଼ ସହରକୁ ଯାଇ ପୁଞ୍ଜିପତିମାନଙ୍କ ସହ ବ୍ୟକ୍ତିଗତ କଥା ହେଉଛି। ଉତ୍କର୍ଷ ଓଡ଼ିଶା ବ୍ୟାପକ ସଫଳ ହୋଇଥିଲା। ପ୍ରବାସୀ ଭାରତୀୟ ଦିବସରେ ବିଶ୍ୱର ଭାରତୀୟ ଶିଳ୍ପପତିମାନେ ଓଡ଼ିଶା ଆସି ମୋଦି ଗ୍ୟାରେଣ୍ଟିରେ 'ୟହି ସମୟ ହେ, ସହି ସମୟ ହେ' ଆହ୍ୱାନରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ କାମ କରୁଛନ୍ତି। ଏହି ବଜେଟ ଆମର ଆଶାକୁ ଆହୁରି ବଢ଼ାଇଛି। ମୁଁ ଆହୁରି ନୂଆ ନୂଆ ପୁଞ୍ଜିନିବେଶକାରୀଙ୍କୁ ଏହି ସୁଯୋଗରେ ଆମନ୍ତ୍ରଣକରି ଆମ ଯୁବପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟିକରିବା ପାଇଁ ଯୋଜନା ଓ ପରିଶ୍ରମର ସହ କାମ କରିବି ।

ଏହି ବଜେଟରେ ରାଜ୍ୟମାନଙ୍କୁ ସୁଧମୁକ୍ତ ଦୀର୍ଘମିଆଦୀ ଋଣ ପାଇଁ ୧.୮୫ ଟ୍ରିଲିଅନ ଅର୍ଥ ବ୍ୟବସ୍ଥା କରାଯାଇଛି। ମୋଦିଜୀଙ୍କ ପ୍ରାଥମିକତା ପୂର୍ବ ଭାରତ ହୋଇଥିବାରୁ ଆମେ ଆମର ଦୀର୍ଘମିଆଦୀ ଭିତ୍ତିଭୂମି ପାଇଁ ଏହାର ସଦୁପଯୋଗ କରିବା ପାଇଁ ବଡ଼ ସୁଯୋଗ ସୃଷ୍ଟିହେବ।

ନିବନ୍ଧରେ ଶବ୍ଦର ସୀମା ଅଛି। ଅନେକ କଥା ଆପଣଙ୍କ ସହ ଆଲୋଚନା କରିବାର ଇଚ୍ଛା ଅଛି। ଏହି ବଜେଟ ଦେଶର ସାମାଜିକ ସୁରକ୍ଷା ଓ ସାଧାରଣବର୍ଗ ଯଥା ଯୁବକ, ମହିଳା, କୃଷକ ଓ ଆଦିବାସୀ ବିଶେଷ ଭାବରେ ଗରିବଙ୍କ ରୋଜଗାର ବଢ଼ାଇବା ପାଇଁ ଭିନ୍ନ ଭିନ୍ନ ସୁଯୋଗ ସୃଷ୍ଟି କରିଛି। ପ୍ରକୃତପକ୍ଷେ ଏହି ବଜେଟ ମୋଦିଜୀଙ୍କର ସ୍ଲୋଗାନ 'ସବ୍‌କା ସାଥ୍- ସବ୍‌କା ବିକାଶ'କୁ କ୍ରିୟାନ୍ୱୟନ କରିବା ପାଇଁ ସୁଯୋଗ ସୃଷ୍ଟି କରିଛି। ମୋଦିଜୀଙ୍କ ନେତୃତ୍ୱରେ ଆମ ଶାସନର ମୂଳ ଆଧାର ଜନଭାଗୀଦାରି। ବିକାଶକୁ ମୋଦିଜୀ ଜନ ଆନ୍ଦୋଳନର ରୂପ ଦେଇଛନ୍ତି। ଆସନ୍ତୁ, ଏହି ରାଷ୍ଟ୍ରୀୟ ସ୍ରୋତରେ ଆମେ ଓଡ଼ିଆମାନେ ବଡ଼ ଭୂମିକା ନେବା।



# ପ୍ରଶ୍ନ ଏକ, ଉତ୍ତର ଅନେକ

ଡ. ସୀତାକାନ୍ତ ତ୍ରିପାଠୀ

ରାଜ୍ୟର ରାଜା ପାତ୍ର-ମନ୍ତ୍ରୀମାନଙ୍କ ସହ ରାଜଉଆସ ପରିସରରେ ଥିବା ପୋଖରୀ କୂଳରେ ବସି ରାଜ୍ୟର ହାଲ୍‌ଚାଲ୍ ବିଷୟରେ ଆଲୋଚନା କରୁଥାଆନ୍ତି। ସମସ୍ତ ପଦାଧିକାରୀ ନିଜ ନିଜର ପାରିବାପଣିଆର ହିସାବକିତାବ ଦେଉଥାଆନ୍ତି। ହଠାତ୍ ରାଜା ଟେକାଟିଏ ଧରି ପୋଖରୀକୁ ଛାଟି ଦେଲେ। ସଙ୍ଗେ ସଙ୍ଗେ ଏହା ପାଣିରେ ବୁଡ଼ିଗଲା। ରାଜା ପଚାରିଲେ, ଆପଣମାନେ କହିଲେ ଦେଖି ଟେକାଟି ପାଣିରେ କାହିଁକି ବୁଡ଼ିଗଲା ? ଜଣେ କହିଲେ, ଆଜ୍ଞା ଏହା ଅପସାରଣ କରୁଥିବା ପାଣିଠାରୁ ଅଧିକ ଓଜନ, ତେଣୁ ଏହା ବୁଡ଼ିଗଲା। ରାଜା କହିଲେ, ଯାହାହେଉ ଆପଣ ବିଜ୍ଞାନର ଚାଷ ଠିକ୍ କରିଛନ୍ତି। ଆଉ ଜଣେ କହିଲେ, ରାଜା ଏତେ ବଳ ଦେଇ ଟେକାଟିକୁ ଛାଟିଦେଲେ, ତାହା ନ ବୁଡ଼ି କ'ଣ ଭାସିବ ? ରାଜା ରାଗିଯାଇ କହିଲେ, ତା'ହେଲେ ଆପଣ ମୋର ସାମର୍ଥ୍ୟକୁ ଏଇ ସାମାନ୍ୟ ଟେକା ଛାଟିବା ସହ ତୁଳନାକଲେ ? ଏକଥା ଶୁଣି କହିଥିବା ଲୋକ ଜଣକ ଲଜ୍ଜାରେ ମୁହଁ ତଳକୁ କରି ବସିଲେ। ସେଠାରେ ଚା, ଜଳଖିଆ ପରଷୁଥିବା ଲୋକ ଜଣକ କହିଲା, ହଜୁର ! ଆପଣ ଯାହାକୁ ଧରିବେ ସେ ହିଁ ଏ ସଂସାରରେ ତିଷ୍ଠିପାରିବ ଆଉ ଉନ୍ନତି କରିବ ଆଉ ଯାହାଠାରୁ ଆପଣ ହାତ କାଢ଼ିନେବେ କିମ୍ବା ହାତ ଛିଞ୍ଚାଡ଼ିଦେବେ ସେ ପାଣିରେ ବୁଡ଼ି ମରିବା ସାର ହେବ। ଆପଣ ଚାହିଁଲେ ଟେକାଟି ଭାସିବ ଏବଂ ଚାହିଁଲେ ବୁଡ଼ିବ। ଏକଥା ଶୁଣି ରାଜା ଘୋଷଣାକଲେ ଇଏ ହିଁ ହେଉଛି ଆମ ରାଜ୍ୟର ପରବର୍ତ୍ତୀ ରାଜ ଉପଦେଷ୍ଟା। ସମସ୍ତେ ରାଜାଙ୍କ ନିଷ୍ପତ୍ତିକୁ ସ୍ୱାଗତକଲେ, କିନ୍ତୁ ରାଜା ପଚାରିଥିବା ପ୍ରଶ୍ନଟିର କେଉଁଟି ଠିକ୍ ଉତ୍ତର ଏବଂ କେଉଁଠି ପ୍ରଶଂସାର ଅର୍ଘ୍ୟ ପାଇବା ଉଚିତ ତାହା ବୁଦ୍ଧିଜୀବୀ ମହଲରେ ଅବୁଝା ରହିଲା କିମ୍ବା ଜାଣିଶୁଣି ତାହା ଆଲୋଚନାରୁ ବାଦ୍ ଦିଆଗଲା ତାହା ଏଠାରେ ବଖାଣିବା ମୂର୍ଖାମି।

ପ୍ରାକୃତିକ ବିଜ୍ଞାନର ନିର୍ଣ୍ଣୟ ଏବଂ ଉତ୍ତର ସର୍ବଦା ଏକ ହୋଇଥିବାବେଳେ ସମାଜ ବିଜ୍ଞାନର ଉତ୍ତର ଭିନ୍ନ ହେବା ସମ୍ଭାବନା ଥାଏ। କାରଣ ସ୍ଥାନ, କାଳ ଓ ପାତ୍ର ଭେଦରେ ମଣିଷର ମନ ପରିବର୍ତ୍ତନଶୀଳ। ଏସବୁ କ୍ଷେତ୍ରରେ କିନ୍ତୁ ବର୍ଷା ଯୁଆଡ଼େ ଛତା ସିଆଡ଼େର ପ୍ରାସଙ୍ଗିକତା ନ ଥାଏ। କାରଣ ବେଳେବେଳେ ବର୍ଷା ହଠାତ୍ ତା'ର ଦିଗ ବଦଳାଇ ଦେଇପାରେ କିମ୍ବା ଛତାଟି ହୁଏତ ବର୍ଷାକୁ ସାମ୍ନା କରିବାର ସାମର୍ଥ୍ୟ ରଖି ନ ପାରେ। ତା'ଛଡ଼ା ସୂର୍ଯ୍ୟ ଯଦି ବାଦଲ ଆଚ୍ଛାଦିତ ହୋଇ ଯାଆନ୍ତି ତେବେ ତାଙ୍କର ଉପସ୍ଥିତି ନାହିଁ ବୋଲି କହିହେବ ନାହିଁ। ସେହି ନ୍ୟାୟରେ ଗୋଟିଏ ପ୍ରଶ୍ନର ଉତ୍ତରକୁ ଆମେ ଭିନ୍ନ ଭାବେ ପରିପ୍ରକାଶ କରିପାରନ୍ତି, କିନ୍ତୁ ସତ୍ୟ ଏବଂ ଠିକ୍ ଉତ୍ତରକୁ ଚାପିଦେବା କଷ୍ଟକର ବ୍ୟାପାର। ଯଦି ଏହାକୁ ଆମେ ସୂକ୍ଷ୍ମ ଦୃଷ୍ଟିରେ ବିଚାରକରିବା ତା'ହେଲେ ହୁଏତ ସତ୍ୟ ପରିପ୍ରକାଶ ସାମାଜିକ, ଧାର୍ମିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ଅଲଗା ହୋଇପାରେ। ପ୍ରଶ୍ନ ସାଙ୍ଗରେ ଉତ୍ତର ତାଳମେଳ ଖାଇବା, ସବୁବେଳେ ସମ୍ଭବ ହୋଇ ନ ଥାଏ। ତେଣୁ ପ୍ରଶ୍ନ ଅନୁଯାୟୀ ଉତ୍ତର ବଦଳାଇବା ସବୁବେଳେ ସମ୍ଭବପର ହୋଇ ନ ଥାଏ କିମ୍ବା ତାହା ଠିକ୍ ହେବ ବୋଲି କୌଣସି ଯଥାର୍ଥତା ନ ଥାଏ।



ମହାଭାରତ ଯୁଦ୍ଧରେ ପୁତ୍ର ଅଶ୍ୱତ୍ଥାମାର ମୃତ୍ୟୁ ଖବର ଶୁଣି ଗୁରୁ ଦ୍ରୋଣାଚାର୍ଯ୍ୟ ଆଉ ଯୁଦ୍ଧ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। କେହି ଜଣେ ତାଙ୍କୁ ଉପଦେଶ ଦେଇ କହିଲେ, ଆପଣ ତ ଅଶ୍ୱତ୍ଥାମାଙ୍କ ମୃତ ଶରୀର ଦେଖିନାହାନ୍ତି, ଏତେ ବିଚଳିତ କାହିଁକି ହେଉଛନ୍ତି ? ଆପଣ ଯୁଧିଷ୍ଠିରଙ୍କୁ ଏହାର ସତ୍ୟାସତ୍ୟ କଥା ପଚାରନ୍ତୁ। ଯୁଧିଷ୍ଠିରଙ୍କ ଉତ୍ତର ଥିଲା ଦ୍ୱିଅର୍ଥ ବୋଧକ। 'ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତଃ' ଅର୍ଥାତ୍ ଅଶ୍ୱତ୍ଥାମାର ମୃତ୍ୟୁ ସୁନିଶ୍ଚିତ, କିନ୍ତୁ ସେ ହାତୀ ହୋଇପାରେ କିମ୍ବା ମଣିଷ ହୋଇପାରେ। ଦ୍ରୋଣ ଭାବିଲେ, ଯୁଧିଷ୍ଠିର ତାଙ୍କୁ ଶାନ୍ତ୍ୱନା ଦେବା ପାଇଁ ବୋଧହୁଏ ସତ କଥାଟିକୁ ଲୁଚାଉଛନ୍ତି। କିନ୍ତୁ ଏହା ଯେ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଶ୍ରୀକୃଷ୍ଣଙ୍କ କୂଟନୀତିର ଅଂଶ ବିଶେଷ ତାହା ତାଙ୍କ ବୁଝାମଣାର ବାହାରେ ଥିଲା। ଆମ ନିତିଦିନିଆ ଜୀବନରେ ବେଳେବେଳେ ପ୍ରଶ୍ନର ଉତ୍ତର ଭିନ୍ନ ଢଙ୍ଗରେ ଦିଆଯାଇଥାଏ, ଯାହା ସତ୍ୟ ହୋଇଥିଲେ ମଧ୍ୟ ଗ୍ରହଣୀୟ ହୋଇ ନ ଥାଏ। ଗାଈ କିଣିବାକୁ ଯାଇଥିବା ଜଣେ ଲୋକ ଗାଈର ମାଲିକକୁ ପଚାରିଲେ, ତୁମ ଗାଈ କେତେ କ୍ଷୀର ଦେଉଛି ? ଲୋକ ଜଣକ ଉତ୍ତର ଦେଲେ, ବାଲ୍‌ଟିଏ। ଅର୍ଥାତ୍ ବାଲ୍‌ଟିରେ ୧ ଲିଟରରୁ ୫୦ ଲିଟର ପର୍ଯ୍ୟନ୍ତ କ୍ଷୀର ଧରିପାରେ। ଏଠାରେ ନିର୍ଦ୍ଦିଷ୍ଟ ପରିମାଣ ଉଲ୍ଲେଖ ନ କରି ଏଭଳି ଏକ ଉତ୍ତର ଦେବା ହାସ୍ୟାସ୍ପଦ । ସେହିଭଳି ଢଙ୍ଗରେ ସରକାର ଯେତେବେଳେ ଗରିବି କମୁଛି, ମୁଣ୍ଡ ପିଛା ଆୟ ଏବଂ ମୋଟ ଘରୋଇ ଉତ୍ପାଦ ବଢୁଛି ବୋଲି ଯୁକ୍ତି ବାଢ଼ି ଥାଆନ୍ତି ସେହି ସମୟରେ ଅଧିକ ରାଶନ କାର୍ଡ଼ ଦେବା ବା ଗରିବଙ୍କୁ ଅଧିକ ଆର୍ଥିକ ସହାୟତା ଦେବା ଭିନ୍ନ ଏକ ପ୍ରସଙ୍ଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ? ତେଣୁ ଗୋଟିଏ ପ୍ରଶ୍ନର ଉତ୍ତର ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ହୋଇଥାଏ ଯାହା ବିଜ୍ଞାନ, ନ୍ୟାୟ ଏବଂ ଆଇନର ପରିପନ୍ଥୀ।

**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ଉତ୍ତରାଖଣ୍ଡର ଦୁର୍ଗମ ପାହାଡ଼ିଆ ଅଞ୍ଚଳର ପିଲାମାନେ ସ୍କୁଲ ଯାଉ ନ ଥିବା ଲକ୍ଷ୍ୟ କରିଥିଲେ ଶ୍ରେୟା ରାଓ୍ୱତ। ସ୍କୁଲ ବେଶି ଦୂରରେ ଥିବାରୁ, ଜଳବାୟୁ ଜନିତ ବିପର୍ଯ୍ୟୟ ହେତୁ ପିଲାମାନେ ସ୍କୁଲ ଶିକ୍ଷାରୁ ଦୂରେଇ ରହିଥାନ୍ତି। ତେବେ ଏଭଳି ସମସ୍ୟା ଦୂର କରିବା ସକାଶେ ୨୦୨୩ରେ ଶ୍ରେୟା ଓ ଜ୍ୟୋତି ସହରରୁ ପାହାଡ଼ିଆ ଅଞ୍ଚଳକୁ ଫେରି ପିଲାଙ୍କୁ ପଢ଼ାଇବା ବ୍ୟବସ୍ଥା କରିଛନ୍ତି। ଏଠାରେ ପିଲାମାନେ ପ୍ରଗତିଶୀଳ ଶିକ୍ଷାର ନୂତନ ଚିନ୍ତାଧାରା ଗ୍ରହଣ କରିପାରୁଛନ୍ତି। ଏହି ଦମ୍ପତି ଦୁର୍ଗମ ଅଞ୍ଚଳରେ ଥିବା ଗାଁର ସ୍କୁଲଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରି ସେଠାରେ ପରୀକ୍ଷାଭିତ୍ତିକ ତଥା ବ୍ୟବହାରିକ ଶିକ୍ଷା ମାଧ୍ୟମରେ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରୁଛନ୍ତି। ପିଲାମାନେ କୃଷି, କଳା ଓ କମ୍ୟୁନିଟି ପ୍ରୋଜେକ୍ଟ ମାଧ୍ୟମରେ ଶିକ୍ଷା ଲାଭ କରୁଛନ୍ତି। ପ୍ରଗତିଶୀଳ ଶିକ୍ଷା ପଦ୍ଧତି ପିଲା ଓ ସେମାନଙ୍କ ପରିବାର ଦ୍ୱାରା ଆଦୃତ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଫେବୃଆରୀ ୧୯୭୭

- ବିଭିନ୍ନ ରାଜ୍ୟର ମିସାରେ ଅଟକ ଥିବା ପ୍ରାୟ ସବୁ ରାଜନୈତିକ ଅଟକବନ୍ଦୀଙ୍କୁ ଖଲାସ କରିଦିଆଯାଇଥିବା ସରକାରୀ ଭାବେ ଘୋଷଣା କରଯାଇଛି।
- ଜମ୍ମୁ ଓ କଶ୍ମୀରର ଲୋକସଭା ସ୍ଥାନଗୁଡ଼ିକ ସମ୍ପର୍କରେ କଂଗ୍ରେସ ଏବଂ ଜାତୀୟ ସମ୍ମିଳନୀ ମଧ୍ୟରେ ଏକ ନିର୍ବାଚନ ବୁଝାମଣା ସମ୍ପନ୍ନ।

## ଚିରନ୍ତନୀ

ବଞ୍ଚାନା ଶତ ଶତ
ସବୁ ଅପମାନ
ଏ ଜୀବନେ ବରିନେଲି
ମଣି ମହାଦାନ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାଇଖାନା ଟଙ୍କା ଖାଇଲା କିଏ

ମହାଶୟ,

ମୁଁ ପ୍ରଭାତୀ ଦାଶ, ସ୍ୱାମୀ ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର ୱାର୍ଡ ନଂ. ୮ର ବାସିନ୍ଦା। ଇନ୍ଦିରା ଆବାସ ହିତାଧିକାରିଣୀ ହୋଇ ନ ଥିବାରୁ ବିଦ୍ୟାଧରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଦୟାପରବଶ ହୋଇ ଅଧିନାକୁ ପାଇଖାନା କର, ସରକାର ନ ଦେଲେ ମୁଁ ପକେଟରୁ ଦେବି କହି ମୌଖିକ ଆଦେଶ ଦେଲେ। ଏହା ମୁଁ ତିଆରି କରି ଏହାର ଫଟୋ କାଗଜାତ୍ ଇତ୍ୟାଦି ଦାଖଲ କଲି। ସତ୍ୟବାଦୀ ବ୍ଲକ୍ ତରଫରୁ ଏହା ୨୦୨୩-୨୪ରେ ନିର୍ମିତ ଏବଂ ଏଡାର ଅଟକଳ ମୂଲ୍ୟ ଟ ୧୨,୦୦୦ ଟଙ୍କା। ସ୍ୱଚ୍ଛ ଭାରତ ଇତ୍ୟାଦି ଲେଖାଗଲା, ମାତ୍ର ଏହି ଟଙ୍କା ନ ମିଳିବାର କାରଣ ଏବେ ସରପଞ୍ଚ ଓ ବ୍ଲକ ଅଫିସରେ ପଚାରିଲେ ସମସ୍ତେ ନିରୁତ୍ତର। ଏହି ଟଙ୍କା କିଏ ଖାଇଲା ?

**-ପ୍ରଭାତୀ ଦାଶ, ବିଦ୍ୟାଧରପୁର, ଗୁଆଳି ଗୋରଡା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 2 | | | | 3 |
| | | | | 3 | 1 | | 4 | |
| | 5 | 2 | 6 | | 7 | | 1 | |
| | 1 | | 7 | 8 | | | | |
| | | 9 | 4 | | 3 | | | 6 |
| 7 | | | | | 2 | | | 5 |
| 2 | 8 | 5 | | | 4 | | 6 | |
| | 4 | | | | 9 | | 3 | |
| 6 | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 8 | 6 | 4 | 7 | 9 | 5 | 3 |
| 5 | 3 | 4 | 1 | 8 | 9 | 2 | 6 | 7 |
| 9 | 6 | 7 | 2 | 5 | 3 | 8 | 4 | 1 |
| 4 | 1 | 5 | 9 | 7 | 8 | 3 | 2 | 6 |
| 6 | 7 | 2 | 5 | 3 | 1 | 4 | 8 | 9 |
| 8 | 9 | 3 | 4 | 6 | 2 | 7 | 1 | 5 |
| 3 | 4 | 6 | 7 | 2 | 5 | 1 | 9 | 8 |
| 7 | 5 | 1 | 8 | 9 | 4 | 6 | 3 | 2 |
| 2 | 8 | 9 | 3 | 1 | 6 | 5 | 7 | 4 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ରେଲୱେ କର୍ମଚାରୀଙ୍କୁ ମାଡ଼ମାରି ଜଣେ ଗିରଫ

ଅନୁଗୋଳ,୨।୨ (ଜ୍ୟୋତିରଞ୍ଜନ ସାହୁ)

ଟିକେଟ ବୁକିଂକୁ ନେଇ ଅନୁଗୋଳ ରେଲ୍‌ୱେ ଷ୍ଟେଶନରେ ରେଲ୍‌ୱେ କର୍ମଚାରୀଙ୍କ ଉପରେ ଆକ୍ରମଣ ଘଟଣାରେ ସମ୍ପୃକ୍ତ ରାଣୀଗୋଡ଼ା ଅଞ୍ଚଳର ଯୁବକ ସତ୍ୟଜିତ ସାହୁଙ୍କୁ ଅନୁଗୋଳ ଟାଉନ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଟିକେଟ କାଉଣ୍ଟରରେ ଟିକେଟ ବୁକିଂ ସମୟରେ ସତ୍ୟଜିତ ସାହୁ ଓ ସଞ୍ଜୟ ବିଶ୍ୱାଳଙ୍କ ସହ ରେଲ୍‌ୱେ କର୍ମଚାରୀ ଡି. କୁମାରଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦୁଇ ଯୁବକ ଟିକେଟ କାଉଣ୍ଟର ଭିତରେ ପଶି ଡି. କୁମାରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅନୁଗୋଳ ଟାଉନ ପୋଲିସ ଅଭିଯୋଗର ତଦନ୍ତ ଆରମ୍ଭ କରି ସତ୍ୟଜିତ ସାହୁଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ସଞ୍ଜୟ ବିଶ୍ୱାଳ ଫେରାର ଥିବା ଜଣାପଡ଼ିଛି।

# ଠିକା ଶ୍ରମିକଙ୍କ ମୃତ୍ୟୁକୁ ନେଇ ଧାରଣା




ବଅଁରପାଳ,୨।୨ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ଥାନା ଅନ୍ତର୍ଗତ କୁକୁଡ଼ାଙ୍ଗ ଗ୍ରାମର ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବାରୁ ପରିବାରବର୍ଗ, ଗ୍ରାମବାସୀ ଓ ଠିକା ଶ୍ରମିକ ସଂଘ ମୃତଦେହ ନାଲ୍‌କୋ ସ୍ମେଲଟର ମୁଖ୍ୟ ଫାଟକ ସମ୍ମୁଖରେ ରଖି କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, କୁକୁଡ଼ାଙ୍ଗ ଗ୍ରାମର ପ୍ରଦୀପ କୁମାର ପ୍ରଧାନ ଗତ ଜାନୁଆରୀ ୧୬ ରାତିରେ ଡ୍ୟୁଟି କରିବାକୁ ନାଲ୍‌କୋ ସ୍ମେଲଟ୍‌ର ପ୍ଲାଣ୍ଟକୁ ଆସୁଥିବାବେଳେ କୁକୁଡ଼ାଙ୍ଗ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଇଏସ୍‌ଆଇ ହସ୍ପିଟାଲ ଜରିଆରେ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ତାଙ୍କ ପରିବାରବର୍ଗ, ଗ୍ରାମବାସୀ ଓ ଠିକା ଶ୍ରମିକ ସଂଘଗୁଡ଼ିକ ପ୍ରଦୀପଙ୍କ ମୃତ ଶରୀରକୁ ସ୍ମେଲଟର ମୁଖ୍ୟ ଫାଟକ ସମ୍ମୁଖରେ ରଖି କ୍ଷତିପୂରଣ ଦାବିନେଇ ଧାରଣା ଦେଇଥିଲେ। ଧାରଣାସ୍ଥଳରେ ଠିକାଦାରଙ୍କ ପ୍ରତିନିଧି, ମୃତ ପ୍ରଦୀପଙ୍କ ପରିବାର ଲୋକ, ନାଲ୍‌କୋ କର୍ତ୍ତୃପକ୍ଷ ଓ ଠିକା ଶ୍ରମିକ ସଂଘ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହୋଇଥିଲା। ମୃତ ପ୍ରଦୀପଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣଙ୍କୁ ଠିକାସଂସ୍ଥା ଅଧୀନରେ ନିଯୁକ୍ତି ଓ ଇପିଏଫ୍ ଓ ଇଏସ୍‌ଆଇ ଦ୍ୱାରା ପାଇବାକୁ ଥିବା ପ୍ରାପ୍ୟ ପ୍ରଦାନରେ ସମସ୍ତ ସହଯୋଗ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ପରିବାର ଲୋକ ମୃତଦେହକୁ ସଂସ୍କାର ନିମନ୍ତେ ଗ୍ରାମକୁ ନେଇଥିଲେ।

## ରେଡ୍‌ନାଇଟ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: କୁଲେଇ ଚାମ୍ପିୟନ

ପରଜଙ୍ଗ,୨।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ମିନି ଷ୍ଟାଡିୟମ ଠାରେ ରେଡ୍‌ନାଇଟ କ୍ଲବ ଆନୁକୂଲ୍ୟରେ ଗତ ୨୫ରୁ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ତାଳଚେର ଷ୍ଟାଡିୟମ ଓ କୁଲେଇ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ଷ୍ଟାଡିୟମକୁ ହରାଇ କୁଲେଇ ଟିମ୍ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ତଥା ସାମାଜିକ କର୍ମୀ ନିରାକାର ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ସଂଯୁକ୍ତ ସେବା ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗାଚରଣ ପାତ୍ର, ସାମାଜିକ କର୍ମୀ ସୁବ୍ରତ ପରିଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଜୟୀ ଦଳକୁ ଟ୍ରଫି ସହ ୨୦ ହଜାର ଅର୍ଥରାଶି ଓ ପରାଜିତ ଦଳକୁ ୧୦ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା।

## ୧୨ କେନ୍ଦ୍ରରେ ପରୀକ୍ଷା ଦେବେ ୧୯୯୧ ଛାତ୍ରୀଛାତ୍ର

ପାଲଲହଡ଼ା,୨।୨ (ଦିବ୍ୟଜ୍ୟୋତି ଦାଶ)

ଚଳିତ ବର୍ଷ ଫେବୃଆରୀ ୧୯ରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଅନୁଗୋଳ ଜିଲା ପାଲଲହଡ଼ା ଶିକ୍ଷା ଜିଲାରେ ୧୨ଟି ପରୀକ୍ଷା କେନ୍ଦ୍ର ନିରୂପଣ କରାଯାଇଥିବାବେଳେ ୧୯୯୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମହତାବ ଉଚ୍ଚ ବିଦ୍ୟାଳୟରେ ୨୯୧, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୩, ଫପଣ୍ଡ ଉଚ୍ଚ ବିଦ୍ୟାଳୟରେ ୧୭୩, ମାଲ୍ୟଗିରି ଉଚ୍ଚ ବିଦ୍ୟାଳୟରେ ୨୬୬, ନମପସୀ ଉଚ୍ଚ ବିଦ୍ୟାଳୟରେ ୯୩, ସହର ଗୁରୁଜାଙ୍ଗ ହାଇସ୍କୁଲରେ ୧୩୩, ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୨, ସଙ୍ଗମୁର ଉଚ୍ଚ ବିଦ୍ୟାଳୟରେ ୧୪୩, ଖମାର ଉଚ୍ଚ ବିଦ୍ୟାଳୟରେ ୨୧୧, ମୁଣ୍ଡିରିବେଡା କେନ୍ଦ୍ରରେ ୧୧୬, ଇଞ୍ଜିଡ଼ ପରୀକ୍ଷା କେନ୍ଦ୍ରରେ ୧୨୮ ଓ ଚଳିତ ବର୍ଷ ସାଇଡ଼ା ଗ୍ରାମ ପଞ୍ଚାୟତ ଲକ୍ଷ୍ମୀପ୍ରିୟାପୁର ନୂତନ ହାଇସ୍କୁଲ ସେଣ୍ଟରରେ ୯୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମୋଟ ୧୯୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ସୋମବାର ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ନୋଡାଲ ସେଣ୍ଟର ମହତାବ ହାଇସ୍କୁଲ ପରିଦର୍ଶନ କରି ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରଶ୍ନପତ୍ରର କଡ଼ାକଡ଼ି ସୁରକ୍ଷା ସହ ଚଳିତବର୍ଷ ୧୨ଟି ଯାକ ପରୀକ୍ଷାକେନ୍ଦ୍ରରେ ସିସିଟିଭି ଲାଗିବ। ସବୁ ସେଣ୍ଟର ପାଇଁ ପର୍ଯ୍ୟବେକ୍ଷକ ଓ ସ୍କ୍ୱାଡ୍ ନିଯୁକ୍ତି ଦିଆଯିବ। ଛାତ୍ରୀଛାତ୍ର ଯେମିତି ରାସ୍ତାପାର ନ ହୁଅନ୍ତି ତାକୁ ଭିତ୍ତିକରି ପରୀକ୍ଷା କେନ୍ଦ୍ର ନିରୂପଣ କରାଯାଇଛି ବୋଲି ସାହୁ ସୂଚନା ଦେଇଛନ୍ତି।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ସ୍ତ୍ରୀ ବିୟୋଗ

ବଅଁରପାଳ, ୨।୨ (ସୁବାସ ଚନ୍ଦ୍ର ସାହୁ)



ଅନୁଗୋଳ ଜିଲା ବଅଁରପାଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ନିର୍ମଳ କୁମାର ଗଡ଼ନାୟକଙ୍କ ସ୍ତ୍ରୀ ଦମୟନ୍ତୀ ଗଡନାୟକ (୬୨)ଙ୍କ ସୋମବାର ସକାଳେ ବିୟୋଗ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ପୁତ୍ର ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ, ବିଜେଡି ଯୁବନେତା ଅରୁଣାଭ ସିଂହ, ଜିଲା ବିଜେଡି ଉପସଭାପତି ବାଉରୀବନ୍ଧୁ ସାହୁ, ଭରତ ମାଝୀ, ଲିଟୁ ମାଝୀ, ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ପିତାମ୍ବର ସାହୁ, ରାମଚନ୍ଦ୍ର ସାହୁ, ପ୍ରଦୀପ୍ତ କୁମାର ମାଝୀ, ବିପ୍ରଚରଣ ଜେନା, ହରମୋହନ ପଣ୍ଡା, ସତ୍ୟବାନ ବରାହ, ଶୁଭେନ୍ଦୁ ବେଉରା, ଶିବ ଚରଣ ସେଠୀ, ସୁଧୀର କୁମାର ବରାହ, ଅଶୋକ କୁମାର ଦାଶ, କିଶୋରୀ ମିଶ୍ର, ସୁଧାକର ସାହୁଙ୍କ ସମେତ ବହୁ ଭାଇବନ୍ଧୁ କୁଟୁମ୍ବ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ମରଶରୀରକୁ ନିଜ ଗ୍ରାମ ତୁଳସୀପାଳ ନିଆଯାଇ ଗାଁ ଶ୍ମଶାନରେ ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବାଲିମି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ସାତମାଇଲ,୨।୨ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମି ଗ୍ରାମରେ ଗ୍ରାମ ପରିଚାଳନା କମିଟି ସଭାପତି ହରଷ ଚନ୍ଦ୍ର ଜେନାମଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ଅପରାହ୍ନରେ ସୂର୍ଯ୍ୟପୂଜା, ଗୋପୂଜା ପରେ ସନ୍ନିକଟ ପୁଷ୍କରିଣୀରୁ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଜଳପୂର୍ଣ୍ଣ କଳସୀ ଆଣି ବାସୁଦେବ ମନ୍ଦିର ସମ୍ମୁଖସ୍ଥ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ପଣ୍ଡିତ ସୁବ୍ରତ ଦାସ ବୈଦିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। ବାଲିମି ସମେତ କୁକୁଟା, ବାଘଧରିଆ, ବାର୍ଣ୍ଣିଙ୍ଗା, ବେରୁଆଁପାଳ, ରଞ୍ଜାଗୋଳ, ସାନହିନ୍ଦୋଳ, କନ୍ତିମିଳି ଆଦି ଗ୍ରାମର ୨୦ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ମହାମନ୍ତ୍ରରେ ଗ୍ରାମ ପରିବେଶକୁ ମୁଖରିତ କରିଥିଲେ। ଏହି ନାମଯଜ୍ଞ ଦେଖିବା ପାଇଁ ବାଲିମି ସମେତ ସ୍ଥାନୀୟ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ବିଭୁ ଦର୍ଶନ ସହ ସାମୂହିକ ଆନନ୍ଦ ବଜାରରେ ସାମିଲ ହୋଇଥିଲେ। ସମ୍ପାଦକ ଗଦାଧର ଜେନାମଣି, କାର୍ଯ୍ୟକ୍ରମ ପ୍ରମୁଖ ଅବସରପ୍ରାପ୍ତ ଅଧ୍ୟାପକ ମୁରଲୀ କିଶୋର ଜେନାମଣିଙ୍କ ସମେତ ଗ୍ରାମବାସୀ ସହଯୋଗ କରି ଉତ୍ସବକୁ ସଫଳ କରିଥିଲେ।

# ହିନ୍ଦୁ ସମ୍ମିଳନୀ ଓ ପଞ୍ଚ ମହାଯଜ୍ଞ

ବଅଁରପାଳ,୨।୨ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଶନିବାର ହିନ୍ଦୁ ସମ୍ମିଳନୀ ଓ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସକାଳ ୯ଟାରେ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ କର୍ତ୍ତା ସତ୍ୟବାନ ବରାହ ଓ କୁମୁଦିନୀ ବରାହ ଜଗନ୍ନାଥଙ୍କ ଆଜ୍ଞାମାଳକୁ ପଟୁଆରରେ ଶିଶୁମନ୍ଦିର ଯାଏ ଆଣିଥିଲେ। ସେଠାରେ ଶିଶୁମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୧୧ଟାରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ପ୍ରବଚକ ପଣ୍ଡିତ ମହେଶ ସାହୁ, ଚକାପାଦ ମଠାଧୀଶ ନିଶ୍ଚଳାନନ୍ଦ ସରସ୍ୱତୀ ଓ ଭାସ୍କରଚନ୍ଦ୍ର ବେହେରା ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଦିବ୍ୟରଞ୍ଜନ ସାମଲ, ପ୍ରତ୍ୟୁଷ କୁମାର ପଣ୍ଡା, ସୁମନ୍ତ କୁମାର ସାମଲ, ବିଶ୍ୱହିନ୍ଦୁ ପରିଷଦ ସଭାପତି ରଞ୍ଜନ କୁମାର ବିଷୋୟୀ, ପ୍ରକାଶ କୁମାର ସିଂହ, କିଶୋର ଚନ୍ଦ୍ର ମିଶ୍ର, ଶିବଚରଣ ସେଠୀ, ହେମନ୍ତ କୁମାର ସାହୁ, ଦୁଃଖବନ୍ଧୁ ପରିଡ଼ା, ଜ୍ଞାନୀ ସେଠ, ବବଲୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାୟ ୧୦୦୦ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

## ମହିଳା ନିଖୋଜ ଅଭିଯୋଗ

ବନ୍ତଳା,୨।୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ତଳଗଡ଼ ତାଳସାହିର ଜଣେ ମହିଳା ନିଖୋଜ ହୋଇଥିବା ମହିଳାଙ୍କ ସ୍ୱାମୀ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସ୍ୱାମୀ ସୁରେନ ନାଏକ(୩୦)ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ସୁମିତ୍ରା ନାଏକ (୨୯) ରବିବାର ସନ୍ଧ୍ୟାରେ କାହାକୁ କିଛି ନ ଜଣାଇ ଘରୁ କେଉଁଆଡ଼େ ଚାଲି ଯାଇଛନ୍ତି। ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳି ପାରିନାହିଁ। ତାଙ୍କର ୩ଟି ଛୁଆ ଅଛନ୍ତି। ଘର ପାଖରେ ଜଙ୍ଗଲ ଥିବାରୁ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ବହୁ ଖୋଜାଖୋଜି କରି ନିରାଶ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗପରେ ବନ୍ତଳା ପୋଲିସ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତନାଘନା କରିଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।

## ନୂଆହତା, ବୃନ୍ଦାବନପୁରରେ ଅଷ୍ଟପ୍ରହର ନାମଯଜ୍ଞ

ସନ୍ନିଛକ,୨।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ବୃନ୍ଦାବନପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନପୁର ଗ୍ରାମବାସୀ ଏହାର ଆୟୋଜନ କରିଥିବାବେଳେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଜେଡି ଯୁବନେତା ଅରୁଣାଭ ସିଂହ, ସାମାଜିକ କର୍ମୀ ପିଣ୍ଟୁ ଭୂତିଆ, ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସେହିଭଳି ନୂଆହତାପାଟଣା ସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳା ପୁରୁଷ ଏଥିରେ ସହଯୋଗ କରିଥିଲେ। ଆଖପାଖ ଗ୍ରାମରୁ ମହିଳା ଓ ପୁରୁଷ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଅନୁଗୋଳ ବିଧାୟକ, ପୂର୍ବତନ ବିଧାୟକ ପ୍ରମୁଖ ଏହି ଯଜ୍ଞରେ ଯୋଗଦେଇଥିଲେ।

## ବାଇକ୍ ଦୁର୍ଘଟଣା, ଭଉଣୀ ଭାଇ ଗୁରୁତର

ସନ୍ନିଛକ,୨।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ମହୀଧରପୁର ରାସ୍ତାର ବୃଦ୍ଧାଶ୍ରମ ଛକ ନିକଟରେ ସୋମବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଭଉଣୀ ଭାଇ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱର ବରମୁଣ୍ଡା ଏଚ୍‌ବି କଲୋନୀର ଦୀପକ କୁମାର ଦାସ ଏବଂ ତାଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା ଦାସ କୌଣସି କାମରେ ଅନୁଗୋଳ ଆସି ଘରକୁ ଫେରୁଥିଲେ। ବୁଢ଼ାପଶି ନାଳ ନିକଟରେ ଥିବା ବୃଦ୍ଧାଶ୍ରମ ଛକରେ ଏକ ଅଜଣା ଗାଡ଼ିକୁ ସାଇଡ୍ ଦେବାବେଳେ ବାଇକ୍ ଭାରସାମ୍ୟ ହରାଇ ବିଲ ଭିତରକୁ ପଶି ଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକ ଓ ମହୀଧରପୁର ଫାଣ୍ଡି ପୋଲିସ ସହାୟତାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡ଼ିଛି। ତେବେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ମହୀଧରପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ପଦାର୍ଥ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ ଉଦ୍‌ଯାପିତ




ସାତମାଇଲ,୨।୨ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୨ ଦିବସୀୟ ପଦାର୍ଥ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ଆମେରିକାସ୍ଥିତ କଲୋରାଡ ବିଶ୍ୱବିଦ୍ୟାଳୟ ନାସା ସହ ସମ୍ପୃକ୍ତ ଥିବା ବିଜ୍ଞାନୀ ଡ. ଦୀପକ କୁମାର କରଣ ଆଭାସୀ ଉପସ୍ଥାପନରେ ସୌରଝଡ଼ ଏବଂ ତା'ର ପ୍ରଭାବ ସମ୍ପର୍କରେ ସ୍ୱକୀୟ ଗବେଷଣାଲବ୍ଧ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହ ବିଶଦ ଆଲୋଚନା କରିଥିଲେ। ସରାଙ୍ଗସ୍ଥିତ ଆଇଜିଆଇଟିର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଏସ.କେ. ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ମହାକାଶରେ ଘଟୁଥିବା ଅନେକ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ବୈଜ୍ଞାନିକ ଡ. ମୃତ୍ୟୁଞ୍ଜୟ ଭୂୟାଁ, ଡିଆରଡିଓର ବିଜ୍ଞାନୀ କେ.କେ. ଚାନ୍ଦ, ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପି.କେ ମିଶ୍ର, ପ୍ରଫେସର ଏସ.କେ. ପଟେଲ ଓ ବୌଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ସମ୍ମାନରେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନର ବହୁ ବିଜ୍ଞାନୀ, ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରସଙ୍ଗଭିତ୍ତିକ ପ୍ରଶ୍ନ ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ସମସ୍ତଙ୍କୁ କୃତଜ୍ଞତା ଅର୍ପଣପୂର୍ବକ ଧନ୍ୟବାଦ ଦେଇଥିଲେ।

# ଲାଲବାହାଦୁର କପ୍ ଉଦ୍‌ଘାଟନ



ବଅଁରପାଳ,୨।୨ (ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ୍ ବଳରାମ ପ୍ରସାଦର ସିଂହ ବାହିନୀ ୟୁଥ୍ ଆଥଲେଟିକ କ୍ଲବର ୩୨ତମ ମା' ହିଙ୍ଗୁଳା କ୍ରିକେଟ ଟୁର୍ନାମେଣ୍ଟ ଲାଲବାହାଦୁର କପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଓଡ଼ିଶାର ବଛାବଛା ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଫ୍ରେଣ୍ଡସ୍ କ୍ଲବ, ରେଙ୍ଗାଲି, ନାଲ୍‌କୋ, ଏସ୍‌ବିଓ୍ୱାଇଏସ୍, ତ୍ରିରଙ୍ଗା, କଣିହାଁ, ଏସିସି, ବ୍ଲାକ୍‌କ୍ୟାପ୍ ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ରାଜାରାମ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜୟନ୍ତୀ ସାହୁ, ବରିଷ୍ଠ ସାମାଜିକ କର୍ମୀ ପଦ୍ମାକ୍ଷୀ ସିଂହ, ବରିଷ୍ଠ ସାମାଜିକ କର୍ମୀ ଅମିୟ ତ୍ରିପାଠୀ, ବଳରାମ ପ୍ରସାଦ ଗ୍ରାମପଞ୍ଚାୟତ ବିଜୁ ଜନତା ଦଳ ସଭାପତି ବସନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ରେଙ୍ଗାଲି ଏବଂ ଫ୍ରେଣ୍ଡସ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଫ୍ରେଣ୍ଡସ୍ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଫ୍ରେଣ୍ଡସ କ୍ଲବ ୧୪ ରନରେ ମ୍ୟାଚ୍ ଜିତି ବିଜୟୀ ହୋଇଛି। ସଂଗ୍ରାମ ମାଝୀ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ରଡ୍ ଓ ସିମେଣ୍ଟ ଡିଲର ସରୋଜ ସାହୁ ମ୍ୟାନ ଅଫ ଦ ମ୍ୟାଚ ପ୍ରଦାନ କରିଥିଲେ। ଅମିୟ ସିଂହ ଓ ଦୁଷ୍ମନ୍ତ ସାମଲ ଖେଳ ପରିଚାଳନା କରିଥିଲେ। ଧୀରେନ ସିଂହ ତୃତୀୟ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ବରାହ ମ୍ୟାଚ୍‌ର ମୁଖ୍ୟ ଦାୟିତ୍ୱରେ ରହି ଖେଳ ପରିଚାଳନା କରିଥିଲେ। ପରବର୍ତ୍ତୀ ମ୍ୟାଚ ଏସ୍‌ବିଓ୍ୱାଇଏସ୍ ଓ ନାଲ୍‌କୋ ମଧ୍ୟରେ ଅନୁଷ୍ଠିତ ହେବ।


**ZILLA PARISHAD CAMPUS, NABARANGPUR**

**QUOTATION CALL NOTICE**

**No.19001/7/2526** : Sealed quotations are invited from potential supplied, tent house and electrical decorators , for stalls, light & Sound to take up different works for organizing SUBHADRA SHAKTI MELA - 2026, Nabarangpur from 22nd to 28th February, 2026. The different quotation call notice has been issued vide Qtn. 751/752 No. dated 31.01.2026. The tender papers are available at the website of https://nabarangpur.odisha.gov.in.

The last date of submitting quotation is **07.02.2026 by 3:00 P.M.**

OIPR-19001/19233/1/25-26/0007 Sd./- CDO-Cum-EO

**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR**

PLOT NO. 1214 (PART), TAPOVAN ROAD, KHANDAGIRI, BHUBANESWAR-30

**Short Quotation Call Notice No. - 39 of 2025-26**

**No.25001/16/2526** : Sealed quotations are invited from reputed Suppliers / Authorized Firms / Resellers of the State of the work "Supply & Installation of Chair and Sofa for Addition, Alternation & Renovation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | | |
|---|---|---|
| Last date of issue of Bid Document | : | 05.02.2026 till 03:00 P.M. |
| Last date of submission of Bids | : | 05.02.2026 by 04:00 P.M. |
| Opening of Bids | : | 06.02.2026 at 11:30 A.M. |

The Quotation details with materials description can be collected from Office of the Superintending Engineer, RWS&S Division, Bhubaneswar. The Superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd./- Superintending Engineer, RWS&S Division, Bhubaneswar

OIPR-25001/25011/1/25-26/0016

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No.432 Date : 27.01.2026

**TENDER CANCELLATION NOTICE**

**No.25001/16/2526** : The tender notice vide this office Bid Identification No.CCERWCSBD Online - 23/2025-26 invited vide this office Letter No.5576, Dtd.30.10.2025 is here by cancelled due to some Technical issues.

Sd./- Chief Construction Engineer, Rural Works Circle, Sunabeda

OIPR-25001/25182/1/25-26/0016

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No.443 Date : 27.01.2026

**2nd Corrigendum**

**No.25001/14/2526** : In continuation to this office Bid Identification No. CCERWCSBD-Online-28/2025-26 invited vide this office Notice No.6205 Dtd.28.11.2025, partial modification of NCB has been made as follows :
1. Availability of Tender online for bidding extended up to Dtd.20.02.2026 at 5.00 P.M.
2. Last Date and Time of seeking tender clarification Dtd.19.02.2026 up to 2.00 P.M.
3. Date & Time of opening of tender (Technical Bid) on Dtd.21.02.2026 at 11.00 A.M.
4. Date & Time of opening of tender (Price Bid) will be intimated later.

All other terms and conditions will remain unaltered.

Sd./- Chief Construction Engineer, Rural Works Circle, Sunabeda

OIPR-25001/25182/1/25-26/0014

**FOREST ENVIRONMENT & CLIMATE CHANGE DEPARTMENT, ODISHA**
**OFFICE OF THE DIVISIONAL FOREST OFFICER**
**KORAPUT DIVISION**
Email : dfo.koraput@odisha.gov.in

INVITATION FOR QUOTATION THROUGH offline
Bid Identification No. DFO-KPT-01/2025-26 (IF)

No.8001/10/2526 **Quotation Call Notice**

| | | | |
|---|---|---|---|
| 1. | Name of the item | : | Installation of DG set |
| 2. | Total No. of Works | : | 01 No. |
| 3. | Estimated cost | : | Rs.11,50,000/- (including GST & TDS) |
| 4. | Type of tender | : | Single Cover Tender |
| 5. | Date and Time of availability of Bid documents in the portal | : | From 11.00 A.M. of Dt.02.02.2026 to 17.00 hrs of dt.12.02.2026 |
| 6. | Last date/Time for receipt of quotation in the portal | : | Dt.12.02.2026 up to 17.00 hrs |
| 7. | Date of opening | : | Dt.13.02.2026 at 11.00 hrs in the office of the undersigned |
| 8. | Name & address of the O.I.T (Officer Inviting tender) | : | Divisional Forest Officer, Koraput Division, Koraput |

Further details can be seen from the website portal www.degm.koraput@odisha.gov.in.
N.B. Subsequent corrigendum/addendum if required in this regard will be made available in the website as indicated above.

Sd./- Divisional Forest Officer, Koraput Forest Division

OIPR-8001/8067/1/25-26/0010

**GOVERNMENT OF ODISHA** No.25001/16/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 10/RWD-I, MKG/2025-26 dt.29.01.2026**

01. Name of the work : Repair & Maintenance works (Detailed in Annexure), 02. Total Number of works : 01 nos (Seven), 03. Estimated cost : Rs.16.95 lakhs, 04. Class of contractor : "D" & "C" Class, 05. Period of Completion : (As per Detailed in Annexure), 06. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking Tender Clarification | Date & Time of Opening Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 10/RWD-I, MKG/2025-26 | Total 1 No. (Single Cover) | 03.02.2026 from 11.00 A.M. | 12.02.2026 up to 5.00 P.M. | 11.02.2026 up to 5.00 P.M. | Tech Bid opening 13.02.2026 at 11.00 A.M. |

Further details can be seen from the website: www.tendersorissa.gov.in.

Sd./- Sujata Dishari, Executive Engineer, R.W. Division-I, Malkangiri

OIPR-25001/25058/1/25-26/0016

**DISTRICT PROJECT OFFICE**
**SAMAGRA SHIKSHA, BHADRAK**
At-Upper Bagurai, Post-Madhabanagar, Bhadrak-756181

No.264 / Ped /2026 Dated 02/02/2026

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class – V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class – V & VIII 2026 Students | Rs.2000/- | Rs.100000/- | 09 /02/2026 | 10/02/2026 (11.00 A.M) |

The detailed BID document is available in the district website https://www.bhadrak.odisha.gov.in. and also OSEPA website www.osepa.odisha.gov.in . Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd./- Collector-cum-Chairman, Samagra Shiksha, Bhadrak

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
E-Mail : eerw_gml@yahoo.co.in

Government of Odisha e-Procurement Notice
**Bid Identification No. Online Tender//26//SERWDG-I//2025-26**
Letter No. 677//RWDG-I//BAM//Date : 30.01.2026
No.25001/16/2526

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.5.61 Lakhs to Rs.36.13 Lakhs |
| 3 | Period of Completion | : | 15 (Fifteen) days as sworn in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 05.02.2026 at 11.00 AM to 18.02.2026 upto 5.00 PM |
| 5 | Last Date / Time for Receipt of Bids in the Portal | : | 18.02.2026 up to 5.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Executive Engineer, R.W Division-I, Ganjam, Berhampur

OIPR-25001/25085/1/25-26/0016

# ଢେଙ୍କାନାଳର ବିକାଶ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ: ମନ୍ତ୍ରୀ



କେନ୍ଦ୍ର ବଜେଟକୁ ନେଇ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଜିଲା ଭାଜପା କର୍ମକର୍ତ୍ତା।

**ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ**

ଢେଙ୍କାନାଳ,୨।୨(ରତନ ନାୟାର)

କେନ୍ଦ୍ର ସରକାରଙ୍କ ଚଳିତ ବଜେଟ୍‌କୁ ନେଇ ଭାଜପା ପକ୍ଷରୁ ସୋମବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଜିଲା ଭାଜପା କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ଚଳିତ ବଜେଟ୍ ବହୁ ଭଲ ହୋଇଛି। ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏଥିରେ ଦୃଢ଼ ପଦକ୍ଷେପ ନିଆଯାଇଛି। ଢେଙ୍କାନାଳ ଜିଲାରେ ଥିବା ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ମହିମାଗାଦି ଯୋରନ୍ଦାର ବିକାଶ ପାଇଁ ୨୪୦ କୋଟି ଟଙ୍କା ମଞ୍ଜୁର ହୋଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଅନିର୍ବାଯ୍ୟ କାରଣ ଯୋଗୁ ରବିବାର ମୁଖ୍ୟମନ୍ତ୍ରୀ ଯୋରନ୍ଦା ଆସିପାରି ନ ଥିଲେ। ଚଳିତ କେନ୍ଦ୍ର ବଜେଟ୍ ଏକ ଅଭିବୃଦ୍ଧିମୂଳକ ବଜେଟ୍। ଯୁବଶକ୍ତିର ବିକାଶ ଉପରେ ଏଥିରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଏଥିପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଚଳିତ ବଜେଟ୍‌ରେ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି, ଯାହାଦ୍ୱାରା ଯୁବକମାନଙ୍କ ଆତ୍ମବିଶ୍ୱାସ ବଢ଼ିବ। ବିଶ୍ୱରେ ଭାରତବର୍ଷର ଅଭିବୃଦ୍ଧି ହାର ଅଧିକ। ଶିଳ୍ପ ଓ ବିଦ୍ୟୁତ୍ ଉପକରଣ ଉତ୍ପାଦନରେ ବିପ୍ଲବ ଆସିବ। ଜଳପଥ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସମଲରୁ ପାରାଦୀପ ଓ ଧାମରାକୁ ମାଲ ପରିବହନ ପାଇଁ ଜଳପଥରେ ସଂଯୋଗ ହେବ। ଢେଙ୍କାନାଳରେ କଲ୍ୟାଣୀ ଷ୍ଟିଲ ଶିଳ୍ପ ପ୍ରତିଷ୍ଠା ପାଇଁ କ୍ୟାବିନେଟ୍ ମଞ୍ଜୁର ସରିଛି। ଏଥିରେ ୨୦ହଜାର ନିଯୁକ୍ତି ପାଇବେ। ଢେଙ୍କାନାଳ ଜିଲା ଏକ ଅଗ୍ରଣୀ ଜିଲା ହେବ। ଢେଙ୍କାନାଳର ବିକାଶ ହେଲେ ଦେଶ ଓ ରାଜ୍ୟ ବିକଶିତ ହେବ ବୋଲି ମନ୍ତ୍ରୀ କହିଥିଲେ। ଜିଲା ଭାଜପା ସଭାପତି ରାସ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୂର୍ବତନ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ଜିଲା ଭାଜପା ସାଧାରଣ ସମ୍ପାଦକ ମାତୃ ପ୍ରସାଦ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ଆମ୍ବପଡ଼ା ଶାସନରେ ୫୪ତମ ବାର୍ଷିକ ଯଜ୍ଞ

ଢେଙ୍କାନାଳ,୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ା ଗ୍ରାମର ନୂତନ ବ୍ରାହ୍ମଣ ଶାସନରେ ୫୪ତମ ବାର୍ଷିକ ଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗତ ୨୯ ତାରିଖ ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଇ ରବିବାର ପୂର୍ଣ୍ଣାହୂତି ହୋଇଥିଲା। ପ୍ରଥମ ଦିବସରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରତି ସନ୍ଧ୍ୟାରେ ପଣ୍ଡିତ ପ୍ରତାପ ନନ୍ଦ ଓ ସାଥୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। କର୍ତ୍ତା ଭାବେ ଅଭିରାମ ଶତପଥୀ, ପଣ୍ଡିତ ଆଦିତ୍ୟ ମିଶ୍ର, ଶାନ୍ତନୁ ମିଶ୍ର, ହରିହର ଶତପଥୀ, ଗୋପାଳ କବି ଶତପଥୀ ପରିଚାଳନା କରିଥିଲେ। ସଭାପତି ହଟ କିଶୋର ଶତପଥୀ, ନିତ୍ୟାନନ୍ଦ ଦାଶ, ପ୍ରଫୁଲ୍ଲ ପାଣିଗ୍ରାହୀ, ଗୋଲକ ବିହାରୀ ପାଣିଗ୍ରାହୀ, ଶରତ ଚନ୍ଦ୍ର ମିଶ୍ର, ଚନ୍ଦ୍ରଶେଖର ଦାଶ, ଭକ୍ତଚରଣ ଦାଶ, ଶ୍ରୀକାନ୍ତ ପଣ୍ଡା, କମଳ ମିଶ୍ର, ଅକ୍ଷୟ ପଣ୍ଡା, ବିଶ୍ୱରଞ୍ଜନ ପଣ୍ଡା, ଶରତ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାର୍ଷିକ ଯଜ୍ଞ ଅବସରରେ ଆମ୍ବପଡ଼ା ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଗବେଷଣା ପାଇଁ କୃଷି ବୈଜ୍ଞାନିକ ସମ୍ମାନିତ


କୃଷି ବୈଜ୍ଞାନିକ ଡ. ଦିବ୍ୟସୁନ୍ଦର କରଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଢେଙ୍କାନାଳ,୨।୨(ରତନ ନାୟାର)

ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦିବ୍ୟ ସୁନ୍ଦର କରଙ୍କୁ ଉଚ୍ଚକୋଟିର ଗବେଷଣା ଓ ଶ୍ରେଷ୍ଠ ସନ୍ଦର୍ଭ ପାଇଁ କୃଷକ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀ, ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନ ବାଙ୍ଗାଲୋର ଏବଂ କେନ୍ଦ୍ରୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ର ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଦୀର୍ଘମିଆଦି କୃଷି ଓ ଖାଦ୍ୟ ସୁରକ୍ଷା ଉପରେ ୩ ଦିନିଆ ଅନ୍ତର୍ଜାତୀୟ ସମିଳନୀରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମିଳନୀରେ ଅତିଥି ଭାବେ ନଗର ଓ ଗୃହ ନିର୍ମାଣ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସୋଆ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିଜୟ କୁମାର ସାହୁ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଏସ୍.ଡି ମହାପାତ୍ର, ଓୟୁଏଟିର ପୂର୍ବତନ ପ୍ରାଧ୍ୟାପକ ଡ. ସତ୍ୟରଞ୍ଜନ ଦାସ, ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନ ବାଙ୍ଗାଲୋରର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମାନ ପାଇଁ ଡ. କର ତାଙ୍କ ପରିବାର ଓ ଚାଷୀ ଭଉଣୀଭାଇମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୀତବାସ ହତ୍ୟାମାମଲା: ବାପ, ପୁଅ ଗିରଫ

ଢେଙ୍କାନାଳ,୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରି ଗ୍ରାମରେ ରବିବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ପୀତବାସ ଦଳେଇ ନାମକ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୮୧/୨୬ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରୁଥିଲା। ସୋମବାର ଏହି ଘଟଣାରେ ମୃତ ପୀତବାସଙ୍କ ସମ୍ପର୍କୀୟ ଦାଦା ପ୍ରସନ୍ନ ଦଳେଇ(୫୫) ଓ ପ୍ରସନ୍ନଙ୍କ ପୁଅ ହିତେଶ ଦଳେଇ(୨୫)ଙ୍କୁ ଗିରଫ କରାଯାଇଥିବା ସଦର ଥାନା ପୋଲିସ ସୂତ୍ରରୁ ପ୍ରକାଶ। ଉଭୟ ପରିବାର ମଧ୍ୟରେ ଜମିଜମାକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗିଥିଲା। ରବିବାର ସକାଳେ ମାପଚୁପ ପରେ ସନ୍ଧ୍ୟାରେ ବିବାଦ ଉଗ୍ରରୂପ ନେଇ ହତ୍ୟାକାଣ୍ଡ ଘଟିଥିଲା।

## ପଞ୍ଚାୟତବାସୀଙ୍କୁ ସ୍ପଷ୍ଟୀକରଣ ଦେଲେ ପୂର୍ବତନ ସରପଞ୍ଚ



ପରଜଙ୍ଗ,୨।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କିଳି ଗାଁ ମା' ଲଣ୍ଡାବୀରଙ୍କ ପୀଠରେ ପୂର୍ବତନ ସରପଞ୍ଚ ମକରଚାନ୍ଦ ସାହୁଙ୍କ ନେତୃତ୍ୱରେ ସୋମବାର ଏକ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମକରଚାନ୍ଦ ନିଜ ଉପରେ ହୋଇଥିବା ଅନ୍ୟାୟ ଏବଂ ଅନୀତି ସମ୍ପର୍କରେ ଲୋକଙ୍କ ନିକଟରେ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ମାର୍ଚ୍ଚ ୨୦୨୫ରେ ମକରଚାନ୍ଦ ସିଏଫ୍‌ସି ଓ ଏସ୍‌ଏଫ୍‌ସି ଟଙ୍କା ହଡ଼ପ ଘଟଣାରେ ଛନ୍ଦି ଜେଲ ଯିବା ସହ ସରପଞ୍ଚ ପଦବୀ ହରାଇଥିଲେ। ନିଜ ଉପରେ ହୋଇଥିବା ଅନ୍ୟାୟ ସମ୍ପର୍କରେ ସେ ଜନ ସମାବେଶରେ ଆଲୋକପାତ କରିଥିଲେ। ବିନା ନୋଟିସ୍‌ରେ ତାଙ୍କ ଉପରେ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେ ପଞ୍ଚାୟତରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ଯାହାର ପ୍ରାୟ ୬୦ ଲକ୍ଷ ଟଙ୍କାର ବକେୟା ବିଲ ବର୍ତ୍ତମାନ ସୁଦ୍ଧା ପାଇ ନ ଥିବା ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ ନ କଲେ ଆଗାମୀ ଦିନରେ ଗଣଧାରଣା ଦିଆଯିବା ସହ ନିଜ ଟିମ୍ ସହ ସମୂହ ଆତ୍ମହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି, କଙ୍କିଳି ପଞ୍ଚାୟତରେ ଭତ୍ତା ଟଙ୍କା ହଡ଼ପକୁ ନେଇ ବର୍ତ୍ତମାନ ସରପଞ୍ଚ ଦାୟିତ୍ୱରେ ଥିବା ପ୍ରମିଳା ସାହୁ ମୁହଁ ଖୋଲିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଅର୍ଥର ହିସାବ ପ୍ରଦାନ କରୁ ନ ଥିବା ସରପଞ୍ଚ ପ୍ରକାଶ କରିବା ସହ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୌଭାଗ୍ୟ ବେହେରା କହିଛନ୍ତି, ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଟଙ୍କା ରିକଭରି ପାଇଁ ନୋଟିସ କରାଯାଇଛି। ପଞ୍ଚାୟତରେ କୌଣସି ବଡ଼ ବିଲ୍ ବାକି ନାହିଁ।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଓଡ଼ାପଡ଼ା,୨।୨(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଶନିବାର ବିଦ୍ୟାଳୟର ସହକାରୀ ଶିକ୍ଷକ ବ୍ରହ୍ମାନନ୍ଦ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଦାସ, ପୌଲ୍ୟସ୍ତ କୁମାର ସାହୁ, ଓଡ଼ାପଡ଼ା ସରପଞ୍ଚ ସୁଭଦ୍ରା ସାହୁ, ସିଆରସି ସନ୍ଦୀପ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସାହୁ ଜଣେ ଛାତ୍ରବତ୍ସଳ ଓ ନମ୍ରତା ଗୁଣ ଯୋଗୁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ଅତିଥିମାନେ କହିଥିଲେ। ସାହୁଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଶାଳିଆ ଉପ୍ରା ବିଦ୍ୟାଳୟରେ ପ୍ରତିଯୋଗିତା

ଢେଙ୍କାନାଳ,୨।୨(ରତନ ନାୟାର)

ଓଡ଼ାପଡ଼ା ବ୍ଲକ୍ ଗୁଣ୍ଡିଚାପଡା ପଞ୍ଚାୟତର ବେଶାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ପ୍ରତିଯୋଗିତା ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିମୟୀ ମହାପାତ୍ର, ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ବେହେରା, ଶିବାନୀ ସ୍ମିତା ସାହୁ, ମୋନାଲିସା ସ୍ୱାଇଁ, ପ୍ରିୟମ୍ବଦା ବରାଳ ଓ ସହକାରୀ ଶିକ୍ଷକ ଅଶେଷ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୨ ତାରିଖରେ ପୁରସ୍କୃତ କରାଯିବ ବୋଲି ଜୟନ୍ତୀ କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କାମାକ୍ଷାନଗର,୨।୨(ସୁଧୀର ପରିଡ଼ା)



କାମାକ୍ଷାନଗର ମାଳପୁରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ରାଉତ(୭୯)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ସ୍ନେହୀ, କର୍ତ୍ତବ୍ୟନିଷ୍ଠ ସମୟାନୁବର୍ତ୍ତୀ, ସହଯୋଗୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ଶିକ୍ଷକତା ଜୀବନରେ ସେ ଅନେକ ଗରିବ ନିସହାୟ ଛାତ୍ରଙ୍କୁ ସାହାଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମା' ମଙ୍ଗଳା ଟୁର୍ନାମେଣ୍ଟ ଉଦ୍‌ଘାଟିତ



ପରଜଙ୍ଗ,୨।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ଅଁଳାକଟା ଗ୍ରାମରେ ମା' ମଙ୍ଗଳା ଟୁର୍ନାମେଣ୍ଟର ଉଦ୍‌ଘାଟନି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ନିକଟ ଗଜାବୁରି ଆମ୍ବପଡ଼ିଆରେ ଟୁର୍ନାମେଣ୍ଟ ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୁବ ଖବରଦାତା ଶାନ୍ତନୁ କୁମାର ଭୁକ୍ତା, ସାମାଜିକ କର୍ମୀ ସରୋଜ ସାହୁ ଯୋଗଦେଇଥିଲେ। ଅତିଥିଙ୍କୁ ପ୍ରଥମେ ଉତ୍ତରୀୟଦେଇ ସ୍ୱାଗତ କରାଯିବା ସହ ସଂକୀର୍ତ୍ତନ କରି ପଡ଼ିଆ ମଧ୍ୟକୁ ପାଛୋଟି ନିଆଯାଇଥିଲା। ଅତିଥିଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ଟୁର୍ନାମେଣ୍ଟର ଶୁଭାରମ୍ଭ କରାଯାଇଥିଲା। ମ୍ୟାଚ୍‌ଟି ଅଁଳାକଟା ଓ କମର ମଧ୍ୟରେ ହୋଇଥିଲା। ଏଥିରେ କମର ଟିମ୍ ବିଜୟୀ ହୋଇଥିଲା।

## ରାଜେଶ ହତ୍ୟାକାଣ୍ଡରେ ସମ୍ପୃକ୍ତ ସୁପାରୀ କିଲର ଗିରଫ

ପରଜଙ୍ଗ,୨।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଅଞ୍ଚଳର ବହୁ ଚର୍ଚ୍ଚିତ ଫଟୋଗ୍ରାଫର ରାଜେଶ ପାଣି ହତ୍ୟାକାଣ୍ଡର ସୁପାରି କିଲରକୁ ଶନିବାର ପରଜଙ୍ଗ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଯାଜପୁର ଅଞ୍ଚଳର ରାଜେନ୍ଦ୍ର ମଲ୍ଲିକ। ସେ ଭୁବନେଶ୍ୱରରେ ରହି ସୁପାରି କିଲର ଭାବେ କାର୍ଯ୍ୟକରି ଆସୁଥିଲେ। ରାଜେଶଙ୍କ ହତ୍ୟାକାଣ୍ଡରେ ରାଜେନ୍ଦ୍ରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ କରିଛି ପରଜଙ୍ଗ ପୋଲିସ। ରାଜେନ୍ଦ୍ର ଜଣେ ପେଶାଦାର ସୁପାରି କିଲର ହୋଇଥିବାବେଳେ ତାଙ୍କ ନାମରେ ଯାଜପୁରରୁ ଭୁବନେଶ୍ୱର ଏବଂ ଭଦ୍ରକରୁ ଦିଲୀ ପର୍ଯ୍ୟନ୍ତ କେସ୍ ରହିଛି। ସୂଚନା ଅନୁଯାୟୀ, ଗତ ନଭେମ୍ବର ୧୪ରେ ସାଆନ୍ଦା ଅଞ୍ଚଳର ଫଟୋଗ୍ରାଫର ରାଜେଶ ପାଣିଙ୍କ ମୃତଦେହ ମୁକ୍ତାପଶି ଗାଁ ସତ୍‌ସଙ୍ଗ ଗୃହ ପୋଖରୀରୁ ଉଦ୍ଧାର ହୋଇଥିଲା, ଯାହା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏସ୍‌ପି ଅଭିନବ ସୋନକରଙ୍କ ନେତୃତ୍ୱରେ ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା ଘଟଣାର ତନାଘନା କରିଥିଲେ। ଏଥିରେ ଅନ୍ୟ କେତେଜଣଙ୍କ ହାତ ଥିବା ପୋଲିସକୁ ପ୍ରମାଣ ମିଳିଛି। ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପରଜଙ୍ଗ ପୋଲିସ। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ସାମ୍ନାକୁ ଅଣାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ କରାଯାଇଛି।

## ହରିନାମରେ କମ୍ପିଲା ସହର

କାମାକ୍ଷାନଗର,୨।୨(ସୁଧୀର ପରିଡ଼ା)

କାମାକ୍ଷାନଗର ଏନ୍‌ଏସି ବଡ଼ବନ୍ଧ ସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିର ବଡବନ୍ଧସାହି, ପତଳା, ଛାଟିଆ, କେରଯୋଳି, ବେସାଳିଆ, କାନ୍ତୋଲ, ବାଉଁଶପାଳ, ବନମାଳୀ ପ୍ରସାଦ, ମଠକରଗୋଳା, ଆଳତୁମା, ବଡ଼ବିଲା ଚଷା ସାହି, କରଣସାହି ସମେତ ଜିଲାର ବିଭିନ୍ନ ଗ୍ରାମରୁ ୨୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗ୍ରାମର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ତଥା ସମସ୍ତ ସଂକୀର୍ତ୍ତନ ଦଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ଜଗଜ୍ୟୋତି ସ୍ପୋର୍ଟ୍ସ ପକ୍ଷରୁ କୁନି କୁନି ପିଲାମାନଙ୍କୁ ନେଇ ଖେଳକୁଦ ପ୍ରତିଯୋଗିତା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବଡ଼ବନ୍ଧ ସାହିର ସମସ୍ତ ଅଧିବାସୀ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା


ମହିମା ମହାବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ।

ଢେଙ୍କାନାଳ,୨।୨(ରତନ ନାୟାର)

ଢେଙ୍କାନାଳଜିଲା ଯୋରନ୍ଦା ମହିମାଗାଦିସ୍ଥିତ ମହିମା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଦୀପ କୁମାର ସାମଲ ଏବଂ ମୁଖ୍ୟ କିରାଣି ଅଭିମନ୍ୟୁ ବେହେରାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ପ୍ରାଧ୍ୟାପକ ଜିତେନ୍ଦ୍ରୀୟ ଶତପଥୀ, ଅଧ୍ୟାପକ ଶରତ ଚନ୍ଦ୍ର ସ୍ୱାଇଁ, ପ୍ରତ୍ୟୁଷ ଶତପଥୀ, ଅଧ୍ୟାପିକା ସସ୍ମିତା ଶତପଥୀ, ସୁନିଆ ବିଷୋୟୀ, ଡ. ଶକୁନ୍ତଳା ଭୂୟାଁ ପ୍ରମୁଖ ଯୋଗଦେଇ ସେମାନଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଶ୍ରୀଚନ୍ଦନ ସାସମଲ ଓ ଡ. ଗୀତାଞ୍ଜଳି ସାହୁ ମାନପତ୍ର ପାଠ କରିଥିଲେ। କର୍ମଚାରୀ ସଂଘ ତରଫରୁ ଉପଢ଼ୌକନ, ସ୍ମୃତିଫଳକ, ଉପହାର ଏବଂ ପୁଷ୍ପଗୁଚ୍ଛ ଅର୍ପଣ କରଯାଇଥିଲା। ଏହି ଅବସରରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଅଧ୍ୟାପିକା ଡ. ଶକୁନ୍ତଳା ଭୂୟାଁ, ଡ. ଇପ୍ସିତା ଶିବଶଙ୍କର, ଡ. ଗୀତାଞ୍ଜଳି ସାହୁ ଓ ଡ. ପ୍ରଜେଶ ଜେନାଙ୍କୁ ମହାବିଦ୍ୟାଳୟ ତରଫରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରଯାଇଥିଲା। କାର୍ଯ୍ୟକ୍ରମକୁ କର୍ମଚାରୀ ସଂଘ ସମ୍ପାଦକ ଅଧ୍ୟାପକ ଦିବାକର ବେହେରା ସଂଯୋଜନା କରିଥିଲେ। ସୁବ୍ରତ କୁମାର ବିହାରୀ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାବିପତ୍ର ଦେଲେ ତାଳବରକୋଟ ପଞ୍ଚାୟତବାସୀ

ଢେଙ୍କାନାଳ,୨।୨(ରତନ ନାୟାର)


ଅଭିଯୋଗ ଶୁଣାଣି ଶିବିରରେ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ପଞ୍ଚାୟତବାସୀ।

ଢେଙ୍କାନାଳ ଜିଲା ସଦର ବ୍ଲକ ଗଜମରାଠାରେ ସ୍ଥାପନ ହେବାକୁ ଯାଉଥିବା 'କଲ୍ୟାଣୀ ଷ୍ଟିଲ୍-ଗଜମରା'ର ନାମ ପରିବର୍ତ୍ତନ କରି 'କଲ୍ୟାଣୀ ଷ୍ଟିଲ୍-ତାଳବରକୋଟ' ରଖାଯିବାକୁ ତାଳବରକୋଟ ପଞ୍ଚାୟତବାସୀ ସୋମବାର ଢେଙ୍କାନାଳ ଉପଜିଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଦାବି କରିଛନ୍ତି। ଏଥିସହିତ ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି ୨୦୦୬ ଅନୁଯାୟୀ ସ୍ଥାନୀୟ ପ୍ରଜାମାନଙ୍କୁ କମ୍ପାନୀରେ ନିଯୁକ୍ତି ପ୍ରଦାନ, ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ, ଗ୍ରାମର ଶ୍ମଶାନ ରୂପେ ବ୍ୟବହୃତ ଜମିର ହସ୍ତାନ୍ତର ପ୍ରକ୍ରିୟା ବନ୍ଦ କରିବା, ଗୋଚର ଜମି ବଦଳରେ ସମପରିମାଣର ଜମି ଗୋଚର ନିମନ୍ତେ ଗ୍ରାମବାସୀଙ୍କୁ ପ୍ରଦାନ, ବିଷାକ୍ତ ଗ୍ୟାସ୍ ହ୍ରାସ କରିବା ନିମନ୍ତେ ପଦକ୍ଷେପ ନିଆଯିବା, ଗ୍ରାମକୁ ଦେୟମୁକ୍ତ ପାନୀୟ ପାନୀୟ ଜଳ ଯୋଗାଣ ଓ ସୌର ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରିବା, ନିର୍ବିବାଦୀୟ ଜମିହରା ପ୍ରଜାଙ୍କୁ କ୍ଷତିପୂରଣ ଟଙ୍କା ସୁଧ ସହ କ୍ଷତିପୂରଣ ପ୍ରଦାନ, ଆଖପାଖ ଅଞ୍ଚଳର ଗ୍ରାମଗୁଡିକରେ ଉନ୍ନୟନ କାର୍ଯ୍ୟ, ଆଖପାଖ ଅଞ୍ଚଳରେ ଗମନାଗମନ ସୁବିଧା ଓ କୋଠା ନିର୍ମାଣ ନିମନ୍ତେ ସ୍ଥାନୀୟ ଠିକାଦାରମାନଙ୍କୁ ନିଯୁକ୍ତି ଦେବା ଏବଂ ଆର୍‌ପିଡିଏସି ବୈଠକରେ ସ୍ଥାନୀୟ ନେତୃବୃନ୍ଦ ଓ ଜମିହରା ପ୍ରଜାଙ୍କୁ ସାମିଲ୍ କରାଯିବା ଆଦି ଦାବି କରିଛନ୍ତି । ଏହିସବୁ ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ କମ୍ପାନୀ ତାର ପ୍ରାଚିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ତଥା ଆନୁସଙ୍ଗିକ ପ୍ରକଳ୍ପ ଜନିତ କାର୍ଯ୍ୟରୁ କ୍ଷାନ୍ତ ରହିବାକୁ ପଞ୍ଚାୟତବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟବାନ ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ତାଳବରକୋଟ ସରପଞ୍ଚଙ୍କ ପ୍ରତିନିଧି ଦେବାଶିଷ ଜେନାଙ୍କ ସମେତ ପଞ୍ଚାୟତର ବିଶ୍ୱପ୍ରିୟା ପଟ୍ଟନାୟକ, ଅଜୟ କୁମାର ପଟ୍ଟନାୟକ, ଦୀନକୃଷ୍ଣ ଧଳ ସାମନ୍ତ, କୈଳାସ ଚନ୍ଦ୍ର ନାୟକ, ମଧୁସୂଦନ ଜେନା, ସୁଧାକର ରାଉତ, ବ୍ରହ୍ମାନନ୍ଦ ରାଉତ, ଦୈତାରୀ ସାହୁ, ତ୍ରିଲୋଚନ ରାଉତ, ସନ୍ତୋଷ କୁମାର ରାଜ, ପଞ୍ଚାନନ ରାଜ, ମଙ୍ଗୁଳୀ ରାଉତ ଓ ଅମରେଶ୍ ଜେନାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ପ୍ରକୋଷ୍ଠ ଆଗରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ

## କଟ୍‌ନି ଛଟ୍‌ନି ସହ ଚାଷୀଙ୍କୁ ମାଡ଼ ଅଭିଯୋଗ

ଢେଙ୍କାନାଳ,୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ସୋସାଇଟି ଅଧୀନ ମଣ୍ଡିରେ ଚାଷୀ ସୁଧାକର ପରିଡ଼ାଙ୍କୁ ଧମକ ଚମକ ଦିଆଯିବା ସହିତ ତାଙ୍କ ଧାନରୁ ବ୍ୟାପକ କଟ୍‌ନି ଛଟ୍‌ନି କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସୋସାଇଟି ସମ୍ପାଦକ ତାଙ୍କୁ ମାଡ଼ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଚାଷୀ ସୁଧାକର ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କ ସହାୟତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଆଗରେ ଧାନବସ୍ତା ରଖି ତୀବ୍ର ପ୍ରତିବାଦ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗରୁ ଜଣାପଡ଼ିଛି, ଚାଷୀ ସୁଧାକର ନିଜ ଧାନକୁ ମଣ୍ଡିରେ ଦେଇଥିଲେ। ଧାନର ମାନ ପରୀକ୍ଷା କରିବା ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା ନ ଥିବା ବେଳେ ଚାଷୀଙ୍କ ଧାନରୁ ଜବରଦସ୍ତ ୧ କୁଇଣ୍ଟାଲ ପିଛା ୫ କେଜି ଧାନ କଟାଯାଇଥିଲା। ୩୮ କୁଇଣ୍ଟାଲ ଧାନରୁ ୧ କୁଇଣ୍ଟାଲ ୯୦ କେଜି କଟ୍‌ନି ଛଟ୍‌ନି କରାଯାଇଥିଲା। ଏହାର ପ୍ରତିବାଦ କରିବାରୁ ମଣ୍ଡି ସମ୍ପାଦକ ତାଙ୍କୁ ମାଡ ମାରିଥିଲେ। ଅଭିଯୋଗକାରୀ ଚାଷୀଙ୍କ ସହ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର, ଢେଙ୍କାନାଳ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର, ଗଜପତି ଜିଲା ପ୍ରଭାରୀ ରଣଜିତ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଅକ୍ରୁର ପଲେଇ ଓ ରଘୁନାଥ ସିଂହ, ସାମାଜିକ କର୍ମୀ ପ୍ରଫୁଲ୍ଲ ପରିଡ଼ା, ଶ୍ରୀଧର ରାଉତଙ୍କ ସମେତ ବିଦ୍ୟାଧର ମାଝୀ, ଅନିତା ବରାଳ, ବିଭୁ ରଥ ଓ ନୀଳମଣି ବରାଳ, ଯୁଧିଷ୍ଠିର ବରାଳ, କାର୍ତ୍ତିକ ସାହୁ, ରାମ ସାହୁ, ପ୍ରତାପ ସାହୁ, କୈଳାସ ରାଉତ ଓ ଗୋପୀନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଖବରପାଇ ଟାଉନ ଥାନା ପୋଲିସ ଓ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ପହଞ୍ଚି ବୁଝାଶୁଝା କରିଥିଲେ। ସୋସାଇଟି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗକାରୀମାନେ ଅଡ଼ି ବସିଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ପୂର୍ବରୁ ବିଭାଗ ପାଖରେ ଏଭଳି କେହି ଅଭିଯୋଗ କରି ନ ଥିଲେ। ଏବେ ଯେଉଁ ଅଭିଯୋଗ ମିଳିଛି, ଏହାର ତଦନ୍ତ କରାଯିବ। ଅପରପଟରେ ମଣ୍ଡିରେ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ଅଧିକାରୀମାନଙ୍କୁ ଫୋନ କଲେ କେହି ଫୋନ ଉଠାଉନାହାନ୍ତି ବୋଲି ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗାଣ ବିଭାଗ ଅଧିକାରୀଙ୍କୁ କହିଥିଲେ। ଏହାପରେ ଅଭିଯୋଗକାରୀ ଓ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟିବା ପାଇଁ ଅପେକ୍ଷା କରିଥିଲେ। ଏ ସଂକ୍ରାନ୍ତରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଥିଲେ, କାହାକୁ କଟ୍‌ନି ଛଟ୍‌ନି କରାଇ ଦିଆଯିବ ନାହିଁ। ଯେଉଁମାନେ ମଣ୍ଡିରେ ଏଭଳି କାମ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଏଥିପାଇଁ ରାଜ୍ୟର ଏକ ଟିମ୍ ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରୁଛି। କୌଣସି ମିଲର କିମ୍ବା ଅଧିକାରୀ ଏଥିରେ ସମ୍ପୃକ୍ତ ଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତବର୍ଷ ୬୪ ଜଣ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଥିବା ବେଳେ ୨୪ଟି ମିଲକୁ ସିଲ୍ କରାଯାଇଥିଲା। ଢେଙ୍କାନାଳ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର କହିଛନ୍ତି, ଏହାର ଯାଞ୍ଚ କରିବାକୁ ଜିଲାପାଳ ଅତିରିକ୍ତ ଜିଲାପାଳଙ୍କୁ କହିଛନ୍ତି। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ୭ଦିନ ମଧ୍ୟରେ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିବା ନବନିର୍ମାଣ କୃଷକ ସଙ୍ଗଠନର ଜିଲା ପ୍ରଭାରୀ ପ୍ରକାଶ କରିଛନ୍ତି।



ଜିଲାପାଳଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ।

## ଉକୁଣିମରା ଔଷଧ ଖାଇ ଯୁବକ ମୃତ

ପାଟଣା,୨।୨
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଟୁରୁମୁଙ୍ଗା ଥାନା ଜଡିଚାତର ଗ୍ରାମରେ ଉକୁଣିମରା ଔଷଧ ଖାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର କରୁଣାକର ମହାନ୍ତଙ୍କ ପୁଅ ଜିତେନ୍ଦ୍ର ମହାନ୍ତ(୩୪)। ସୂଚନା ଅନୁଯାୟୀ, ଜିତେନ୍ଦ୍ରଙ୍କ ସ୍ତ୍ରୀ ଘରେ ଆଣି ଉକୁଣିମରା ଔଷଧ ରଖିଥିଲେ। ଜିତେନ୍ଦ୍ର ଔଷଧକୁ ତେଲରେ ଗୋଳାଉଥିବା ବେଳେ ପିଲା ଖାଇଦେବେ ବୋଲି ତାଙ୍କ ସ୍ତ୍ରୀ ପିଲାଙ୍କ ପାଖରେ ନ ଗୋଳାଇବାକୁ ବାରଣ କରିଥିଲେ। ଉକୁଣିମରା ଔଷଧ ଖାଇ କିଏ ମଲାଣି କହି ରବିବାର ଅପରାହ୍ନରେ ଜିତେନ୍ଦ୍ର ପିଇ ଦେଇଥିଲେ। କିଛି ସମୟ ପରେ ସେ ବାନ୍ତି କରିବା ସହ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଟୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଟୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୬) ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ସୁରେଶ ଚନ୍ଦ୍ର ସାହୁ କହିଛନ୍ତି।

## କାନାଡା, ଦୁବାଇ, ଅଷ୍ଟ୍ରେଲିଆରେ କଳାକୃତିର ଚାହିଦା

### ପରିବେଶ ଉପଯୋଗୀ ରଙ୍ଗରେ ମଣ୍ଡଳା ଆର୍ଟ କରୁଛନ୍ତି ଶିଳ୍ପୀରାଣୀ

ଉମରକୋଟ, ୨।୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ୱାର୍ଡ ନମ୍ବର ୧୨ର ଶିଳ୍ପୀରାଣୀ ବିଶ୍ୱାସ ଜଣେ ଉଚ୍ଚ ଶିକ୍ଷିତ ଯୁବତୀ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ପାଠ ଶେଷ ପରେ ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବାକୁ ମନ ବଳାଇଥିଲେ। ପିଲାଟି ଦିନରୁ ଚିତ୍ର କରିବାର ଯେଉଁ ନିଶା ଥିଲା ତାହାକୁ ପେସାରେ ବଦଳାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ୟୁ ଟ୍ୟୁବ୍‌ରୁ ମଣ୍ଡଳା ଆର୍ଟ ସମ୍ପର୍କରେ ଜାଣି ତାହକୁ ଶିଖିବା ପରେ ପରୀକ୍ଷା ମୂଳକଭାବେ ଏକ ଚିତ୍ର କରି ସୋସିଆଲ ମିଡିଆରେ ଛାଡ଼ିଥିଲେ, ଯାହା ଅନେକ ପ୍ରଶଂସା ସାଉଣ୍ଟିଥିଲା। ଅନେକେ ନିଜ ଘର ପାଇଁ ଅର୍ଡର ଦେଇଥିଲେ। ଧୀରେ ଧୀରେ ଲୋକଙ୍କ ଅର୍ଡର ସଂଖ୍ୟା ବଢ଼ିବାରେ ଲାଗିଲା। ଏବେ ସୁଦ୍ଧା ସେ ୮୦୦ ଚିତ୍ର ଆଙ୍କି ଲୋକଙ୍କୁ ବିକ୍ରି କରିସାରିଲେଣି। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ନିଜେ ଅନେକ ଚିତ୍ରକରି ତାହାକୁ ବିକ୍ରି କରିଛନ୍ତି। ସବୁଠୁ ଖୁସିର କଥା ଏହି ଦୁର୍ଗମ ଅଞ୍ଚଳର ଜଣେ ଶିଳ୍ପୀଙ୍କ ଚିତ୍ର ଏବେ ବିଦେଶରେ ମଧ୍ୟ ଆଦୃତ ହୋଇପାରିଛି। ଶିଳ୍ପୀରାଣୀଙ୍କ ହାତ ତିଆରି ଜଗନ୍ନାଥ ଚିତ୍ରର କାନାଡା, ଅଷ୍ଟ୍ରେଲିଆ ଓ ଦୁବାଇରେ ବେଶ୍ ଚାହିଦା ରହିଛି। ଏହାଦ୍ୱାରା ବେଶ୍ ଭଲ ଅର୍ଥ ରୋଜଗାର ହେଉଥିବା ସେ କହିଛନ୍ତି। ଦେଶ ବାହାରୁ ଆସିଥିବା ଅର୍ଡରର କାମ ଚାଲିଛି। ଖୁବ ଶୀଘ୍ର ସେଗୁଡିକ ପୋଷ୍ଟାଲ ମାଧ୍ୟମରେ ପଠାଇବି ବୋଲି କହିଛନ୍ତି। ଏହି ଚିତ୍ର ପାଇଁ ବ୍ୟବହୃତ ରଙ୍ଗ ପରିବେଶ ଉପଯୋଗୀ। କଞ୍ଚାମାଲ ସବୁ ଦିଲ୍ଲୀରୁ ଆଣିବାକୁ ପଡୁଛି ବୋଲି ଶିଳ୍ପୀରାଣୀ କହିଛନ୍ତି। ଆଗାମୀ ଦିନରେ ଆର୍ଟ କ୍ଲାସ୍ ଖୋଲିବା ସହ ସ୍ଥାନୀୟ ଯୁବତୀଙ୍କୁ କର୍ମ ଯୋଗାଇବା ସହ ସେମାନଙ୍କୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଶିଳ୍ପୀରାଣୀଙ୍କ ଚିତ୍ରର ଏକ ସ୍ୱତନ୍ତ୍ରତା ରହିଛି। ଆମ ଅଞ୍ଚଳର କାଳକୃତି ବିଦେଶକୁ ଯାଉଛି ; ଯାହାକି ଏ ଅଞ୍ଚଳ ପାଇଁ ଗର୍ବର ବିଷୟ। ଏହି ପ୍ରୟାସ ଜାରି ରଖିଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି କ୍ରେତା ତଥା ଅଧ୍ୟାପକ ସମୀର ମହାନ୍ତି କହିଛନ୍ତି।


ଚିତ୍ରଶିଳ୍ପୀ ଶିଳ୍ପୀରାଣୀ ବିଶ୍ୱାସ ନିଜର ଏକ କଳାକୃତି ଦେଖାଉଛନ୍ତି।

# ଖଣି କମ୍ପାନୀରେ ଜିଲାର ଯୁବଗୋଷ୍ଠୀଙ୍କୁ ୮୦% ନିଯୁକ୍ତି ନିର୍ଦ୍ଦେଶ

ରାୟଗଡ଼ା,୨।୨
(ଆଶିଷ ରଞ୍ଜନ ପଣ୍ଡା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନିକିଆ ରାୟଗଡ଼ା ଜିଲା ଗସ୍ତରେ ଆସିଥିବାବେଳେ ଜିଲାରେ ରହିଥିବା ଖଣି କମ୍ପାନୀଗୁଡ଼ିକରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁଠାରେ ଖଣି, ପାଣି, ମାନବସମ୍ବଳ ଓ ଶିଳ୍ପ ଭିତ୍ତିଭୂମି ରହିଛି ସେଠାରେ ଥିବା କମ୍ପାନୀଗୁଡ଼ିକ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭାବେ ନିଯୁକ୍ତି ଦିଆଯିବ। ଏହି ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ଖଣି ଖାଦାନଭରା ରାୟଗଡା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ଆଲୁମିନା, ଇମ୍ପା, ଜେକେ ପେପର ମିଲ୍ ଭଳି ଶିଳ୍ପାନୁଷ୍ଠାନ ରହିଛି। ଆଗାମୀ ଦିନରେ ରାୟଗଡ଼ା ଜିଲା ଏକ ଉନ୍ନତ ଶିଳ୍ପ ହବ୍‌ରେ ପରିଣତ ହେବ। ଆଗାମୀ ଦିନରେ ହିଣ୍ଡାଲ୍‌କୋ ୧୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରି ଏହାର ସମ୍ପ୍ରସାରଣ କରିବାକୁ ଯାଉଛି। ୨୫ ହଜାର କୋଟି ଟଙ୍କା ନିବେଶରେ ବେଦାନ୍ତ ଆଲୁମିନା ରିଫାଇନେରି, ୭୬୫୩ କୋଟି ଟଙ୍କା ବିନିଯୋଗରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଭଳି ଅନେକ ପ୍ରକଳ୍ପ ରାୟଗଡା ଜିଲାରେ ପ୍ରତିଷ୍ଠା ହେବାକୁ ଯାଉଛି; ଯେଉଁଥିରେ ସିଧାସଳଖ ୩୨ହଜାର ନିଯୁକ୍ତି ଜିଲାରୁ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ, ଶିଳ୍ପଗୁଡ଼ିକ ହେଉଛି ସମୃଦ୍ଧିର ସ୍ତମ୍ଭ। ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି ମିଳିଲେ ହିଁ, ସମୃଦ୍ଧିର ମାର୍ଗ ପ୍ରସ୍ତୁତ ହେବ। ପୂର୍ବ ସରକାରଙ୍କ ସମୟରେ ଏ ସବୁ ହେଉ ନ ଥିଲା। ହେଲେ ବର୍ତ୍ତମାନ ସରକାର ଏହି ପ୍ରତିଶ୍ରୁତି ପାଳନ କରିବ ଏବଂ ପ୍ରତିଶ୍ରୁତି ପାଣିରେ ଗାର ହେବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି, ରାୟଗଡ଼ା ଜିଲା କାଶୀପୁର ବ୍ଲକର ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ କମ୍ପାନୀ ପ୍ରାୟ ୧୮ ବର୍ଷ ତଳେ ଆରମ୍ଭ ସମୟରେ ନିଯୁକ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇବା ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜାନୁଆରୀ ୨୮ରେ 'ପ୍ରତିଶ୍ରୁତି ପାଳନ କରୁନି ଉତ୍କଳ ଆଲୁମିନା' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ଉତ୍କଳ ଆଲୁମିନା କମ୍ପାନୀ ଜମିହରା ପ୍ରଭାବିତ ସଂଘ ପକ୍ଷରୁ ଭଗବାନ ମାଝି ଓ ଅନ୍ୟମାନେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ କମ୍ପାନୀରେ ୦.୦୧% ଶେୟାର ଦାବି ସହିତ ୨୧ଟି ସମସ୍ୟା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ତେବେ ବର୍ତ୍ତମାନ ମଧ୍ୟ ଉତ୍କଳ ଆଲୁମିନା କମ୍ପାନୀ ଅଞ୍ଚଳର ଜମିହରା ଓ ପ୍ରଭାବିତ ସଂଘ ଗତ ଏକ ସପ୍ତାହ ଧରି ଧାରଣାରେ ବସିଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ସମାଧାନ ପାଇଁ କୌଣସି ଆଲୋଚନା କରାଯାଇ ନ ଥିବା ସଂଘର ସଦସ୍ୟ ଭଗବାନ ମାଝି ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

## କାର୍ ଦୁର୍ଘଟଣା: ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଗୁରୁତର, ବାପା ମୃତ

ଛେଣ୍ଡିପଦା,୨।୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଚାରବାଟି ଛକ ନିକଟରେ ସୋମବାର ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ପଲସମା ମହାବିଦ୍ୟାଳୟର ପ୍ରତିଷ୍ଠାତା କୁମୁଦବନ୍ଧୁ ଗଡ଼ନାୟକ(୭୫) ଓ ଗୁରୁତର ହେଲେ ତାଙ୍କ ପୁଅ ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଡିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ।

ସୂଚନା ଅନୁଯାୟୀ, ଡିବିଶାଦ ସୋମବାର ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରୁ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସାରି ବାପାଙ୍କ ଦେହ ଖରାପ ଶୁଣି କୁଣ୍ଡେଇଗୋଳା ଥାନା ପଲସମା ଗାଁ ଯାଇଥିଲେ। ସେଠାରୁ ସେ ବାପାଙ୍କୁ ଚିକିତ୍ସା ପାଇଁ କଟକ କାରରେ ନେଇ ଯାଉଥିବାବେଳେ ଚାରବାଟିଆ ଛକ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟଲୋକେ ଉଭୟଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କୁମୁଦବନ୍ଧୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡିବିଶାଦଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। ଛେଣ୍ଡିପଦା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। କୁମୁଦବନ୍ଧୁ ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିବାବେଳେ ପଲସମା ମହାବିଦ୍ୟାଳୟର ପ୍ରତିଷ୍ଠାତା। ସ୍ୱର୍ଗତ ଗଡ଼ନାୟକଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ଦୁର୍ଘଟଣାଗ୍ରସ୍ତ କାର୍।

# ପ୍ରତି ପଞ୍ଚାୟତରେ ଆର୍‌ଆଇ ଅଫିସ୍: ରାଜସ୍ୱ ମନ୍ତ୍ରୀ

## ମହାନଦୀ ଜଳ ବିବାଦକୁ ନେଇ ବିଜେଡି ସରକାରକୁ ସମାଲୋଚନା

ସମ୍ବଲପୁର,୨।୨
(ପ୍ରମୋଦ ବହିଦାର)

ସମ୍ବଲପୁର ତହସିଲକୁ ଦୁଇ ଭାଗ କରାଯିବ। ହୀରାକୁଦ ଓ ବୁର୍ଲାକୁ ନେଇ ବୁର୍ଲାଠାରେ ଏକ ନୂତନ ତହସିଲ ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ସେହିପରି ଭୁବନେଶ୍ୱରକୁ ତିନି ଭାଗ ଏବଂ କଟକକୁ ଦୁଇଟି ତହସିଲରେ ବିଭକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୋମବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି, ତହସିଲ ସମ୍ପ୍ରସାରଣ ପାଇଁ ଆଗାମୀ ଦିନରେ ରାଜ୍ୟରେ ଅନେକ ଆର୍‌ଆଇ ଓ ଅମିନ ପଦବୀରେ ନିଯୁକ୍ତି ଦିଆଯିବ। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ନୂଆ ଆର୍‌ଆଇ ଅଫିସ ସ୍ଥାପନ ସରକାରଙ୍କ ଲକ୍ଷ୍ୟ ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ପ୍ରତି ଦୁଇଟି ପଞ୍ଚାୟତ ପାଇଁ ଜଣେ ଆରଆଇଙ୍କୁ ନିଯୁକ୍ତ କରାଯିବ। ବିଶେଷ କରି ରାଜସ୍ୱ ବିଭାଗର କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ପୂର୍ବକ ଉପଭୋକ୍ତା କିଭଳି ଅଫିସ ନ ଆସି ଉତ୍ତମ ସେବା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଭଲ କାମ କରୁଥିବା ସରକାରୀ କର୍ମଚାରୀଙ୍କୁ ପୁରସ୍କାର ସ୍ୱରୂପ ପଦୋନ୍ନତି ଏବଂ ବେଆଇନ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ପୂର୍ବତନ ବିଜେଡି ସରକାରକୁ ସମାଲୋଚନା କରି କହିଥିଲେ, ୨୦୧୪ରୁ ୨୦୨୨ ମଧ୍ୟରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରି ଚାଲିଥିବା ବେଳେ ବିଜେଡି ସରକାର ଆରମ୍ଭରୁ ଏହାର ପ୍ରତିବାଦ କରି ନ ଥିଲା। ଟ୍ରିବ୍ୟୁନାଲରେ ମଧ୍ୟ ଓଡ଼ିଶାର ପକ୍ଷ ଦୁର୍ବଳ ଭାବେ ଉପସ୍ଥାପନ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ବର୍ତ୍ତମାନର ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଓଏସଡି ପ୍ରଦୀପ କୁମାର ସାହୁ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟର ଏସ୍‌ଏସ୍‌ଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

## କୋଇଲା ବୋଝେଇ ଟ୍ରେନରେ ନିଆଁ

କଣ୍ଟାବାଞ୍ଜି, ୨।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ଅନ୍ତର୍ଗତ ଟିଟିଲାଗଡ଼–ରାୟପୁର ସେକ୍‌ସନର ତୁରେକେଲା ରୋଡ ରେଳ ଷ୍ଟେଶନରେ ସୋମବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗିଥିଲା। ତେବେ କଣ୍ଟାବାଞ୍ଜି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଟ୍ରେନ୍‌ଟି ରାୟପୁରରୁ ଟିଟିଲାଗଡ଼ ଆଡ଼କୁ ଆସୁଥିବାବେଳେ ତୁରେକେଲା ରୋଡ ରେଳ ଷ୍ଟେଶନରେ ଏକ ବଗିରୁ ଧୂଆଁ ବାହାରୁଥିବା ଷ୍ଟେଶନମାଷ୍ଟର ଦେଖିବାକୁ ପାଇଥିଲେ। ଷ୍ଟେଶନମାଷ୍ଟର ସଙ୍ଗେ ସଙ୍ଗେ ରେଳ ବିଭାଗର ଅଧିକାରୀ ଏବଂ କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ୧୫ କିମି ଦୂର ତୁରେକେଲା ରେଳ ଷ୍ଟେଶନକୁ ଯାଇ କୋଇଲା ବୋଝେଇ ବଗିରେ ପାଣି ପକାଇ ନିଆଁକୁ ଲିଭାଇଥିଲେ। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବାରୁ ବଡ଼ ଦୁର୍ଘଟଣାରୁ କୋଇଲା ବୋଝେଇ ଟ୍ରେନ ଅଳ୍ପକେ ବର୍ତ୍ତିଯାଇଛି।


କୋଇଲା ବୋଝେଇ ଟ୍ରେନରୁ ଅଗ୍ନିଶମ ବିଭାଗ ଦ୍ୱାରା ନିଆଁ ଲିଭାଯାଉଛି।

# ସୀମାନ୍ତରେ ଆନ୍ଧ୍ରର ଆଧାର ଅପଡେଟ୍ ପରେ ବ୍ଲକ୍ ପ୍ରଶାସନର ବୈଠକ

ପଟ୍ଟାଙ୍ଗି,୨।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତ ସୀମାନ୍ତ ଆର୍ଲୁବାଲସା ଓ ତାଡିବାଲସା ଗ୍ରାମରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଏକତ୍ର କରି ଏକ ଜନ ସମ୍ପର୍କ ବୈଠକ କରାଯାଇଛି। ସୀମାନ୍ତବାସୀଙ୍କ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପଚାରି ଅବଗତ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ବୁଝାଇଛନ୍ତି। ସୀମାନ୍ତବାସୀଙ୍କ ଆସିଥିବା ସମସ୍ୟା ଅତିଶୀଘ୍ର ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ବିଡିଓ ରାମକ୍ରିଷ୍ଣା ନାୟକ କହିଛନ୍ତି। ସୀମାନ୍ତବାସୀଙ୍କ ଆଧାର କାର୍ଡ ଯାଞ୍ଚ କରି ରାଶନ କାର୍ଡ ସହ ସଂଯୋଗ ହୋଇଛି କି ନାହିଁ ରେକର୍ଡ ଯାଞ୍ଚ କରିଛନ୍ତି। ଏହା ପରେ ସୀମାନ୍ତବାସୀଙ୍କ ଇକେୱାଇସି କରି ଆଧାର କାର୍ଡ ଅପଡେଟ୍ କରାଯାଇଥିଲା। ଏହି ସମୟରେ ବ୍ଲକ୍ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁ, ବ୍ଲକ୍ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ବିଏସ୍‌ଏସ୍‌ଓ ସୁଧିର୍ ସାହୁ, ଏପିଓ ସୌମେନ୍ଦ୍ର ନାୟକ, ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ନିଜ ବିଭାଗ ସମ୍ପର୍କରେ ସୀମାନ୍ତବାସୀଙ୍କୁ ବୁଝାଇଛନ୍ତି। ଏହା ପଞ୍ଚାୟତ ପିଇଓ କଣ୍ଡା ଗଲରୀ ଓ ଡିଇଓ ସୁକାନ୍ତ ରୁଡି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ନେଇ ଅବଗତ କରାଯାଇଛି। ସୂଚନାନୁଯାୟୀ, ପଡୋଶୀ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ ମାନ୍ୟାମ ଜିଲାର ସାଲୁର ବ୍ଲକ ପ୍ରଶାସନର କର୍ମଚାରୀ ଉପରସେମ୍ବ, ଗଞ୍ଜେଇ ପଦର ଓ ଅନ୍ୟ ସୀମାନ୍ତ ଗ୍ରାମରେ ଆଧାର କାର୍ଡ ଅପଡେଟ୍ କରି ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ଏହାର ୩ ଦିନ ପରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ କୋଟିଆ ପଞ୍ଚାୟତର ଏହି ଗ୍ରାମରେ ଜନ ସମ୍ପର୍କ ବୈଠକ କରି ସୀମାନ୍ତବାସୀଙ୍କ ସହ ଆଲୋଚନା ସହ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇବାକୁ ଚେଷ୍ଟା କରିଛି।


କୋଟିଆ ପଞ୍ଚାୟତ ନେରିଡିବାଲସା ଗ୍ରାମରେ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ବୈଠକ କରି ଆଲୋଚନା କରାଯାଉଛି।

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail - rwssjspur@gmail.com
**e-Procurement Notice**
**Bid Identification No. 49 of 2025-26**

**No.25001/13/2526** : The Executive Engineer, RWS&S Division, Jagatsinghpur on behalf of Governor of Odisha invites P1 composite bids in Single Cover system in online mode for Execution of RPWS scheme works on Percentage rate basis from eligible Class of contractors.

1. Name of work : PWS works
2. No. of work : 03 Nos
3. Estimated Cost : Rs.6,83,587/- to Rs.15,03,736/-
4. Cost of Tender paper : Rs. 4000/- to Rs.6000/- Each
5. Class of contractor : "D" & "C"
6. Availability of Tender in website : 11.02.2026 to 18.02.2026
7. Submission of Bid in online : 11.02.2026 to 18.02.2026
8. Date of seeking clarification : 11.02.2026 to 16.02.2026
9. Date of opening of bids : 19.02.2026 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

Sd./- Executive Engineer
RWS&S Divn. Jagatsinghpur
OIPR-25001/25024/1/25-26/0013

**OFFICE OF THE MUNICIPAL COUNCIL : GUNUPUR**
No.13001/13/2526 **e-Procurement Notice**
**Tender Reference No. GUN-MUN-78/2025-26**
**Letter No.508** **Dt.29.01.2026**

| | | |
|---|---|---|
| 01 | Total Nos. of Works | Thirty five (35) nos. of Civil Works |
| 02 | Approximate Estimated Cost (Excluding GST 18%) | Rs.2,05,000/- to Rs.16,93,433/- |
| 03 | Period of Completion | Thirty (30) days - One hundred twenty (120) days |
| 04 | Date & Time of availability of Bid Document in the Portal | 11.00 Hrs. of Dt.01.02.2026 to 17.00 Hrs. of Dtd.10.02.2026 for Online Bidding |
| 05 | Last date/Time for receipt of bids in the portal | 17.00 Hrs. of Dtd.10.02.2026 |
| 06 | Name and address of the Officer Inviting Bids | Executive Officer, Gunupur Municipality |
| 07 | Date of opening of Bids | 11.00 Hrs. on Dtd.11.02.2026 |
| 08 | Further details can be seen from the e-Procurement Portal | www.tendersodisha.gov.in |
| 09 | Further Addendum/Corrigendum if any will be hosted in the above website | |

Sd./- Executive Officer
Gunupur Municipality
OIPR-13001/13104/1/25-26/0013

**OFFICE OF THE PANCHAYAT SAMITI, CHANDBALI** No.19001/7/2526
AT/PO - CHANDBALI, DIST. - BHADRAK, PIN - 756133
**INVITATION FOR BIDS (IFB)**
**BID IDENTIFICATION NO - 01**

| S.I No. | Name of the Work | Location | Tender Cost |
|---|---|---|---|
| 1 | Construction of New Building of Livestock Aid Centre at Ghanteswar | Ghanteswar | 15,73,400 |

1. Class of Contract : C & D
2. Period of Completion : Six Calendar Months
3. Date & Time : 02.02.2026 (10 A.M.)
4. Last Date : 20.02.2026 (1 P.M.)
5. Time of Opening : 3:30 P.M. of 21.02.2026
6. Name and address : Block Development Officer, Chandbali, Bhadrak
7. EMD applicable : 1% of Tender Cost

Further details can be seen from the website portal https://bhadrak.odisha.gov.in/-. The interested bidders contact office of the Block Development Officer, Chandbali, Dist - Bhadrak, Contact No. - 9938176780

Sd./- Block Development Officer
Chandbali
OIPR-19001/19183/1/25-26/0007

**'e' PROCUREMENT NOTICE NO.21/2025-26**
No.25001/13/2526

1. Name of Work : Building Work
2. Total No. of Work : 01 (One) Work
3. Estimated Cost : Rs.5.88 Lakhs
4. Period of Completion : 01 (One) Calendar Month.
5. Class of Contractors : 'C' & 'D' Class only.

**Other details as follows :**
a) Procurement Officer : Superintending Engineer, Rural Works Division, Cuttack.
b) Availability of tender online for bidding : From dt.03.02.2026 at 11.00 A.M. to dt.10.02.2026 up to 5.00 P.M.
c) Last date & time of seeking of tender clarification : Dt.09.02.2026 up to 5.00 P.M.
d) Date & Time of Opening Technical Bid : Dt.11.02.2026 at 11.00 A.M.

Further details can be seen from the Govt. website www.tenderodisha.gov.in

Sd./- Superintending Engineer
Rural Works Division
Cuttack
OIPR-25001/25053/1/25-26/0013

# କେନ୍ଦ୍ର ବଜେଟରେ ସମସ୍ତ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି: ସ୍ୱାସ୍ଥ୍ୟମନ୍ତ୍ରୀ

## ବିକଶିତ ଭାରତ ସହ ବିକଶିତ ଓଡ଼ିଶାର ଦୃଢ଼ ରୋଡ୍‌ମ୍ୟାପ



ଖବରଦାତା ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଜିଲା ଭାଜପା ନେତୃବୃନ୍ଦ।

ଅନୁଗୋଳ,୨।୨(ଜ୍ୟୋତିରଞ୍ଜନ ସାହୁ)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ୨୦୨୬–୨୭ ଆର୍ଥିକ ବର୍ଷର ବଜେଟ ଦେଶ ଓ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଐତିହାସିକ ରୋଡ୍‌ମ୍ୟାପ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଅନୁଗୋଳରେ ସୋମବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ମହାଲିଙ୍ଗ କହିଥିଲେ, ଚଳିତ ବଜେଟରେ କୃଷକ, ମହିଳା, ଯୁବବର୍ଗ, ବେତନଭୋଗୀ, ମଧ୍ୟବିତ୍ତ, ଗରିବ, ବ୍ୟବସାୟୀ, ସ୍ୱାସ୍ଥ୍ୟ, ନିଯୁକ୍ତି, ଶିକ୍ଷା ଓ ପ୍ରତିରକ୍ଷା ସହ ସମସ୍ତ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟ ଆତ୍ମନିର୍ଭର ଭାରତ ଗଢ଼ିବା ସହ ଭାରତକୁ ବିଶ୍ୱର ପ୍ରଭାବଶାଳୀ ଅର୍ଥନୀତି ଭାବେ ପ୍ରତିଷ୍ଠା କରିବ।

ଡ. ମହାଲିଙ୍ଗ କହିଥିଲେ, ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ହୋଇପାରିଥିବାବେଳେ ତୃତୀୟ ସ୍ଥାନରେ ପହଞ୍ଚିବା ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ପୂରଣ ପାଇଁ ଏହି ବଜେଟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଓ ନୂତନ ଯୋଜନା ସାମିଲ ହୋଇଛି। ଆୟୁର୍ବେଦ ଠାରୁ ଆରମ୍ଭ କରି ଏଆଇ ଟେକ୍ନୋଲୋଜି ପର୍ଯ୍ୟନ୍ତ ସମସ୍ତ ଆଧୁନିକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବଜେଟରେ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟୟବରାଦ ୧୨ ଲକ୍ଷ କୋଟି ଟପିଥିବାବେଳେ ସାମାଜିକ କ୍ଷେତ୍ରରେ ମଧ୍ୟ ବ୍ୟୟ ବୃଦ୍ଧି ପାଇଛି। ପୂର୍ବରୁ ଚାଲୁଥିବା କୌଣସି ଯୋଜନା ବନ୍ଦ ହୋଇ ନ ଥିବାବେଳେ ଆୟକର ସ୍ଲାବ ଅପରିବର୍ତ୍ତିତ ରଖାଯାଇ ସାଧାରଣବର୍ଗଙ୍କୁ ଆଶ୍ୱସ୍ତ କରାଯାଇଛି। ଓଡ଼ିଶା ପାଇଁ ବଜେଟରେ ବିଶେଷ ପ୍ରାଥମିକତା ଦିଆଯାଇଛି। ଆଗାମୀ ୫ ବର୍ଷରେ ଜାତୀୟ ଜଳମାର୍ଗ ଯୋଜନା ଅଧୀନରେ ୨୦ଟି ନୂଆ ଜଳପଥ ନିର୍ମାଣ ହେବ, ଯାହା ଓଡ଼ିଶାରୁ ଆରମ୍ଭ ହେବ। ତାଳଚେର, ଅନୁଗୋଳ, କଳିଙ୍ଗନଗରକୁ ଧାମରା ଓ ପାରାଦୀପ ବନ୍ଦର ସହ ସଂଯୋଗ କରିବା ପାଇଁ ଜାତୀୟ ଜଳମାର୍ଗ ୫ ନିର୍ମାଣ ହେବ, ଯାହା ଶିଳ୍ପାୟନକୁ ନୂଆଦିଗ ଦେବ। ଓଡ଼ିଶାରେ ପ୍ରଥମ ଥର ପାଇଁ 'ରେୟାର ଆର୍ଥ କରିଡୋର' ସ୍ଥାପନ ଘୋଷଣା ହୋଇଛି। ଏହାଦ୍ୱାରା ଇଭି, ଆଧୁନିକ ଶକ୍ତି, ପ୍ରତିରକ୍ଷା ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଗବେଷଣା ଓ ଶିଳ୍ପ ସମୃଦ୍ଧି ହେବା ସହ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ। ପୂର୍ବବର୍ଷ ତୁଳନାରେ ଓଡ଼ିଶାକୁ ୧୪ ହଜାର କୋଟିରୁ ଅଧିକ କେନ୍ଦ୍ରୀୟ ବଜେଟ ମିଳିଥିବା ବେଳେ ଅର୍ଥ ଆୟୋଗ ସୁପାରିଶ, କେନ୍ଦ୍ରୀୟ ଅନୁଦାନ ଓ ସ୍ୱତନ୍ତ୍ର ଯୋଜନା ବାବଦରେ ପ୍ରାୟ ୧.୨୦ ଲକ୍ଷ କୋଟି ଟଙ୍କା ମିଳିବାର ସୁଯୋଗ ସୃଷ୍ଟି ହୋଇଛି। ଚଳିତ ବଜେଟ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ଗମନାଗମନ କ୍ଷେତ୍ରରେ ଓଡ଼ିଶା ସହ ଅନୁଗୋଳ ଜିଲାକୁ ସବୁଠୁ ବେଶି ଲାଭାନ୍ୱିତ କରିବ ବୋଲି ଡ. ମହାଲିଙ୍ଗ କହିଥିଲେ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥମନ୍ତ୍ରୀ ସୀତାରାମନ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ସଂଯୋଜନା କରିଥିବାବେଳେ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ସହ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ଏବଂ ହସ୍ପିଟାଲ ସମସ୍ୟାର ସମାଧାନ ନିର୍ଦ୍ଦେଶ

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଅନୁଗୋଳ,୨।୨(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷ ଠାରେ ସୋମବାର ଅପରାହ୍ଣରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲ ସମ୍ପର୍କିତ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମନ୍ତ୍ରୀ ପବିତ୍ର ମୋହନ ମେଡିକାଲ କଲେଜ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟ ଉପରେ ଆଲୋଚନା କରିବା ସହିତ ତୁରନ୍ତ ସମାଧାନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ଶିକ୍ଷା, ରୋଗୀ ସେବା, ଚିକିତ୍ସା ସୁବିଧା, ପ୍ରଶାସନିକ ବ୍ୟବସ୍ଥା, ନୂତନ ଅଡିଟୋରିୟମ, ପିଜି ହଷ୍ଟେଲ ନିର୍ମାଣ, ରୋଗୀଙ୍କ ଡାଏଲସିସି ଆଦି ବିଷୟ ଉପରେ ଆଲୋଚନା କରିବା ସହିତ ରୋଗୀମାନଙ୍କୁ ସମୟୋପଯୋଗୀ ଏବଂ ଗୁଣାତ୍ମକ ଚିକିତ୍ସା ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଯଥାଶୀଘ୍ର ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁକୁ କାର୍ଯ୍ୟକ୍ଷମ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ଯଯାତି ପଟ୍ଟନାୟକ, ପାଲଲହଡା ବିଧାୟକଙ୍କ ପ୍ରତିନିଧି ରତ୍ନାକର ସାହୁ, ତାଳଚେର ପୌରପାଳିକା ଅଧ୍ୟକ୍ଷ ପବିତ୍ର ମୋହନ ଭୂତିଆ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମଦନ ମୋହନ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଭାବବିହ୍ୱଳ ବିଦାୟ

ବଆଁରପାଳ,୨।୨(ସୁବାସ ସାହୁ)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ଜରଡ଼ା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଜରଡ଼ା ସରପଞ୍ଚ ରତ୍ନାକର ଦାସ ଓ ସମିତି ସଭ୍ୟ ରଞ୍ଜନ କୁମାର ଦାସ, ଜରଡ଼ା ଗ୍ରାମ୍ୟ ସଭାପତି କୁଶଧ୍ୱଜ ଦାସ ଓ ଗ୍ରାମବାସୀ, ଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇ ଭାବବିହ୍ୱଳ ବିଦାୟ ଦେଇଥିଲେ। ଦୀର୍ଘ ୩୪ ବର୍ଷଧରି ଶୃଙ୍ଖଳା ଓ ନିଷ୍ଠାର ସହ ସେ ନିଜର ଦାୟିତ୍ୱ ତୁଲାଇଥିଲେ। ବିନୋଦ ସାର୍‌ଙ୍କୁ ଭୁଲି ପାରିବୁନାହିଁ ବୋଲି ଶିକ୍ଷକ ତରଣୀସେନ ସାହୁ ପ୍ରକାଶ କରିଥିଲେ। ଅବସର ନେଲେ ମଧ୍ୟ ବିଦ୍ୟାଳୟର ଉନ୍ନତି, ଶୃଙ୍ଖଳା ଉପରେ ଦେଖାଶୁଣା ଓ ଗୁରୁତ୍ୱ ଦେବେ ବୋଲି ପ୍ରଧାନ ଶିକ୍ଷକ ବିନୋଦ କହିଛନ୍ତି।


ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଆଠମଲ୍ଲିକ,୨।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆୟୋଜିତ ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଂସଦ ସଭାପତି ତଥା ଉପଜିଲାପାଳ ଉପେନ୍ଦ୍ର ଲୁହା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଏସ୍‌ଡିପିଓ ସୁଶାନ୍ତ ତାଉଡ଼ିଆ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଯୁବନେତା ପ୍ରକାଶ ଡାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ କୁଚିଣ୍ଡା ଓ ବଲାଙ୍ଗୀର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ କୁଚିଣ୍ଡା ୨/୧ ଗୋଲରେ ବିଜୟୀ ହୋଇଥିଲା। ଦିଲୀପ କୁମାର ରାଉତ, ସଲିଲ ବେହେରା, ସୁଜିତ ରାଜହଂସ ଏବଂ ସୁଶୀଲ ବେହେରା ଖେଳ ପରିଚାଳନା କରିଥିଲେ। ପ୍ରଦୀପ କୁମାର ବାହୁକ, କ୍ରୀଡ଼ା ସଂସଦ ସମ୍ପାଦକ ରଞ୍ଜନ ମହାକୁଡ଼, ଟୁର୍ନାମେଣ୍ଟର ସମ୍ପାଦକ ସନ୍ତୋଷ ହୋତା, ଉପସଭାପତି ପୀତବାସ ସାହୁ, ସଦସ୍ୟ ଅନ୍ତର୍ଯ୍ୟାମୀ ନାଏକ, ସିଲୁ ପ୍ରଧାନ, ପ୍ରାଣନାଥ ପଟ୍ଟନାୟକ, ନନ୍ଦ କିଶୋର ତ୍ରିପାଠୀ, ଗୁପ୍ତେଶ୍ୱର ଘିଓ୍ୱାଲା, ଦୀପକ ବାରିକ, ଛବିଳ ବେହେରା, କୈଳାଶ ବେହେରା, ଅର୍ଜୁନ ନାଏକଙ୍କ ସମେତ କ୍ରୀଡ଼ା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

# ବିପର୍ଯ୍ୟୟ ନିରାପତ୍ତା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୨।୨(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ପିଟିସି ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଏକ ସ୍କୁଲ୍‌ସ୍ତରୀୟ ବିପର୍ଯ୍ୟୟ ନିରାପତ୍ତା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଏନ୍‌ଡିଆର୍‌ଏଫ୍ କଟକ ମଣ୍ଡଳଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ବନ୍ୟା, ବାତ୍ୟା, ବଜ୍ରପାତ, ନିଆଁ, ରାସ୍ତା ଦୁର୍ଘଟଣା, ପାଣିବୁଡିରୁ ଛାତ୍ରୀଛାତ୍ରମାନେ ନିଜକୁ କିପରି ରକ୍ଷା କରିପାରିବେ ସେ ସମ୍ବନ୍ଧରେ ବିଭିନ୍ନ କଳା କୌଶଳ ମାଧ୍ୟମରେ ଏନ୍‌ଡିଆର୍‌ଏଫ୍ ଟିମ୍‌ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀଙ୍କ ସମେତ ପିଟିସି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଉଛି।

# ଚାରାରୋପଣ, ସମାନତା ବାର୍ତ୍ତା ନେଇ ସାଇକେଲରେ ଭାରତ ଭ୍ରମଣ




ଅନୁଗୋଳ,୨।୨(ଦିବ୍ୟଶାନ୍ତନୁ ନାଥ)

ଦେଶର ଅସନ୍ତୁଳିତ ପରିବେଶ ଓ ପାଣିପାଗରେ ସନ୍ତୁଳନ ଆଣିବା ନିମନ୍ତେ ଚାରାରୋପଣ ଏକ ବଡ଼ ଉପାୟ। ଏହି ସଚେତନତା ବାର୍ତ୍ତା ସାରା ଦେଶରେ ବାଣ୍ଟିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ଉତ୍ତରପ୍ରଦେଶ ବଲିଆ ଜିଲାର ୬୨ ବର୍ଷୀୟ ବିନୋଦ ସେବକ। ସେ ଜାନୁଆରୀ ୧୯ ତାରିଖରୁ ଉତ୍ତରପ୍ରଦେଶର ହାଥଜୌ ଗାଁରୁ ସାଇକେଲରେ ଭାରତ ଭ୍ରମଣ ଅଭିଯାନ ଆରମ୍ଭ କରିଥିଲେ। ସେଠାରୁ ବାହାରି ଓଡ଼ିଶାର କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲେ। ଜାନୁଆରୀ ୨୬ ତାରିଖରେ ନେତାଜୀଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ କରିବା ସହ ଚାରାରୋପଣ ଓ ସମାନତାର ବାର୍ତ୍ତା ବାଣ୍ଟି ଅନୁଗୋଳରେ ପହଞ୍ଚିଥିଲେ। ଅନୁଗୋଳ ତାଳଚେରସ୍ଥିତ ଗୋବରା ଗାଁର ସ୍ୱାଧୀନତା ସଂଗ୍ରାମୀ ବେଣୁଧର ପ୍ରଧାନ ଓ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଇଥିବା କଳମଛୁଇଁ ଗାଁର ବଂଶୀଧର ପ୍ରଧାନଙ୍କ ଜନ୍ମଭୂମିରୁ ମାଟି ସଂଗ୍ରହ କରିଥିଲେ। ସାଇକେଲ ଯୋଗେ ସେ ସାରା ଭାରତ ଭ୍ରମଣ କରିବାକୁ ଯୋଜନା କରିଥିବା ବେଳେ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ଯାତ୍ରା ସମ୍ପୂର୍ଣ୍ଣ କରିବାର ଯୋଜନା ରଖିଛନ୍ତି।

# ଆର୍ଦ୍ରଭୂମିର ସୁରକ୍ଷା, ସଂରକ୍ଷଣ ଅପରିହାର୍ଯ୍ୟ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୨।୨(ଦିବ୍ୟଶାନ୍ତନୁ ନାଥ)

ପରିବେଶ ସନ୍ତୁଳନ, ସୁସ୍ଥ ପରିସଂସ୍ଥା ଓ ଜଳବାୟୁ ସ୍ଥିରତା ପାଇଁ ଆର୍ଦ୍ରଭୂମିର ସୁରକ୍ଷା ଏବଂ ସଂରକ୍ଷଣ ଅପରିହାର୍ଯ୍ୟ। ପ୍ରାକୃତିକ ଆବର୍ତ୍ତନ ପ୍ରକ୍ରିୟାକୁ ବଜାୟ ରଖିବା ସହ ଭୂତଳ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବାରେ ଆର୍ଦ୍ରଭୂମିର ଭୂମିକା ଅତୁଳନୀୟ। ଏକ ସୁସ୍ଥ ଶରୀର ପାଇଁ ଫୁସ୍‌ଫୁସ୍ ଓ ବୃକକ୍ ଯେମିତି ଆବଶ୍ୟକ, ଠିକ୍ ସେମିତି ଏକ ସନ୍ତୁଳିତ ପୃଥିବୀ ପାଇଁ ଜଙ୍ଗଲ ଓ ଆର୍ଦ୍ରଭୂମିର ସୁରକ୍ଷା ଜରୁରୀ। ମାତ୍ର ସମ୍ପ୍ରତି ମାନବ ସମାଜର ଜନସଂଖ୍ୟା ବିସ୍ଫୋରଣ ଏବଂ ସେହି ହାରରେ ଆଧୁନିକତା ଓ ଆବଶ୍ୟକତା ଦୃଷ୍ଟିରୁ ଆର୍ଦ୍ରଭୂମିର ବିଲୋପ ଏକ ବିରାଟ ଚିନ୍ତାର କାରଣ ହୋଇଛି। ଯୁବ ଓ ଛାତ୍ର ସମାଜ ଆର୍ଦ୍ରଭୂମି ବିଷୟରେ ସଚେତନ ହେଲେ ଭବିଷ୍ୟତରେ ଆର୍ଦ୍ରଭୂମିର ସୁରକ୍ଷା ହୋଇପାରିବ। ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଉଦ୍ୟମରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରନ୍ତଲେଇଠାରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ଏହି ମତପ୍ରକାଶ ପାଇଛି। ଏଥିରେ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ଜିତେନ କୁମାର ସାହୁ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ପରିବେଶବିତ୍ ତଥା ନିୟୁଜ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଯୋଗ ଦେଇ ଆର୍ଦ୍ରଭୂମିର ଭୂମିକା ସମ୍ବନ୍ଧରେ ତଥ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ସରୋଜ କୁମାର ପ୍ରଧାନ, ସୁଧାଂଶୁ ଶେଖର ନାଥ, ପ୍ରଦୀପ କୁମାର ସାହୁ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ, ବିନୟ କୁମାର ସାହୁ ଉପସ୍ଥିତ ଥିଲେ।

# ବଲଣ୍ଡା ୧–୦ ଗୋଲ୍‌ରେ ବିଜୟୀ



## ଜିଲା ଗ୍ରାମୀଣ ଫୁଟ୍‌ବଲ ଲିଗ୍

ଅନୁଗୋଳ,୨।୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ପିଟିସି ପଡ଼ିଆରେ ଆୟୋଜିତ ଜିଲା ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍‌ର ସୋମବାର ମ୍ୟାଚ କଳିଙ୍ଗ କ୍ଲବ ବଲଣ୍ଡା ସହ ଖମାର ବଗେଡ଼ିଆ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ବଲଣ୍ଡା ୧–୦ ଗୋଲରେ ଖମାରକୁ ପରାସ୍ତ କରିଥିଲା। ମନୋଜ ଦାସ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଏବଂ ଯୁବ ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। ମଙ୍ଗଳବାର ପତାକା ଆଠମଲ୍ଲିକ ବନାମ କୁଇଓ ଏବଂ ବଳରାମ ପ୍ରସାଦ ବନାମ କାଇଁଶିରିପାଲି ପାଲଲହଡ଼ା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ମନଦେଇ ପଢ଼ିଲେ ଶୀର୍ଷରେ ପହଞ୍ଚିବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବଇଣ୍ଡା,୨।୨ (ପରିକ୍ଷିତ ସାହୁ)

ଶିକ୍ଷାର ଉନ୍ନତି ପାଇଁ ଶିକ୍ଷକ ଓ ଅଭିଭାବକ ଯତ୍ନବାନ ହେବା ଆବଶ୍ୟକ। ମନଦେଇ ପଢ଼ିଲେ ଛାତ୍ରୀଛାତ୍ରମାନେ ସଫଳତାର ଶୀର୍ଷରେ ପହଞ୍ଚିବେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଏହି ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ବାଲେଶ୍ୱରସ୍ଥିତ କେମ୍ବ୍ରିଜ ସ୍କୁଲ ଅଧ୍ୟକ୍ଷ ମଦନ ମୋହନ ବେହେରା, ଅନ୍ୟତମ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖମାରୀ, ବିଦ୍ୟାଳୟ ସଭାପତି ପ୍ରିୟ ରଞ୍ଜନ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ନବୀନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦେବାଶିଷ ସାହୁ, ଶିକ୍ଷୟିତ୍ରୀ ଅଳକା ଦେ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ହିମାଂଶୁ ସାହୁ ଧନ୍ୟବାଦ ଦେଇଥିବା ବେଳେ ରତ୍ନମୟୀ ସାହୁ, ଅଜିତ ବିଶ୍ୱାଳ, ମମତା ବୋଷ, ସୁଜାତା ସାହୁ, ସୋମା କୁରେସୀ, ଜଗଦିଶ ପାତ୍ର, ମାନସ ରଞ୍ଜନ ସାଥୁଆ, ଦୀପ୍ତିମୟୀ ମିଶ୍ର ସହଯୋଗ କରିଥିଲେ।

# ୫୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଅନୁଗୋଳ,୨।୨ (ମାନସ ବିଶ୍ୱାଳ)/ ବଇଣ୍ଡା (ପରିକ୍ଷିତ ସାହୁ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଜିଲାପାଳ ଅବଦଲ ମୁହମଦ ଅଖତାରଙ୍କ ଅଧ୍ୟକ୍ଷତାରେ ସମୁଦାୟ ୫୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫ଜଣ ଗରିବ ଲୋକଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୨ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ଝିମିରିପାଲି ଗାଁ ଉପକଣ୍ଠ ଦେଇ ତାଳଚେର ବିମଳାଗଡ଼ ରେଳ ଲାଇନ୍ ଦେଇ ଯାଉଥିବାରୁ ଝିମିରିପାଲି ସମେତ ଝିମିରିପାଲି ଡିମିରିଆ ପ୍ରଭାଶୁଣି ଖଜୁରିଆ ସାହି ଏବଂ କୁଟୁରିଆ ଗାଁକୁ ଯିବାକୁ ରାସ୍ତା ନ ଥିବାରୁ ୫ଟି ଗାଁର ଜନସାଧାରଣ ଜିଲାପାଳଙ୍କୁ ଭେଟି ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଲିଖିତ ଦାବି କରିଥିଲେ। ସେହିପରି ମାଙ୍କଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣରେ ପାଲଲହଡା ବ୍ଲକର ୫ଟି ପଞ୍ଚାୟତର ୩ଟି ଗାଁ ଜଳମଗ୍ନ ସହ ୨୦ଟି ଗାଁ କ୍ଷତିଗ୍ରସ୍ତ ହେବ। ଏହି ଡ୍ୟାମ ନିର୍ମାଣକୁ ବନ୍ଦ କରିବା ପାଇଁ ସଂଗ୍ରାମ ସମିତି ସଭାପତି ରତ୍ନାକର ରାଉତଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଶିବିରରେ ଜିଲା ଆରକ୍ଷୀ ଅଧିକାରୀ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ଏବ ସମସ୍ତ ଜିଲା ଅଧିକାରୀ ଏବଂ ଉପଖଣ୍ଡ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୬୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବାବେଳେ ଅନୁଗୋଳ ବ୍ଲକ ହୁଲୁରୁସିଂହା ଗ୍ରାମର କାଳିଆ ବେହେରାଙ୍କୁ ହୁଇଲ ଚେୟାର ଏବଂ ବଆଁରପାଳ ବ୍ଲକ କୁଶପଙ୍ଗି ଗ୍ରାମର ଅରବିନ୍ଦ ନାଏକଙ୍କୁ ୱାକିଂ ଷ୍ଟିକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋରନଗର ବ୍ଲକ ଅତିରିକ୍ତ ବିଡିଓ ଦିଲୀପ କୁମାର ପ୍ରଧାନ ଯୋଗଦେଇ ୨୦ଟି ଅଭିଯୋଗର ଶୁଣାଣି କରିବା ସହ ସମସ୍ତ ଅଭିଯୋଗ ଶୀଘ୍ର ସମାଧାନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୋଗାଣ ବିଭାଗ କର୍ମଚାରୀ ସରୋଜ କୁମାର ପ୍ରଧାନ, ଏବିଇଓ ଲକ୍ଷ୍ମଣ କୁମାର ଦେହୁରୀ, ବିଆର୍‌ସି ଦିଲେଶ୍ୱର ଦେହୁରୀ, ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଯଶକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଆଇଆଇଟି ରିପୋର୍ଟରେ ଟିପିସିଓଡିଏଲ୍‌ର କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବିଦ୍ୟୁତ ବିତରଣ କାର୍ଯ୍ୟଦକ୍ଷତା ଉପରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ବିତରଣ କ୍ଷେତ୍ରରେ ସଂସ୍କାର ପରବର୍ତ୍ତୀ ୫ ବର୍ଷ ମଧ୍ୟରେ ନେଟୱର୍କ ବିଶ୍ୱସନୀୟତା, କାର୍ଯ୍ୟକ୍ଷମତା, ବୈଷୟିକ ହସ୍ତକ୍ଷେପ ଏବଂ ଗ୍ରାହକ ସେବା ପ୍ରଦାନ ପ୍ରକ୍ରିୟା କିଭଳି ବିକଶିତ ହୋଇଥିବ ଏହି ରିପୋର୍ଟରେ ଅନୁଧ୍ୟାନ କରାଯାଇଛି। ନିରନ୍ତର ପୁଞ୍ଜି ବିନିଯୋଗ, ନେଟୱର୍କର ଆଧୁନିକୀକରଣ ଏବଂ ବିତରଣ ନେଟୱର୍କରେ ଡିଜିଟାଲ୍ ବୈଷୟିକ ଜ୍ଞାନକୌଶଳର କ୍ରମାଗତ ବ୍ୟବହାର ଯୋଗୁ ମିଳିଥିବା ସୁଫଳକୁ ଏହି ଅଧ୍ୟୟନରେ ମୂଲ୍ୟାଙ୍କନ କରାଯାଇଛି।



ଏହି ଅଧ୍ୟୟନଟି ଆଇଆଇଟି ଭୁବନେଶ୍ୱରର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଚନ୍ଦ୍ରଶେଖର ଭେଣ୍ଡେ, ଆସୋସିଏଟ୍ ପ୍ରଫେସର ଡ. ଚନ୍ଦ୍ରଶେଖର ପେରୁମାଲ୍ଲା ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଭିନୀତ ପ୍ରକାଶଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ସେଣ୍ଟ୍ରାଲ ଓଡ଼ିଶାର ୨୯,୩୫୪ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ୧.୩୬ କୋଟି ଜନସାଧାରଣଙ୍କୁ ସେବା ଯୋଗାଉଥିବା ଟିପିସିଓଡିଏଲର କାର୍ଯ୍ୟଦକ୍ଷତାକୁ ଏଥିରେ ପରଖାଯାଇଛି। ଅଧ୍ୟୟନରେ ବିଦ୍ୟୁତ ବିଭ୍ରାଟ ସମୟରେ ଆସିଥିବା ଉଲ୍ଲେଖନୀୟ ହ୍ରାସ, ଯାହା ସମୀକ୍ଷା ସମୟ ମଧ୍ୟରେ 'ସିଷ୍ଟମ ଆଭେରେଜ୍ ଇଣ୍ଟରପ୍ସନ ଡ୍ୟୁରେସନ୍ ଇଣ୍ଡେକ୍ସରେ ପ୍ରାୟ ୫୦% ସୁଧାର ମାଧ୍ୟମରେ ପ୍ରତିଫଳିତ ହୋଇଛି। ଟ୍ରାନ୍ସଫର୍ମର ଟ୍ରିପିଂ ଏବଂ ପୋଡ଼ିଯିବା ହାର ମଧ୍ୟ ହ୍ରାସ ପାଇଛି। ସଂସ୍କାର ସମୟର ପ୍ରାରମ୍ଭରେ ପ୍ରାୟ ୩୦% ଥିବା ଏଗ୍ରିଗେଟ୍ ଟେକ୍ନିକାଲ୍ ଆଣ୍ଡ କମର୍ସିଆଲ (ଏଟିଆଣ୍ଡସି) କ୍ଷତି ଆର୍ଥିକ ବର୍ଷ ୨୦୨୫ ସୁଦ୍ଧା ୧୮.୯୪%କୁ ହ୍ରାସ ପାଇଛି। ଉନ୍ନତ କାର୍ଯ୍ୟକ୍ଷମ ନିୟନ୍ତ୍ରଣ, ବିଲିଂ ପ୍ରକ୍ରିୟାରେ ସୁଧାର ଏବଂ ନେଟ୍‌ୱର୍କ ଦକ୍ଷତା ବୃଦ୍ଧି ଯୋଗୁ ଏହି ସଫଳତା ମିଳିଛି। ଏହି ସମୟ ମଧ୍ୟରେ ୩୩ କେଭି ଫିଡରରେ ୪୪% ଏବଂ ୧୧ କେଭି ଫିଡରରେ ୪୨% ବୃଦ୍ଧି ସହ ୨୫୦ଟି ସବ୍‌ଷ୍ଟେଶନକୁ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସଂଯୁକ୍ତ କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ୧,୫୦୦ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ସବ୍‌ଷ୍ଟେଶନ ଗୁଡ଼ିକର ସୁଦୃଢ଼ୀକରଣ, ଅଟୋମେସନ୍ ପରିସର ବୃଦ୍ଧି, ଡିଜିଟାଲ୍ ମନିଟରିଂ ପ୍ଲାଟଫର୍ମ ଏବଂ ସାମଗ୍ରିକ ନେଟୱର୍କ ସ୍ଥିରତା ପାଇଁ ବ୍ୟୟ କରାଯାଇଛି।

# ଇଣ୍ଡୋ-ତାଇୱାନ ସେମିକଣ୍ଡକ୍ଟର ପ୍ୟାକେଜିଂ ଏବଂ ଟେଷ୍ଟିଂ ସମ୍ମିଳନୀ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)




ତାମିଲନାଡୁର ତାଞ୍ଜାଭୁରସ୍ଥିତ ଶାସ୍ତ୍ର ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ତାଇୱାନର ଲୁଙ୍ଗହ୍ୱା ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଦୁଇଦିନିଆ ଇଣ୍ଡୋ-ତାଇୱାନ ସେମିକଣ୍ଡକ୍ଟର ପ୍ୟାକେଜିଂ ଏବଂ ଟେଷ୍ଟିଂ ସମ୍ମିଳନୀ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ଏହାକୁ ସ୍ୱାର୍କ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସମର୍ଥନ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ରାଓ ଆର. ତୁମ୍ମାଲା ଯୋଗଦେଇଥିଲେ। ସେ ତାଙ୍କ ଭାଷଣରେ ସିଷ୍ଟମ୍-ଅନ୍-ଚିପ୍‌ରୁ ସିଷ୍ଟମ୍-ଅନ୍-ପ୍ୟାକେଜ୍ ଆଡ଼କୁ ବିଶ୍ୱବ୍ୟାପୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଭାରତରେ ଇଣ୍ଡଷ୍ଟ୍ରି କୋ- ଡେଭେଲପମେଣ୍ଟ ସେଣ୍ଟର୍ସ(ଆଇସିସିଏସ୍) ସ୍ଥାପନ କରି ସେମିକଣ୍ଡକ୍ଟର ଶିଳ୍ପ ବିକାଶରେ ସହଯୋଗ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ପ୍ରଫେସର ଏସ. ବୈଦ୍ଧସୁବ୍ରମଣିଅମ ସମ୍ମିଳନୀରେ ସ୍ୱାଗତ ଭାଷଣ ଦେଇ ଶାସ୍ତ୍ର ଓ ତାଇୱାନୀ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ଚାଲିଥିବା ଶିକ୍ଷା ଓ ଗବେଷଣା ସହଯୋଗକୁ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନରେ ଶାସ୍ତ୍ର ଓ ପିଟିଡବ୍ଲ୍ୟୁ ସେମିକଣ୍ଡକ୍ଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହାକୁ ଶାସ୍ତ୍ର ରେଜିଷ୍ଟ୍ରାର ପ୍ରଫେସର ଆର୍. ଚନ୍ଦ୍ରମୌଳି ଓ ପିଟିଡବ୍ଲ୍ୟୁ ଜେନେରାଲ ମ୍ୟାନେଜର ଭେଙ୍କଟେଶ କୁମାର ପଣ୍ଡୁରଙ୍ଗନ ସ୍ୱାକ୍ଷର କରିଥିଲେ। ୨୦ଟି ଶିଳ୍ପ ପ୍ରତିଷ୍ଠାନ ଓ ୨୫ଟି ଶିକ୍ଷାନୁଷ୍ଠାନରୁ ୧୪୦ରୁ ଅଧିକ ପ୍ରତିନିଧି ଯୋଗଦେଇ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ସମ୍ମିଳନୀର ସମାପନ ଅଧିବେଶନରେ ସହ-ସଂଯୋଜକ ଡ. ଏସ. ଲେନିନ ପ୍ରକାଶ ଧନ୍ୟବାଦ ଦେଇଥିଲେ।

# ନିସ୍ ପ୍ରତିଷ୍ଠାତାଙ୍କୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ



ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକଙ୍କୁ 'ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ-୨୦୨୬' ରେ ସମ୍ମାନିତ କରାଯାଇଛି। ଉତ୍କର୍ଷ ଓଡ଼ିଶା ପକ୍ଷରୁ ନିକଟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ଆକାଶଦାସ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ପ୍ରଗତିଶୀଳ ଭବିଷ୍ୟତ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପୁରସ୍କାର ପାଇବା ଅବସରରେ ଡ. ସୁଭାଷ ଚନ୍ଦ୍ର ନାୟକ ଆୟୋଜକମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଉକ୍ତ ସମ୍ମାନକୁ ନିସ୍ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ସର୍ଗ କରିଛନ୍ତି।

# ଢେଙ୍କାନାଳ ପ୍ରକଳ୍ପ ସମ୍ପ୍ରସାରଣ କରିବ ବେଦାନ୍ତ ଆଲୁମିନିୟମ

## ଜମି ଆବଣ୍ଟନ ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଢେଙ୍କାନାଳରେ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ବେଦାନ୍ତ ଆଲୁମିନିୟମକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧,୪୪୭ ଏକରରୁ ଅଧିକ ଜମିର ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି । ରାଉରକେଲାରେ ଅନୁଷ୍ଠିତ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି। ଖଣି ମନ୍ତ୍ରଣାଳୟର ଆଲୁମିନିୟମ ଭିଜନ୍ ଡକ୍ୟୁମେଣ୍ଟ (୨୦୨୫) ଦ୍ୱାରା ଭାରତର ଆଲୁମିନିୟମ ଚାହିଦା ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ଛଅ ଗୁଣ ବୃଦ୍ଧି ପାଇ



ପ୍ରାୟ ୩୭ ଏମ୍‌ଟିପିଏ ହେବ ବୋଲି ଆକଳନ କରାଯାଇଥିବାରୁ ଆଗାମୀ ପ୍ରକଳ୍ପ ଏହି ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାରେ ଏକ ସମୟୋଚିତ ଭୂମିକା ଗ୍ରହଣ କରିବ । ଏହି ବିକାଶ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହା ଭାରତର ଆଲୁମିନିୟମ ଯାତ୍ରାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ । ଏହାର ପ୍ରଭାବ ଧାତୁ ଉତ୍ପାଦନ, ନିଯୁକ୍ତି ବୃଦ୍ଧି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ ଓଡ଼ିଶାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଭିତ୍ତିଭୂମିକୁ ସକ୍ଷମ କରିବ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ବେଦାନ୍ତ ଆଲୁମିନିୟମର ପାଭିଲିୟନକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ପାଭିଲିୟନଟି କମ୍ପାନୀର ବ୍ୟାପକ ଉତ୍ପାଦ ପୋର୍ଟଫୋଲିଓକୁ ପ୍ରଦର୍ଶନ କରିବା ସହିତ ରାଜ୍ୟରେ ବୃଦ୍ଧି ପାଉଥିବା ଶିଳ୍ପ ଇକୋସିଷ୍ଟମକୁ ସମର୍ଥନ କରିଥିଲା।

# ଏଲଆଇସି ପକ୍ଷରୁ ମହିଳା ବୁଣାକାରଙ୍କୁ ତାଲିମ୍

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର କଟକ ମଣ୍ଡଳ ପକ୍ଷରୁ ଶ୍ରଦ୍ଧା ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ଜଗତସିଂହପୁର ଜିଲା ଓଡ଼ିଶୋ ଗ୍ରାମରେ ଏକ ହସ୍ତତନ୍ତ ବୁଣାକାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲିମ ନେଇଥିବା ମହିଳାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଏଲଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର, ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର, ଜଗତସିଂହପୁର ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ଦାମୋଦର ରାଉତ ଓ ଶ୍ରଦ୍ଧା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏପରି ତାଲିମ କାର୍ଯ୍ୟକ୍ରମ ବୁଣାକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।



ଏଲଆଇସି ପକ୍ଷରୁ ମହିଳା ବୁଣାକାରଙ୍କୁ ତାଲିମ୍ ପ୍ରମାଣପତ୍ର ଦିଆଯାଉଛି।

## ଖେଳ ଖବର

# ଫାଇନାଲ ଲକ୍ଷ୍ୟରେ ଦିଲ୍ଲୀ-ଗୁଜରାଟ

## ଆଜି ଡବ୍ଲ୍ୟୁପିଏଲ୍ ଏଲିମିନେଟର

ଭଦୋଦରା,୨।୨(ପି.ଟି.)

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ମଙ୍ଗଳବାର ଖେଳାଯିବାକୁ ଥିବା ଏଲିମିନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଜାଏଣ୍ଟ୍ସ ପରସ୍ପରକୁ ଭେଟିବେ। ଜେମିମା ରୋଡ୍ରିଗ୍ସଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଚତୁର୍ଥ ଥର ଫାଇନାଲରେ ସ୍ଥାନ ପକ୍କା କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଗୁଜରାଟ ପାଖରେ ପ୍ରଥମ ଫାଇନାଲ ଖେଳିବାର ସୁଯୋଗ ରହିଛି।

ଡବ୍ଲ୍ୟୁପିଏଲ୍ ଇତିହାସର ସବୁଠୁ ସ୍ଥିର ପ୍ରଦର୍ଶନ କରୁଥିବା ଦିଲ୍ଲୀ ଚଳିତ ଥର ମଧ୍ୟ ସଫଳତାର ସହିତ ଲିଗ୍ ପର୍ଯ୍ୟାୟ ଅତିକ୍ରମ କରିଛି। ଲିଗ୍‌ର ପ୍ରଥମ ଦଳ ଭାବେ ଦିଲ୍ଲୀ ଚତୁର୍ଥ ଥର ପାଇଁ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଛି। ତେବେ ଚଳିତ ସିଜନରେ ଦଳ ଉଭୟ ପ୍ରଭାବୀ ଓ ଅସ୍ଥିର ପ୍ରଦର୍ଶନ କରିଥିଲା। ଏହି ଦଳ ୪ ମ୍ୟାଚ୍ ଜିତିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଦଳର ବୋଲିଂ ବିଭାଗ ମୁଖ୍ୟତଃ ପେସର ନନ୍ଦନୀ ଶର୍ମାଙ୍କ ଉପରେ ନର୍ଭର କରୁଛି। ନିର୍ଦ୍ଦିଷ୍ଟ ଭାବେ ଡେଥ ଓଭରରେ ସେ ୧୪ ଉଇକେଟ ନେଇ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ବାମହାତୀ ସ୍ପିନର ଶ୍ରୀ ଚରନୀ (୧୪) ଓ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ମାରିଜେନ କାପ (୧୦) ଭଲ ସମର୍ଥନ ଯୋଗାଉଛନ୍ତି। ବ୍ୟାଟିଂ ବିଭାଗରେ କାପଙ୍କ ସାଥି ଖେଳାଳି ଲୋରା ୱୋଲଭାର୍ଡଟ (୨୪୧ ରନ୍) ଓ ଲିଜେଲ ଲି (୨୪୦)ଙ୍କ ସହ ଭାରତୀୟ ଓପନର ଶେଫାଳି ବର୍ମା (୨୦୮) ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଛନ୍ତି। ଦଳୀୟ ଅଧିନାୟିକା ଜେମିମା ଚଳିତ ସିଜନରେ ସଂଘର୍ଷ କରୁଥିବା ବେଳେ ଗତ ମ୍ୟାଚ୍‌ରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ।

ଅନ୍ୟପକ୍ଷରେ ଗୁଜରାଟ ଜାଏଣ୍ଟ୍ସ ଲଗାତର ୩ ପରାଜୟ ପରେ ହାଟ୍ରିକ ବିଜୟ ସହ ଏଲିମିନେଟର ମ୍ୟାଚ୍‌ରେ ସ୍ଥାନ ପକ୍କା କରିଥିଲା। ଏପରିକି ଦଳ ତା'ର ଅନ୍ତିମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିଲା, ଯାହାକି ମୁମ୍ବାଇ ବିପକ୍ଷରେ ଗୁଜରାଟର ଡବ୍ଲ୍ୟୁପିଏଲ୍ ଇତିହାସରେ ପ୍ରଥମ ବିଜୟ ଥିଲା। ଏଥିସହିତ ଦିଲ୍ଲୀ ବିପକ୍ଷରେ ଖେଳାଯାଇଥିବା ଉଭୟ ଲିଗ୍ ମ୍ୟାଚ୍‌ରେ ମଧ୍ୟ ଗୁଜରାଟ ବିଜୟୀ ହୋଇଥିଲା। ଦଳ ପାଇଁ ନ୍ୟୁଜିଲାଣ୍ଡ ଅଲରାଉଣ୍ଡ ସୋଫି ଡିଭାଇନ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ସେ ବ୍ୟାଟରେ ୨୩୭ ରନ କରିଥିବା ବେଳେ ୧୭ ଉଇକେଟ ନେଇଛନ୍ତି। ଜର୍ଜିଆ ୱାରେହାମ ଫର୍ମକୁ ଫେରିଥିବାରୁ ଦଳୀୟ ଶକ୍ତି ବୃଦ୍ଧି ପାଇଛି। ଦଳକୁ ଜିତିବା ପାଇଁ ହେଲେ ଅଧିନାୟିକା ଆଶଲେ ଗାର୍ଡନର ଓ ବେଥ ମୁନିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ମ୍ୟାଚ୍‌ର ବିଜେତା ୫ ତାରିଖରେ ହେବାକୁ ଥିବା ଫାଇନାଲରେ ପୂର୍ବତନ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ।




ସର୍ବଭାରତୀୟ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

# ସର୍ବଭାରତୀୟ ପେନ୍‌ଚାକ୍ ସିଲାଟ: ଓଡ଼ିଶାକୁ ୧୯ ପଦକ

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ଡେରାଡୁନରେ ଅନୁଷ୍ଠିତ ସର୍ବଭାରତୀୟ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଓଡ଼ିଶାକୁ ୧୯ ପଦକ ମିଳିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ୧୧ ଟି କାଂସ୍ୟ ପଦକ ହାସଲ କରିଛନ୍ତି। କୋଚ୍ ଆଦିତ୍ୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ମୋଟ ୨୪ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରେମ ସିଂ ଥାପ୍ପା ରେଫରି ଦାୟିତ୍ୱ ତୁଲାଇଥିଲେ। ରାଜ୍ୟ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡା ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଓଏସଡି ଧୀରଜ କୁମାର ପଟ୍ଟନାୟକଙ୍କ ସମେତ ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି, ଭବାନୀ କୁମାରୀ ସାହୁ, ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିବିସି ସ୍ପୋର୍ଟ୍ସ ଆୱାର୍ଡ

# ଦୌଡ଼ରେ ଅଛନ୍ତି ହରମନପ୍ରୀତ୍, ସ୍ମୃତି ଓ ଦିବ୍ୟା ଦେଶମୁଖ

ନୂଆଦିଲ୍ଲୀ, ୨।୨ (ପି.ଟି.)

ବିବିସି ଇଣ୍ଡିଆନ ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର ପୁରସ୍କାର ୨୦୨୫ ପାଇଁ ଦୌଡ଼ରେ ଯେଉଁ ଖେଳାଳିମାନେ ଅଛନ୍ତି, ସେମାନଙ୍କ ମଧ୍ୟରେ ଭାରତର ଐତିହାସିକ ୨୦୨୫ ମହିଳା ବିଶ୍ୱକପ୍ ସଫଳତା ପଛରେ ବିଶେଷ ଭୂମିକା ଥିବା ଅଧିନାୟକ ହରମନପ୍ରୀତ୍ କୌର ଓ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଏବଂ ଚେସ୍ ତାରକା ଦିବ୍ୟା ଦେଶମୁଖ ଅନ୍ୟତମ। ଅନ୍ୟ ଦୁଇ ଖେଳାଳି ପିସ୍ତଲ ଶୁଟିଂ ସେନ୍‌ସେସନ ସୁରୁଚି ସିଂ ଓ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟ ଜ୍ୟୋତି ୟାରାଜୀଙ୍କ ନାମ ମଧ୍ୟ ଏହ ସମ୍ମାନଜନକ ବାର୍ଷିକ ପୁରସ୍କାର ପାଇଁ ସୁପାରିସ ହୋଇଛି। ସ୍ପୋର୍ଟ୍ସ ଏଡିଟର, ରାଇଟର୍ସ ଓ ସ୍ପେଶାଲିଷ୍ଟଙ୍କୁ ନେଇ ବିଚାରକ ମଣ୍ଡଳୀ ଗତବର୍ଷର ପ୍ରଦର୍ଶନକୁ ମୂଲ୍ୟାୟନ କରି ଏହି ଆଥ୍‌ଲେଟମାନଙ୍କ ନାମ ସୁପାରିସ କରିଛି।

# ସ୍କ୍ୱାଶ୍: ଅନାହତଙ୍କୁ ପ୍ରଥମ ବ୍ରୋଞ୍ଜ ଲେଭଲ ଟାଇଟଲ

ନୂଆଦିଲ୍ଲୀ, ୨।୨ (ପି.ଟି.)

ଭାରତର ସ୍ୱଳ୍ପ ବୟସ୍କା ସ୍କ୍ୱାଶ ପ୍ରତିଭା ଅନାହତ ସିଂ ତାଙ୍କ କ୍ୟାରିୟରର ପ୍ରଥମ ପିଏସ୍ଏ ବ୍ରୋଞ୍ଜ ଲେଭଲ ଟାଇଟଲ ଜିତିଛନ୍ତି। ୱାଶିଂଟନରେ ଅନୁଷ୍ଠିତ ସ୍କ୍ୱାଶ ଅନ୍ ଫାୟାର ଓପନ ଟୁର୍ନାମେଣ୍ଟ ଫାଇନାଲରେ ସେ ଟପ୍ ସିଡ୍ ତଥା ବିଶ୍ୱର ୧୦ ନମ୍ବର ଇଂଲଣ୍ଡର ଜର୍ଜିନା କେନେଡିଙ୍କୁ ୧୨-୧୦, ୧୧-୫, ୧୧-୭ରେ ହରାଇ ଦେଇଛନ୍ତି। ୧୫ ବର୍ଷୀୟା ଅନାହତଙ୍କ ପିଏସ୍ଏ (ପ୍ରଫେଶନାଲ ସ୍କ୍ୱାଶ




ଆସୋସିଏଶନ)ର ମାତ୍ର ୨୬ଟି ଟୁର୍ନାମେଣ୍ଟରେ ଏହା ହେଉଛି ଓଭରଅଲ୍ ୧୫ତମ ଟାଇଟଲ। ଦିଲ୍ଲୀ ଏହି ଖେଳାଳି ବିଶ୍ୱ ର୍ୟାଙ୍କିଙ୍ଗରେ ୩୧ତମ ସ୍ଥାନରେ ଅଛନ୍ତି। ୭ମ ସିଡ୍ ଏହା ପୂର୍ବରୁ କେନଡିଙ୍କୁ ଥରେ ଭେଟିଥିଲେ ଏବଂ ପରାଜିତ ହୋଇଥିଲେ। ମ୍ୟାଚ୍ ପରେ ଅନାହତ କହିଛନ୍ତି ସେ ଅତ୍ୟନ୍ତ ଖୁସି। ର୍ୟାଙ୍କିଙ୍ଗରେ ଉନ୍ନତି ପାଇଁ ସେ ଏହି ଭଳି ବଡ଼ ବଡ଼ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ଚାହୁଁଥିଲେ। ଏଥର ସେ ସଫଳ ହୋଇପାରିଛନ୍ତି।

# ଇଷ୍ଟକୋଷ୍ଟ ରେଲ୍‌ୱେକୁ ହରାଇଲା ବାପୁଜୀ କ୍ଲବ୍

## ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଧାମନଗର,୨।୨(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍‌ର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଓ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଭଦ୍ରକର ଇଷ୍ଟକୋଷ୍ଟ ରେଲ୍‌ୱେ ଓ ଭୁବନେଶ୍ୱର ବାପୁଜୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ୱେକୁ ହରାଇ ବାପୁଜୀ କ୍ଲବ୍ ବିଜୟୀ ହୋଇଛି। ଇଷ୍ଟକୋଷ୍ଟ ରେଲ୍‌ୱେ ୨୦ ଓଭରରେ ୯ ଉଇକେଟ ହରାଇ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ମହାନ୍ତି ସର୍ବାଧିକ ୪୧ ଓ ଏମ୍‌ଡି ସାହା ଅର୍ମାନ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦିନା ଦାସ ୪ ଓଭରରେ ୨୩ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବାପୁଜୀ କ୍ଲବ୍ ୧୬.୫ ଓଭରରେ ୭ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରୟାସରାଜ ସିଂ ସର୍ବାଧିକ ୩୦ ଓ ସିଦ୍ଧାନ୍ତ ଜେନା ୨୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ନନ୍ଦା ମୁଣ୍ଡା ୩.୫ ଓଭରରେ ୨ ଉଇକେଟ ଓ ସାଇଲ ଖାନ୍ ୩ ଓଭରରେ ୨ ଉଇକେଟ ଅକ୍ତିଆର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ବାପୁଜୀ କ୍ଲବ୍‌ର ଅତୁଲ ସିଂ ସୁରୱାରଙ୍କୁ ସାମାଜିକ କର୍ମୀ ଜଗବନ୍ଧୁ ସାହୁ ପୁରସ୍କୃତ କରିଥିଲେ। ସୌମ୍ୟରଞ୍ଜନ ଦାସ ଓ ଜ୍ୟୋତିପ୍ରକାଶ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିଲେ। ନୀହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ ସ୍କୋରର ଥିବାବେଳେ ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଓ ଏସ୍‌କେ ଇମ୍ରାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଡା. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପ୍ରତାପ ସାମଲ, ରଞ୍ଜିତ ନାୟକ, ପୂର୍ବତନ ସରପଞ୍ଚ ଶରତ ମାଝୀ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।



ଅତୁଲ ସିଂ ସୁରୱାରଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବିଶ୍ଲେଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାଣି ବାହାନାରେ ଲୁଟ୍

## ବିଜେଡି ନେତାଙ୍କ ଘରୁ ୬ ଲକ୍ଷ ୮୦ ହଜାର ଟଙ୍କା, ୧୧ ଲକ୍ଷ ଟଙ୍କାର ଗହଣା ନେଇଗଲେ

### ୨ ଦିନରେ ଦ୍ୱିତୀୟ ଘଟଣା

କେନ୍ଦୁଝର,୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦେଇ ଯାଇଥିବା ଏନ୍‌ଏଚ୍ ୪୯ କଡ଼ରେ ଥିବା ୨ଟି ଘରୁ ୨ଦିନ ମଧ୍ୟରେ ସମାନ ଢଙ୍ଗରେ ହୋଇଛି ସଶସ୍ତ୍ର ଡକାୟତି। ପ୍ରଥମେ ପାଟଣା ଥାନା ଖିରେଇଟାଙ୍ଗିରି ଓ ପରେ ସଦର ଥାନା ବାୟାପଣ୍ଡାଧାର ଗାଁରେ ନାଟକୀୟ ଢ଼ଙ୍ଗରେ ଦୁର୍ବୃତ୍ତ ପହଞ୍ଚି ପାଣି ମାଗି ଘରେ ପଶୁଛନ୍ତି। ପରେ ମୁଣ୍ଡରେ ବନ୍ଧୁକ ଲଗାଇ ଘରର ସଦସ୍ୟଙ୍କୁ ବନ୍ଧକ ରଖି ଲୁଟ୍ କରୁଛନ୍ତି। ରବିବାର ରାତିରେ ଏନ୍‌ଏଚ୍ ୪୯ ପାର୍ଶ୍ୱବର୍ତ୍ତୀ ସଦର ଥାନା ଅନ୍ତର୍ଗତ ବାୟାପଣ୍ଡାଧାର ଗ୍ରାମରେ ରହୁଥିବା ବ୍ୟବସାୟୀ ତଥା ବିଜେଡି ନେତା ସଂଗ୍ରାମ କେଶରୀ ନାୟକଙ୍କ ଘରେ ୭ରୁ ୮ ଦୁର୍ବୃତ୍ତ ପଶିଥିଲେ। ବନ୍ଧୁକ ଓ ଛୁରି ଦେଖାଇ ୧୧ ଲକ୍ଷ ଟଙ୍କା ଓ ଗହଣା ଲୁଟ୍ କରିନେଇଛନ୍ତି। ଏ ନେଇ ସଂଗ୍ରାମଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଉଭୟ ଘଟଣାରେ ଗୋଟିଏ ଡକାୟତ ଦଳ ସମ୍ପୃକ୍ତ ଥିବା କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୦ଟା ୧୫ରେ ସଂଗ୍ରାମ ତାଙ୍କ ଭାଇଙ୍କ ଘରକୁ ଲାଗିଥିବା ଦୋକାନ ବନ୍ଦ କରି ଘର ଭିତରକୁ ମୁଖ୍ୟ ଗେଟ୍ ଲଗାଇ ଯାଇଥିଲେ। କିଛି ସମୟ ପରେ କେହି ଜଣେ ତାଙ୍କ ଭାଇଙ୍କ ନାମ ଧରି ଡାକିଥିଲେ। ଦୁର୍ଘଟଣାରେ ଜଣେ ଆହତ ହୋଇଥିବାରୁ ପାଣି ମାଗିଥିଲେ। ଘର ଗ୍ରିଲ ଗେଟ୍ ଖୋଲିବା ପରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଟେକି ନେଇ ଭିତରକୁ ପଶିଥିଲେ। ଏହି ସମୟରେ ସେମାନେ ଘରର ଶିଡିରେ ଉପରକୁ ଚଢିଥିଲେ। ଉପରକୁ କାହିଁକି ଯାଉଛ ବୋଲି ସଂଗ୍ରାମ ପଚାରିଥିଲେ। ସେମାନେ ନ ଶୁଣିବାରୁ ସନ୍ଦେହ କରି ସଂଗ୍ରାମ ସେମାନଙ୍କୁ ଠେଲିଦେଇଥିଲେ। ହଠାତ୍ ଦୁର୍ବୃତ୍ତମାନେ ବନ୍ଧୁକ ବାହାର କରି ସମସ୍ତଙ୍କୁ ଭୟଭୀତ କରାଇଥିଲେ। ଘର ଭିତରକୁ ଯାଇ ଶିଶୁ ଓ ମହିଳାଙ୍କୁ ମାଡ ମାରିବା ସହ ବ୍ଲାଙ୍କ ଫାୟାରିଂ କରିଥିଲେ। ସମସ୍ତଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ସେମାନଙ୍କୁ ଗୋଟିଏ ଘରେ ଭର୍ତ୍ତି କରି ବନ୍ଦ କରିବା ପରେ ଆଲମିରା ଓ କପବୋର୍ଡ ଖୋଲି ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଛାଡ଼ି ଅନ୍ୟମାନେ ମୁଖା ପିନ୍ଧିଥିଲେ। ସେହିପରି ଜଣେ ଓଡ଼ିଆ କହୁଥିବା ବେଳେ ଅନ୍ୟମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ। ସମସ୍ତଙ୍କ ହାତରେ ପିସ୍ତଲ ଥିବା ବେଳେ ଜଣେ ରିଭଲଭର ଧରିଥିଲେ। ଲୁଟ୍ ପରେ ସେମାନେ ଗ୍ରିଲ ଗେଟ୍ ବନ୍ଦ କରି ମୋବାଇଲ ଫୋନକୁ ପଦାରେ ଫିଙ୍ଗିଦେଇ ପ୍ରାୟ ରାତି ୧୦ଟା ୪୫ରେ ଫେରାର ହୋଇଯାଇଥିଲେ। ସେମାନେ ପାଖାପାଖି ନଗଦ ୬ ଲକ୍ଷ ୮୦ ହଜାର ଏବଂ ୧୧ ଲକ୍ଷ ଟଙ୍କା ମୂଲ୍ୟର ଗହଣା ଲୁଟି ନେଇଥିବା ପ୍ରାଥମିକ ସ୍ତରରେ କୁହାଯାଉଛି। ମୋବାଇଲ ଖୋଜାଖୋଜି କରି ପାଖାପାଖି ୩୦ ମିନିଟ୍ ପରେ ସେସବୁକି ପାଇ ଏସ୍‌ପିଙ୍କୁ ଯୋଗାଯୋଗ କରିଥିଲେ। ତୁରନ୍ତ ପୋଲିସ ପହଞ୍ଚି ଛାନଭିନ୍ନ ଆରମ୍ଭ କରିଥିବା ସଂଗ୍ରାମ କହିଛନ୍ତି। ଦୁର୍ବୃତ୍ତ ସିସିଟିଭି କ୍ୟାମେରାର ହାର୍ଡଡିସ୍କକୁ ନେଇଯାଇଥିବା ଜଣାପଡ଼ିଛି। ପୋଲିସ ଅଞ୍ଚଳକୁ ସଂଯୋଗ ସମସ୍ତ ରାସ୍ତା ବନ୍ଦ କରି ଦୁର୍ବୃତ୍ତଙ୍କୁ ଧରିବାକୁ ରାତି ତମାମ ଉଦ୍ୟମ ଜାରି ରଖିଥିଲା। ସୋମବାର ପୋଲିସ ଫୋରେନସିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଛି। ଘଟଣାସ୍ଥଳରେ ଏସ୍‌ପି ନୀତିନ କୁଶଲକର ପହଞ୍ଚି ତଦନ୍ତର ଦିଗ ଅନୁଧ୍ୟାନ କରିଥିଲେ। ସଦର ଥାନା ଅଧିକାରୀ ଅମିତ ଭୂୟାଁ କହିଛନ୍ତି, କେତେଜଣ ଆସିଥିଲେ, କେଉଁଠିରେ ଆସିଲେ ଠିକ୍ ଜଣାପଡ଼ିନାହିଁ। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଡକାୟତ ଗ୍ୟାଙ୍ଗ ଧରାପଡ଼ିବେ। ଦୁର୍ବୃତ୍ତ ଲୁଟ୍ ପୂର୍ବରୁ ଗ୍ରାମରେ ରେକି କରିଥିଲେ। ରାଜପଥ କଡ଼ରେ ଏକ ଧଳା ସ୍କର୍ପିଓ ଜଗି ରହିଥିଲା ବୋଲି ଗ୍ରାମବାସୀ କହିଛନ୍ତି।

ପ୍ରକାଶଯୋଗ୍ୟ, ଅନୁରୂପଭାବେ ୨ ଦିନ ପୂର୍ବେ ଅର୍ଥାତ ଶନିବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଦୁର୍ଘଟଣାର ମିଛ ଅଭିନୟ କରି ପାଣି ମାଗିବା ବାହାନାରେ ଏନ୍‌ଏଚ୍ ୪୯ କଡ଼ସ୍ଥିତ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖିରେଇଟାଙ୍ଗିରୀ ଗ୍ରାମରେ ରହୁଥିବା ଜଣେ ଘରୋଇ ମେଡିକାଲ ମାଲିକଙ୍କ ଘରେ ପଶିଥିଲେ। ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ଦୁର୍ବୃତ୍ତ ୭୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ଅଞ୍ଚଳରେ ଲୁଟ୍, ଡକାୟତିକୁ ନେଇ ଲୋକଙ୍କ ମଧ୍ୟରେ ଭୟର ସଞ୍ଚାର ହୋଇଛି।



ଦୁର୍ବୃତ୍ତ ଆଲମିରା ଭାଙ୍ଗି ସୁନା ଅଳଙ୍କାର, ଟଙ୍କା ନେଇଯାଇଛନ୍ତି।



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

# ବିକ୍ରମଙ୍କ ସମେତ ୧୫ ଅଭିଯୁକ୍ତ କୋର୍ଟରେ ହାଜର

### ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ୧୫ ଅଭିଯୁକ୍ତ ସୋମବାର ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରେ ହାଜର ହୋଇଛନ୍ତି। ପୂର୍ବରୁ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ଏହି ମାମଲାର କମିଟମେଣ୍ଟ ହୋଇ ମାମଲାଟି ଜିଲା କୋର୍ଟକୁ ଆସିଥିଲା। ସୋମବାର ସମସ୍ତ ଅଭିଯୁକ୍ତ ଜିଲା କୋର୍ଟରେ ହାଜର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା । ସେହି କ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବିକ୍ରମଙ୍କ ସମେତ ୧୪ ଅଭିଯୁକ୍ତ ଏବଂ ଫୁଲବାଣୀ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇ ଅସୁସ୍ଥ ଥିବାରୁ କୋର୍ଟରେ ହାଜର ହୋଇପାରି ନ ଥିଲେ। ତେଣୁ ଆସନ୍ତା ୬ ତାରିଖରେ ପୁଣି ଥରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପାଇଁ ଜିଲା ଜଜ୍ ଦିନ ଧାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ପୀତବାସଙ୍କୁ ଗତ ଅକ୍ଟୋବର ୬ ତାରିଖ ରାତିରେ ବୈକୁଣ୍ଠନଗର ଛକଠାରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ପିଣ୍ଟୁ, ବିଜେଡି ନେତା ମଦନ, ବିଜେଡି କର୍ପୋରେଟର ମଳୟ ବିଷୋୟୀ, ଶୂନ୍ୟଚନ୍ଦ୍ର ଦାଶ, ସୁନୀଲ ହୋତା, ଉମା ବିଷୋୟୀ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ଶିଶୁପାଳ କୁମାର ପାଶ୍ୱାନ, ଯୋଗୀ ରାଉତ, ରାଜେନ୍ଦ୍ର ସାହୁ, କାଲୁଚରଣ ଭୂୟାଁଙ୍କୁ ମିଶାଇ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା । ପୂର୍ବରୁ ଏହି ମାମଲାର ଅଭିଯୁକ୍ତମାନେ କୋର୍ଟରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇସାରିଛି । ଆଗାମୀ ଦିନରେ ଏଡିଜେ-୩ କୋର୍ଟରେ ଏହି ମାମଲାର ବିଚାର ହେବ ବୋଲି ଓକିଲ ପଟ୍ଟନାୟକ କହିଛନ୍ତି ।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ସୋର, ୨।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଦିଗିଭଅଁରା ଗ୍ରାମରେ ପାରିବାରିକ କଳହରୁ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ମହିଳାଙ୍କ ସ୍ୱାମୀଙ୍କୁ ସୋର ପୋଲିସ ଗିରଫ କରିଛି।

ଗତ ୧୮ ତାରିଖରେ ଏହି ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ଏକ ଗ୍ରୁପରୁ ଟଙ୍କା ଉଠାଇଥିଲେ। ଏହାକୁ ନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ କଳହ ଲାଗିଥିଲା। ଏଥିରେ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶାଶୁଘର ଲୋକେ ତାଙ୍କ ଝିଅକୁ ହତ୍ୟା କରିଥିବା ନେଇ ଅହଲ୍ୟାଙ୍କ ବାପା ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୬୩/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ରବିବାର କରୁଣାକରଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ପଇଡ଼ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ

## ଡ୍ରାଇଭର, ଚାଲାଣକାରୀ ଚମ୍ପଟ

ବାଲିଗୁଡା,୨।୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଆଉଟ ପୋଷ୍ଟ ନିକଟରେ ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ପଇଡ଼ ବୋଝେଇ ଟ୍ରକ୍‌ରୁ ୧୯୧ କେଜି ଗଞ୍ଜେଇ ଜବତ କରିଛି। ଟ୍ରକ୍ ଛାଡ଼ି ଡ୍ରାଇଭର ଓ ଚାଲାଣକାରୀ ଚମ୍ପଟ ମାରିଛନ୍ତି।

ବାଲିଗୁଡ଼ା ଥାନା ବାରଖମା ଆଉଟପୋଷ୍ଟର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଏକ ପଇଡ଼ ବୋଝେଇ ଟ୍ରକ ଦ୍ରୁତ ଗତିରେ ଯାଉଥିବା ଦେଖାଯାଇଥିଲା। ସନ୍ଦେହ ହେବାରୁ ପୋଲିସ ଯାଞ୍ଚ ପାଇଁ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଡ୍ରାଇଭର ନ ଅଟକି ଦ୍ରୁତ ଗତିରେ ଗାଡି ଚଳାଇଥିଲେ। ପାଟ୍ରୋଲିଂ ଟିମ୍ ଉକ୍ତ ଟ୍ରକକୁ ପିଛା କରିଥିଲା। ସୁଡ୍ରା ପଞ୍ଚାୟତ କାମ୍ବେରିକିଆ ଘାଟି ନିକଟରେ ଟ୍ରକ୍ ଛାଡ଼ି ଚାଲାଣକାରୀ ଓ ଡ୍ରାଇଭର ଫେରାର ହୋଇଯାଇଥିଲେ। ଉକ୍ତ ପଇଡ଼ ବୋଝେଇ ଟ୍ରକକୁ ପୋଲିସ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ଜଣାପଡିଥିଲା। ଗଞ୍ଜେଇ ସହିତ ଟ୍ରକ (ନଂ.ଡବ୍ଲୁବି ୨୩ସି ୯୮୫୫)କୁ ପୋଲିସ ଜବତ କରି ହେପାଜତକୁ ନେଇଥିଲା। ଏ ନେଇ ବାରଖମା ଆଉଟ ପୋଷ୍ଟ ଅଧିକାରୀ ବାହୁବଳୀ ଅମରେନ୍ଦ୍ର ସୁବୁଦ୍ଧି କହିଛନ୍ତି, ପଇଡ଼ ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ଏହି ଅଞ୍ଚଳରେ ପ୍ରଥମ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଏ ନେଇ ବାଲିଗୁଡା ଥାନାରେ ନଂ. ୩୦/୨୬ରେ ମାମଲା ରୁଜୁ କରାଯାଇ ଫେରାର ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଅଧିକ ତଦନ୍ତ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି।



ଜବତ ଗଞ୍ଜେଇ ଓ ଟ୍ରକ୍।

# ଡିସିପି କହିଲେ ଆତ୍ମହତ୍ୟା

### ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀ ମୃତ୍ୟୁ ଘଟଣା

କଟକ,୨।୨(କାର୍ତ୍ତିକ ସାହୁ)

ଚୌଦ୍ୱାର ଜେଲରେ ଜଣେ ବିଚାରାଧୀନ କଏଦୀ ମୃତ୍ୟୁ ଘଟଣାକୁ ଆତ୍ମହତ୍ୟା ବୋଲି କହିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ। ଖବରଦାତାଙ୍କୁ ସୂଚନା ଦେଇ ସୋମବାର ଡିସିପି କହିଛନ୍ତି ଯେ, ଘଟଣାର ସିସିଟିଭି ଫୁଟେଜ ଜବତ ହୋଇଛି। ଏହା ଏକ ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ଏନ୍‌ଏଚ୍ ଗାଇଡ୍ ଲାଇନ ଅନୁସାରେ ତଦନ୍ତ ଚାଲିଛି ବୋଲି ଡିସିପି କହିଛନ୍ତି।


# Classified Everyday
0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190





Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

Newly open Jyoti SPA positively health benefits (Expert therapist). Contact- 8458067955. D-76955

**AFFIDAVIT**

By virtue of an affidavit sworn before the Notary Public, Titilagarh, Dt. 02.02.2026, C.F. No.33, I, Chandrabhanu Merli, S/o- Krushna Merli, R/o Village- Keumal, P.O.- Jurabandh, P.S.- Saintala, Dist.- Balangir (Odisha), PIN- 767026 declare that now I have changed my daughter's name from Suhana Merli to Sohana Merli. Henceforth, she shall be known as Sohana Merli for all purposes.
Chandrabhanu Merli
D-3286

By virtue of an affidavit sworn before the Executive Magistrate, Boudh, No.43, Dt.12.01.2026, I, Priyanjani Meher, D/o- Raju Meher, R/o. village- Baidyanathpur, P.O./P.S.- Baunsuni, Dist.- Boudh, Odisha, PIN- 762015, declare that I have changed my name from PRIYANJINI MEHER to PRIYANJANI MEHER. Henceforth, I shall be known as PRIYANJANI MEHER for all purposes.
Priyanjani Meher
D-3283

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Notary Public, Bhubaneswar on dtd. 10.06.2025, I Sri Kailash Chandra Sahoo permanent resident of Plot No.- 8, N.H.-16, Rasulgarh, Bhubaneswar- 751010, Dist.- Khorda, PIN- 751010 declare that I have changed my name from SAGIT DUTTA to KAILASH CHANDRA SAHOO. Henceforth, I shall be known as KAILASH CHANDRA SAHOO for all purposes.
S.d/- KAILASH CHANDRA SAHOO
D-3285

## ମନେ ପଡ଼ନ୍ତି

୨୨ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ
ତିରୋଧାନ: ୦୩।୦୨।୨୦୦୪
ତୁମର ସରଳ ସ୍ୱଭାବ, ସୁନ୍ଦର ବ୍ୟକ୍ତିତ୍ୱ ଓ ସହନଶୀଳତା ସମସ୍ତଙ୍କୁ ପ୍ରେରଣା ଦେଉଥାଉ । ଆଜିର ଏହି ଶ୍ରଦ୍ଧା ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଶ୍ରଦ୍ଧେୟ: ପତ୍ନୀ: ସୁରମା, ଝିଅ: କ୍ୱାଇଁ, ନାତି-ନାତୁଣୀ, ତପୁ, ଧୁନ୍, ଗାଗୁଲୁ, ମିଷ୍ଟି, ପାଖୀ ଓ ପରିବାରବର୍ଗ
ଧ-୩୨୮୪

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଚୋରି ୮ ବାଇକ୍ ଉଦ୍ଧାର, ୩ ଗିରଫ

ବଲାଙ୍ଗୀର, ୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ପୋଲିସ ଟିମ୍ ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ଟି ଚୋରି ବାଇକ୍ ଉଦ୍ଧାର କରିଛି। ଏହା ସହ ମୁଖ୍ୟ ଅଭିଯୁକ୍ତ ମୁକେଶ ରାଉତ (୨୦)ଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ଅପରାହ୍ଣରେ ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ପୁଇଁନ୍ତଲା ଥାନାରେ ଖବରଦାତା ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ପୁଇଁନ୍ତଲା ଥାନା ଲେପଟା ଗାଁର ଆକାଶ ମାଝୀ ଗତ ୩୦ ତାରିଖ ରାତିରେ ବଲାଙ୍ଗୀର-ସୋନପୁର ୫୭ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଗିରିଗୋବର୍ଦ୍ଧନ ମନ୍ଦିର ସମ୍ମୁଖରୁ ତାଙ୍କ ବାଇକ୍ ଓଡି୦୩ ଏଚ୍ ୮୬୯୧କୁ କେହି ଚୋରି କରିନେଇଥିବା ପୁଇଁନ୍ତଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନାରେ ଏକ ମାମଲା (ନଂ.୨୭/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଅଭିଯୁକ୍ତ ଆକାଶ ରାଉତଙ୍କୁ ପୋଲିସ ଚିହ୍ନଟ କରି ତାଙ୍କୁ ଜେରା କରିଥିଲା। ଜେରା କରିବା ପରେ ଆକାଶ ଏବଂ ତାଙ୍କର କେତେଜଣ ସହଯୋଗୀ ମିଶି ଗିରିଗୋବର୍ଦ୍ଧନ ମନ୍ଦିର ସମ୍ମୁଖରୁ ଉକ୍ତ ହିରୋ ଗ୍ଲାମର ବାଇକ୍ ଚୋରି କରିବା ସହ ବଲାଙ୍ଗୀର ଟାଉନ୍ ଥାନା, ରେଳବାଇ ଥାନା ଅଞ୍ଚଳରୁ ଏକାଧିକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତ ଆକାଶଙ୍କୁ ଅଧିକ ଜେରା କରିବା ପରେ ସେ ୮ଟି ବାଇକ୍‌ରେ ସମ୍ପୃକ୍ତ ଥିବା ସ୍ୱୀକାର କରି ସେସବୁ ଚୋରି ବାଇକ୍ ବିଷୟରେ ତଥ୍ୟ ଦେଇଥିଲେ। ଏହା ପରେ ପୁଇଁନ୍ତଲା ଥାନା ପୋଲିସ ଟିମ୍ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ତିଲେଇମାଲ ଗାଁର ଝାଣ୍ଟୁ କୁମ୍ଭାର (୨୧) ଓ ସୁଶାନ୍ତ ବଗର୍ତ୍ତୀ (୩୨)ଙ୍କ ଘରେ ଚଢ଼ାଉ କରି ଦୁଇଟି ବାଇକ୍ ଉଦ୍ଧାର କରିଥିଲେ। ଏହି ୨ଜଣ ବ୍ୟକ୍ତି ଚୋରି ବାଇକ୍ ବୋଲି ଜାଣିବା ସତ୍ତ୍ୱେ ଅଭିଯୁକ୍ତ ଆକାଶ ରାଉତଙ୍କଠାରୁ କିଣିଥିବା ପୋଲିସ ସୂଚନା ଦେଇଛି।

# ନିଖୋଜ ୧୯୨ ମହିଳା, ୧୮ ଶିଶୁ ୧୦ ଦିନରେ ଉଦ୍ଧାର

## ପୋଲିସର ଅପରେଶନ ଅନ୍ୱେଷଣ-୨

### ୨୧୦ ପରିବାରକୁ ଫେରିଛି ଖୁସି

ଅନୁଗୋଳ,୨।୨(ଜ୍ୟୋତିରଞ୍ଜନ ସାହୁ)



ଉଦ୍ଧାର କରାଯାଇଥିବା ମହିଳାମାନଙ୍କୁ ପରିବାର ଜିମା ଦିଆଯାଇଛି।

ରାଜ୍ୟରେ ମହିଳା ଓ ଶିଶୁ ସୁରକ୍ଷାକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ପୋଲିସ ପକ୍ଷରୁ 'ଅପରେଶନ ଅନ୍ୱେଷଣ ୨' ନାମକ ଏକ ଅପେରଶନ ଅଭିଯାନ ଚଳାଯାଇଥିଲା। ଏହି ଅଭିଯାନ ୨୧ ଜାନୁଆରୀରୁ ୩୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୧୦ ଦିନ ଧରି ଚାଲିଥିଲା। ଏହି ସମୟ ମଧ୍ୟରେ ୧୯୨ ଜଣ ନିଖୋଜ ମହିଳା ଓ ୧୮ ଜଣ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପରିବାର ସହ ଘରକୁ ଫେରାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ଜିଲାର ବିଭିନ୍ନ ଥାନାରେ କିଛି ମାସ ଧରି ଦାଖଲ ହୋଇଥିବା ନିଖୋଜ ମହିଳା ଓ ଶିଶୁ ସମ୍ବନ୍ଧୀୟ ଅଭିଯୋଗ, ମାମଲା ସୂଚନାକୁ ଆଧାର କରି ଅପରେଶନ ଅନ୍ୱେଷଣ-୨ ଯୋଜନା କରାଯାଇଥିଲା। ଅନୁଗୋଳ ଏସ୍‌ପିଙ୍କ ନିରୀକ୍ଷଣ ଓ ନେତୃତ୍ୱରେ ବହୁ ସଂଖ୍ୟକ ପୋଲିସ ଟିମ୍ ଗଠନ କରାଯାଇ ଜିଲା ସୀମା ଭିତରେ ଓ ବାହାରେ ଥିବା ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ନିଯୁକ୍ତ କରାଯାଇଥିଲା। ଏହି ଟିମ୍‌ଗୁଡ଼ିକୁ ଜିଲା ସହିତ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ନିଯୁକ୍ତ କରାଯାଇ, ଟେକ୍ନିକାଲ ସର୍ଭେଲାନ୍ସ, ମୋବାଇଲ ଟ୍ରାକିଂ, ସିସିଟିଭି ଫୁଟେଜ ବିଶ୍ଳେଷଣ ଏବଂ ଅନ୍ୟ ଜିଲା ପୋଲିସ, ରେଲୱେ ପୋଲିସ ଓ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥା ସହ ଜଡ଼ିତ ମାଧ୍ୟମରେ ଅଭିଯାନକୁ ଆଗକୁ ବଢ଼ାଯାଇଥିଲା। ଦିନ ରାତି ପରିଶ୍ରମ କରି ନିଖୋଜ ମହିଳା ଓ ଶିଶୁମାନଙ୍କ ସନ୍ଧାନ କରାଯାଇ, ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଇନଗତ ପ୍ରକ୍ରିୟା ସାରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ସମୟ ଧରି ପ୍ରିୟଜନଙ୍କୁ ହରାଇ ଆତଙ୍କ ଓ ଦୁଃଖରେ ଥିବା ୨୧୦ଟି ପରିବାରରେ ଏଥିଯୋଗୁ ପୁଣି ଖୁସି ଫେରିଛି। ତାଳଚେର ଥାନା ଅଞ୍ଚଳରୁ ସର୍ବାଧିକ ୨୩ ଜଣ ନିଖୋଜ ମହିଳା ଉଦ୍ଧାର ହୋଇଥିବାବେଳେ, ଅନୁଗୋଳ ସଦର ଥାନା ଅଞ୍ଚଳରୁ ୧୬ ମହିଳା ଓ ୩ ଶିଶୁ, ନାଲ୍‌କୋ ଥାନା ଅଞ୍ଚଳରୁ ୧୩ ମହିଳା, ଜରାପଡାରୁ ୧୩ ମହିଳା, କଳିୟରୀରୁ ୧୩ ମହିଳା, ହଣ୍ଡପାରୁ ୧୨ ମହିଳା ଓ ୧ ଶିଶୁ, ଅନୁଗୋଳ ଟାଉନରୁ ୧୨ ମହିଳା ଓ ୧ ଶିଶୁ, ଛେଣ୍ଡିପଡାରୁ ୧୧ ମହିଳା, ବଣ୍ଟରପାଳରୁ ୯ ମହିଳା ଓ ୩ ଶିଶୁ, ବନ୍ତଳାରୁ ୯ ମହିଳା ଓ ୪ ଶିଶୁ, କିଶୋରନଗରରୁ ୯ ମହିଳା, କଣିହାଁରୁ ୭ ମହିଳା, ଆଠମଲ୍ଲିକରୁ ୬ ମହିଳା ଓ ୧ ଶିଶୁ, ବାଗଡ଼ିଆରୁ ୬ ମହିଳା ଓ ୪ ଶିଶୁ, ଏନ୍‌ଟିପିସିରୁ ୫, ଗୋପାଳପ୍ରସାଦରୁ ୫, ଠାକୁରଗଡ଼ରୁ ୪ ମହିଳା, ଇଣ୍ଡଷ୍ଟ୍ରିଆଲ ଥାନାରୁ ୩ ମହିଳା, ପାଲଲହଡ଼ାରୁ ୩ ମହିଳା, ପୁରୁଣାକୋଟରୁ ୩ ମହିଳା, ରେଙ୍ଗାଲିରୁ ୩ ମହିଳା, କିଆକଟାରୁ ୨ ମହିଳା, ଖମାରରୁ ୨ ମହିଳା ଓ ଜଣେ ଶିଶୁ, ସମଲରୁ ୨ ମହିଳା ଏବଂ ବିକ୍ରମପୁର ଥାନା ଅଞ୍ଚଳରରୁ ୧ ମହିଳାଙ୍କୁ ଉଦ୍ଧାର କରାଯାଇଛି।

# କ୍ରୋଧ

**କ୍ରୋଧ ବା ରାଗ ମଣିଷର ଏକ ଏଭଳି ଶତ୍ରୁ ଯାହା କେବେ ଅଣାୟତ୍ତ ହୋଇଗଲେ ଅନ୍ୟ ସହ ସମ୍ପର୍କ ଖରାପ କରିଦିଏ ତ ଆଉ କେବେ ଅଧିକ ରାଗ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ପକାଇଥାଏ ନକାରାତ୍ମକ ପ୍ରଭାବ। ତେଣୁ କ୍ରୋଧକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ...**





ମହିଳା ହୁଅନ୍ତୁ ଅବା ପୁରୁଷ, ପିଲା ହୁଅନ୍ତୁ ଅବା ବୃଦ୍ଧ ସଭିଙ୍କ ମନରେ କେବେ ନା କେବେ ବିଭିନ୍ନ କାରଣରୁ କ୍ରୋଧ ସୃଷ୍ଟି ହୋଇଥାଏ ; ଯାହାକି କିଛି ସମୟ ପରେ ଶାନ୍ତ ବି ହୋଇ ଯାଇଥାଏ। ମହିଳାଙ୍କ କ୍ଷେତ୍ରରେ କାମର ଚାପ, ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା ଭଳି ବିଭିନ୍ନ କାରଣକୁ ନେଇ କ୍ରୋଧ ସମସ୍ୟା ଦେଖାଦେଇଥାଏ। କେବେ କେବେ ଏହି କ୍ରୋଧ ଏତେମାତ୍ରରେ ବଢ଼ିଯାଏ ଯେ, ସେମାନେ ନିଜ ହିତାହିତ ଜ୍ଞାନ ହରାଇବସନ୍ତି । କେହି କେହି ରାଗରେ ପିଲାଙ୍କୁ ମାରିବା, ପରିବାର ସଦସ୍ୟ କିମ୍ୱା ଅନ୍ୟମାନଙ୍କୁ ଏଣୁତେଣୁ କଥା କହି ମାନସିକ ଆଘାତ ପହଞ୍ଚାଇବାଠୁ ଆରମ୍ଭକରି ଅନ୍ୟକୁ ଗାଳି ଦେବା, ଝଗଡା କରିବା, ଗଣ୍ଡଗୋଳ, ମାରପିଟ ଏବଂ ହତ୍ୟା କରିବାକୁ ବି ପଛାନ୍ତି ନାହିଁ। ଆଉ କେହି କେହି କ୍ରୋଧରେ ଆସବାବପତ୍ର ଭଙ୍ଗାରୁଜା କରିବା, ଖାଇବା ପିଇବା ଛାଡ଼ିଦେବା, ମୁଣ୍ଡ ପିଟିବା, ହାତ କାଟିବା, ନିଜକୁ କ୍ଷତି ପହଞ୍ଚାଇବା, ଏମିତିକି ଘର ଛାଡ଼ିବା କିମ୍ୱା ଆତ୍ମହତ୍ୟା ଭଳି ଭୁଲ୍ କାମ ମଧ୍ୟ କରିବସନ୍ତି। ତେବେ ଅଧିକ କ୍ରୋଧ ଯୋଗୁ ବ୍ଲଡ୍‌ପ୍ରେସର ବଢ଼ିବା ସହ ବ୍ରେନ୍ ଏବଂ ହାର୍ଟ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ। ତେଣୁ କୌଣସି କାରଣରୁ ମନରେ କ୍ରୋଧ ସୃଷ୍ଟି ହେଉଥିଲେ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି କେତେକ ଉପାୟ ଆପଣେଇବା ଆବଶ୍ୟକ...

**ମନକୁ ଶାନ୍ତ ରଖନ୍ତୁ:** ଅତ୍ୟଧିକ ରାଗ ଆସୁଥିଲେ ପ୍ରଥମେ ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ ଏବଂ କ୍ରୋଧର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ନଚେତ୍ ରାଗ କମିବା ପରିବର୍ତ୍ତେ ବଢ଼ିବ ଏବଂ ଆପଣ ଏଭଳି କିଛି କାର୍ଯ୍ୟ କରି ବସିବେ, ଯଦ୍ୱାରା ନିଜ ସହ ଅନ୍ୟମାନେ ବି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସ୍ଥାନ ପରିବର୍ତ୍ତନ କରନ୍ତୁ:** କାହାର କଥା, କୌଣସି ଅପ୍ରିତିକର ପରିସ୍ଥିତିରେ ଯଦି ରାଗ ଆସୁଛି ତେବେ ନିଜକୁ ଏଥିରୁ ଦୂରେଇ ରଖିବା ଲାଗି ସବୁଠୁ ଭଲ ଉପାୟ ହେଉଛି ଉକ୍ତ ସ୍ଥାନରୁ କିଛି ସମୟ ପାଇଁ ଦୂରକୁ ଚାଲିଯିବା। କାରଣ ସ୍ଥାନ ପରିବର୍ତ୍ତନ କିଛି ସମୟ ନିଜର ଧ୍ୟାନ ସେଥିରୁ ହଟିଯାଇଥାଏ ଏବଂ ମନ ଶାନ୍ତ ହୋଇଯାଏ।

**ନୀରବ ରହିବା ଭଲ:** ମିଠାକଥା ସମ୍ପର୍କରେ ମଧୁରତା ଆଣିଥାଏ। ହେଲେ ମନ ଭଲ ନ ଥିଲେ କିମ୍ୱା କୌଣସି କାରଣକୁ ନେଇ ଟେନ୍‌ଶନ୍‌ରେ ଥିଲେ ଅନେକେ ଏହାର ରାଗ ନିଜ ପରିବାର ସଦସ୍ୟଙ୍କ ଉପରେ ଶୁଝାଇଥାନ୍ତି। ଅନେକ ସମୟରେ ଦେଖାଯାଏ ରାଗରେ କାହା କାହା ପାଟିରୁ ଏଭଳି କଟୁ କଥା ବାହାରିଆସେ, ଯାହାକି ଅନ୍ୟକୁ ମାନସିକ ଆଘାତ ପହଞ୍ଚାଇଥାଏ ଏବଂ ଏଥିପାଇଁ ସମ୍ପର୍କରେ ଦୂରତା ବଢ଼ିଥାଏ। ତେଣୁ କ୍ରୋଧରେ ଏଭଳି କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତ୍ତାର କାମ।

**ନିଅନ୍ତୁ ମ୍ୟୁଜିକ୍‌ର ସାହାଯ୍ୟ:** ମ୍ୟୁଜିକ୍‌କୁ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବ୍ୟବହାର କରାଯାଉଛି। କାରଣ ଏଥିରେ ଏଭଳି ଯାଦୁକରି ଶକ୍ତି ଅଛି ଯାହାକି ଏକ ବିରକ୍ତ ଏବଂ ଅବସାଦଗ୍ରସ୍ତ ମନକୁ ବି ଶାନ୍ତ କରିବାର କ୍ଷମତା ରହିଛି। ତେଣୁ ଅତ୍ୟଧିକ ରାଗ ଲାଗୁଥିବା ବେଳେ କିଛି ସମୟ ଗୀତ ଶୁଣିବା ଭଲ।

**ଆପଣାନ୍ତୁ ଆଙ୍ଗର ମ୍ୟାନେଜମେଣ୍ଟ ଥେରାପି:** ଯଦି ଆପଣ ଅଧିକାଂଶ ସମୟରେ ରାଗୁଛନ୍ତି ଅବା ରାଗ ସମୟରେ ନିଜେ କହୁଥିବା କଥା ଉପରେ ନିୟନ୍ତ୍ରଣ ହରାଇ ସଭିଙ୍କ ଅପ୍ରିୟ ସାଜୁଥିବା ଅନୁଭବ କରୁଛନ୍ତି, ତେବେ ଆଙ୍ଗର ମ୍ୟାନେଜମେଣ୍ଟ ଥେରାପି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ରାଗ ଆସିଲେ ୧୦୦ରୁ ୧ ପର୍ଯ୍ୟନ୍ତ ଓଲଟା ଗଣନ୍ତୁ। କିଛି ସମୟ ମେଡିଟେଶନ୍ କରନ୍ତୁ କିମ୍ୱା କୌଣସି ମନ୍ତ୍ର ଜପ କରନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଧ୍ୟାନ ଏଥିରେ କେନ୍ଦ୍ରିତହେବା ସହ ରାଗ ଶାନ୍ତ ହୋଇଯିବ। ଏହା ବ୍ୟତୀତ ରାଗ ସମୟରେ ନିଜ ରୁଚି ଥିବା କିଛି କାମ ଯେପରିକି ପେଣ୍ଟିଂ, ଗାର୍ଡେନିଂ, କୁକିଂ, ବୁକ୍ ରିଡିଂ ଆଦି କରନ୍ତୁ। ପ୍ରତିଦିନ ଯୋଗ, ବ୍ୟାୟାମ କରନ୍ତୁ, ଏହାର ଉଭୟ ଶାରୀରିକ ଓ ମାନସିକସ୍ତରରେ ସକାରାତ୍ମକ ପ୍ରଭାବ ପଡିବ। ତଥାପି ଯଦି ମନରେ ବାରମ୍ୱାର କ୍ରୋଧ ଭାବନା ଆସୁଛି ତେବେ କାଉନ୍‌ସିଲର୍ କିମ୍ୱା ମାନସିକରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

## ଏମାନେ କ'ଣ କରନ୍ତି

**ଆତ୍ମସଂଯମ ସବୁଠୁ ଗୁରୁତ୍ୱପୂର୍ଣ୍ଣ**



**ଧରିତ୍ରୀ ପରିଡା**( ଅଧ୍ୟାପିକା, ଭୁବନେଶ୍ୱର)– ହସ, ଖୁସି, ଦୁଃଖ ଭଳି ରାଗ ବା କ୍ରୋଧ ମଧ୍ୟ ଏକ ପ୍ରକାରର ମାନସିକ ସ୍ଥିତି। ତେଣୁ କାହାକୁ କେବେ ନା କେବେ କ୍ରୋଧ ଆସିବା ସ୍ୱାଭାବିକ। ହେଲେ ରାଗ ସମୟରେ ଯେପରି କାହାକୁ ମାନସିକ ଆଘାତ ଦେବା ଭଳି କିଛି ଭୁଲ୍ କଥା ପାଟିରୁ ବାହାରି ନ ଯାଉ କିମ୍ୱା ରାଗର ନକାରାତ୍ମକ ପ୍ରଭାବ ଯେପରି ନିଜ ସ୍ୱାସ୍ଥ୍ୟ ଉପରେ ନ ପଡୁ ସେଥିପ୍ରତି ବିଶେଷ ଯତ୍ନଶୀଳ ରହିଥାଏ। ମୋ ମତରେ କ୍ରୋଧ ନିୟନ୍ତ୍ରଣ ପାଇଁ ଆତ୍ମସଂଯମ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କୌଣସି କାରଣୁ ରାଗ ଲାଗିଲେ କିଛି ସମୟ ନୀରବ ରହିବା ସହ ମନ ପରିବର୍ତ୍ତନ ପାଇଁ ଭଜନ, ଗୀତ ଆଦି ଶୁଣିଥାଏ। ଝିଅ ସହ କଥା ହେବା, ଘରକାମ କରିବା ଆଦିରେ ସମୟ ଦେଲେ ମନରୁ କ୍ରୋଧ ଭାବନା ଦୂର ହୋଇଯାଏ।

**କ୍ରୋଧ ମଣିଷର ସବୁଠୁ ବଡ଼ ଶତ୍ରୁ**



**ମନ୍ଦାକିନୀ ଦାସ**(କର୍ମଜୀବୀ, ଚୌଦ୍ୱାର, କଟକ)– କ୍ରୋଧ ମଣିଷର ସବୁଠୁ ବଡ ଶତ୍ରୁ ବୋଲି ମୁଁ ଭାବିଥାଏ। କାରଣ ଥରେ ଏହାର ବଶବର୍ତ୍ତୀ ହେଲେ ମଣିଷ କ'ଣ ସବୁ ଭୁଲ କରିବସେ ସେ ନିଜେ ବି ଜାଣି ପାରେନି। ଏହାଦ୍ୱାରା ନିଜ ସହ ଅନ୍ୟର ବି କ୍ଷତି ହୋଇଥାଏ। ତେଣୁ କେବେ ମୋ ମନରେ ରାଗ ଆସିଲେ କାହାକୁ କିଛି କହିବା ଅବା ତୁରନ୍ତ କିଛି ପଦକ୍ଷେପ ନ ନେଇ ପ୍ରଥମେ ଚୁପ୍ ରହିଥାଏ କିମ୍ୱା ଉକ୍ତ ସ୍ଥାନରୁ ଚାଲିଯାଇଥାଏ। ମନ ଶାନ୍ତ ହେବା ପରେ ଏହାର ସମାଧାନ କରିବାକୁ ଚେଷ୍ଟା କରିଥାଏ।






## ସୌନ୍ଦର୍ଯ୍ୟ

# ଲଙ୍ଗ୍ ଲାଷ୍ଟିଂଗ୍ ମେକ୍‌ଅପ୍

**ସୁନ୍ଦର ଓ ଆକର୍ଷଣୀୟ ଲୁକ୍ ପାଇଁ କେଉଁ ମହିଳାଙ୍କୁ ବା ମେକ୍‌ଅପ୍ ନେବା ପସନ୍ଦ ନୁହେଁ। ହେଲେ କେବେ କେବେ କୌଣସି ପାର୍ଟି, ଫଙ୍କସନରେ ଯିବା ବେଳେ ସାମାନ୍ୟ ଝାଳ ହୋଇଗଲେ କିମ୍ୱା ଖାଇବା ବେଳେ ମେକ୍‌ଅପ୍ ଛାଡ଼ିଯିବା ଯୋଗୁ ଖରାପ ଲାଗିଥାଏ। ହେଲେ କେଉଁସବୁ ଟ୍ରିକ୍ ଆପଣେଇଲେ ଆପଣଙ୍କ ମେକ୍‌ଅପ୍ ଲଙ୍ଗ୍ ଲାଷ୍ଟିଂଗ୍ ହୋଇପାରିବ ଜାଣିରଖନ୍ତୁ ସେ ସମ୍ପର୍କରେ...**



➤ ପ୍ରଥମେ ମାଇଲ୍ଡ କ୍ଲିଞ୍ଜରରେ ମୁହଁକୁ ସଫାକରି ଟୋନିଂ କରିବା ଦରକାର। ଅଏଲି ସ୍କିନ୍ ପାଇଁ ଅଏଲ ଆବ୍‌ଜର୍ଭିଂ ଟୋନର ବ୍ୟବହାର କରନ୍ତୁ। ମଶ୍ଚରାଇଜର ଲଗାଇବା ପରେ ମ୍ୟାଟ୍ କିମ୍ୱା ସିଲିକନ୍ ବେସ୍‌ଡ୍ ପ୍ରାଇମର ଲଗାଇ ୧ମିନିଟ୍ ଛାଡ଼ି ଦିଅନ୍ତୁ।

➤ ଏହାପରେ ମେକ୍‌ଅପ୍ ଅଧିକ ସମୟ ରହିବା ଲାଗି କ୍ରିମ୍ ଫାଉଣ୍ଡେଶନ ବଦଳରେ ହାଇଲି ପିଗ୍‌ମେଣ୍ଟେଡ୍ କିମ୍ୱା ୱାଟରପ୍ରୁଫ୍ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ବ୍ୟୁଟି ବ୍ଲେଣ୍ଡରକୁ ଅଳ୍ପ ଓଦାକରି ଏହା ସାହାଯ୍ୟରେ ଫାଉଣ୍ଡେଶନକୁ ପତଳାକରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ। ଏପରି ଲଗାଇଲେ ପ୍ୟାଚେସ୍ ଦେଖାଯିବ ନାହିଁ।

➤ ଆଖିତଳ ଏବଂ ଦାଗ ଥିବା ସ୍ଥାନଗୁଡିକରେ କନ୍‌ସିଲର ଲଗାନ୍ତୁ। ଟି-ଜୋନ୍ ଏବଂ ଅଏଲି ଏରିଆ ଯେପରିକି ନାକ, କପାଳ ଆଦି ସ୍ଥାନରେ ଅଳ୍ପ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ମନେରଖନ୍ତୁ ଆଦୌ ଅଧିକ ପାଉଡର ବ୍ୟବହାର କରନ୍ତୁ ନାହିଁ, ନଚେତ୍ ମେକ୍‌ଅପ୍ ହେଭି ଲାଗିବ।

➤ କ୍ରିମ୍ ବେସ୍‌ଡ ହାଇଲାଇଟର, ବ୍ଲଶ୍ ସହଜରେ ବ୍ଲେଣ୍ଡ ହୋଇଯିବା ସହ ନାଚୁରାଲ ଗ୍ଲୋ ଦେବାରେ ସାହାଯ୍ୟ କରିଥାଏ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ରହୁଥିବାରୁ ଏହା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ।

➤ ଆଇ ମେକ୍‌ଅପ୍ ପାଇଁ ୱାଟରପ୍ରୁଫ୍ କାଜଲ, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କଲେ କୌଣସି କାରଣରୁ ବୋଳି ହୋଇଗଲେ ଅବା ଛାଡ଼ିଗଲେ ମେକ୍‌ଅପ୍ ଖରାପ ଲାଗି ନ ଥାଏ।

➤ ମେକ୍‌ଅପ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାଗ ହେଲା ଠିକ୍ ଏବଂ ଲଙ୍ଗ୍ ଲାଷ୍ଟିଙ୍ଗ୍ ଲିପ୍‌ଷ୍ଟିକ୍ ବାଛିବା। ମନେରଖନ୍ତୁ ମେକ୍‌ଅପ୍ ନେବା ପୂର୍ବରୁ ଓଠକୁ ସ୍କ୍ରବିଂ କରିବା ଭଲ। ଓଠରେ ପ୍ରଥମେ ମଶ୍ଚରାଇଜର ଲଗାଇବା ପରେ ଅଳ୍ପ ଫାଉଣ୍ଡେଶନ କିମ୍ୱା କନ୍‌ସିଲର ଲଗାଇ ବେସ୍ ମେକ୍‌ଅପ୍ ଦିଅନ୍ତୁ। ଏହା ପରେ ଲିପ୍‌ଲାଇନରରେ ଆଉଟ୍‌ଲାଇନ୍ କରନ୍ତୁ ଏବଂ ଭିତରେ ଲିକ୍ୱିଡ୍ ମ୍ୟାଟ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହା ଅନ୍ୟ ଲିପ୍‌ଷ୍ଟିକ୍ ତୁଳନାରେ ଅଧିକ ସମୟ ରହିବ।

➤ ମେକ୍‌ଅପ୍ ନେବା ପରେ ସେଣ୍ଟ ସ୍ପ୍ରେ ଲଗାଇବାକୁ ଭୁଲନ୍ତୁ ନାହିଁ। ଏପରି ଉପାୟ ଆପଣାଇଲେ ଆପଣଙ୍କ ମେକ୍‌ଅପ୍ ଅଧିକ ସମୟ ରହିପାରିବ।

# ନ ଧୋଇ ପିନ୍ଧୁଥିଲେ ନୂଆ ପୋଷାକ

**ନୂଆ ନୂଆ ପୋଷାକ ପିନ୍ଧିବାକୁ ମହିଳାମାନେ କେତେ ଭଲ ପାଆନ୍ତି ତାହା କିଏ ବା ନ ଜାଣେ। ହେଲେ ଆପଣ ଜାଣନ୍ତି କି, ନୂଆ ପୋଷାକ ସୁନ୍ଦର ଏବଂ ଭଲ ଦେଖାଯାଉଥିଲେ ହେଁ ଏହାକୁ ନ ଧୋଇ ପିନ୍ଧିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ.....**

– ନିଜ ପାଇଁ ହେଉ ଅବା ପରିବାର ସଦସ୍ୟଙ୍କ ପାଇଁ ନୂଆ ପୋଷାକ ଆଣୁଥିଲେ ପିନ୍ଧିବା ପୂର୍ବରୁ ଭଲ ଭାବେ ଧୋଇବାକୁ ଭୁଲନ୍ତୁ ନାହିଁ। କାରଣ କେତେକ ପୋଷାକ ପ୍ରସ୍ତୁତ କରୁଥିବା କମ୍ପାନୀ ପୋଷାକଗୁଡିକୁ ଅଧିକ ଆକର୍ଷଣୀୟ କରିବା ଲାଗି ସେଥିରେ କେମିକାଲଯୁକ୍ତ ରଙ୍ଗ ବ୍ୟବହାର କରିଥାନ୍ତି, ଯଦ୍ୱାରା ଏଭଳି ନୂଆ ପୋଷାକ ପିନ୍ଧିଲେ ଅନେକଙ୍କଠାରେ ସ୍କିନ୍ ଆଲର୍ଜି ଦେଖିବାକୁ ମିଳିଥାଏ। ବିଶେଷକରି ଛୋଟ ପିଲା, ବୃଦ୍ଧ କିମ୍ୱା ଘରେ କୌଣସି ସଦସ୍ୟଙ୍କର ସେନ୍ସିଟିଭ୍ ସ୍କିନ୍ ହୋଇଥିଲେ ନ ଧୋଇ ନୂଆ ପୋଷାକ ପିନ୍ଧିବାକୁ ଆଦୌ ଦିଅନ୍ତୁ ନାହିଁ।



– କମ୍ପାନୀରୁ ଗୋଦାମ, ସେଠାରୁ ଟ୍ରକ୍‌ରେ ବିଭିନ୍ନ ଦୋକାନକୁ ନେବା, ଗ୍ରାହକମାନେ ବାରମ୍ୱାର ଏହାକୁ ଦେଖିବା, ଟ୍ରାଏ କରିବା ଆଦି ଦ୍ୱାରା ଏଥିରେ ଅନେକ ପ୍ରକାର ବ୍ୟାକ୍ଟେରିଆ ରହିଯାଏ। ତେଣୁ ନୂଆ ପୋଷାକ ଦେଖିବାକୁ ସଫାସୁତୁରା ଲାଗୁଥିଲେ ବି ଏହାକୁ ନ ଧୋଇ ପିନ୍ଧିବା ଦ୍ୱାରା ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ସ୍କିନ୍ ର୍ୟାସେସ୍ ହେବା ଆଶଙ୍କା ଅଧିକ।

– ସେହିପରି ଅଧିକ ଦିନ ଦୋକାନରେ ରହିଯାଇଥିବା କେତେକ ନୂଆ ପୋଷାକରେ ଧୂଳି ଜମି ରହିଥାଏ, ଯାହାକି ଦେଖିଲେ ଜଣାପଡି ନ ଥାଏ। କିନ୍ତୁ ଏହାକୁ ପିନ୍ଧିବା ଦ୍ୱାରା ଡଷ୍ଟ ଆଲର୍ଜି, ଛିଙ୍କ, ସ୍କିନ୍ ର୍ୟାସେସ୍ ଭଳି ସମସ୍ୟା ଦେଖାଦେଇଥାଏ।

– କେତେକ ନୂଆ ପୋଷାକ ଧୋଇବା ପରେ ଏହାର ରଙ୍ଗ ଛାଡ଼ିଥାଏ। ହେଲେ ଏହି ଡରରେ ଅନେକେ କିଣିବା ପରେ ସିଧା ଏହାକୁ ପିନ୍ଧିଦିଅନ୍ତି। କିନ୍ତୁ ନ ଧୋଇ ପିନ୍ଧିଲେ ଝାଳ ଲାଗିବା ଯୋଗୁ ଏହି ରଙ୍ଗ ସିଧା ସଳଖ ତ୍ୱଚାରେ ଲାଗିଥାଏ, ଯାହାକି କେତେକାଂଶରେ ତ୍ୱଚା ପାଇଁ ହାନିକାରକ ହୋଇଥାଏ। ତେଣୁ ଆପଣ ନୂଆ ପୋଷାକ ପିନ୍ଧିବା ପୂର୍ବରୁ ଧୋଇବାକୁ ଆଦୌ ଭୁଲନ୍ତୁ ନାହିଁ।

# ଲୋଫର ଶୁଜ୍ ଫ୍ୟାଶନ

**ଷ୍ଟାଇଲିଶ୍ ଦେଖାଯିବା ସହ ପର୍ସନାଲିଟିକୁ ଆଟ୍ରାକ୍ଟିଭ୍ କରିବା ଲାଗି ବର୍ତ୍ତମାନ ଅଧିକାଂଶ ମହିଳା ଲୋଫର ଶୁଜ୍ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହା ଫର୍ମାଲ୍ ହେଉ ଅବା କାଜୁଆଲ୍ ସବୁ ଆଉଟ୍‌ଫିଟ୍ ମ୍ୟାଚ୍‌କରି ହେଉଥିବା ବେଳେ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ହୋଇଥିବାରୁ ଏହାର ଡିମାଣ୍ଡ ଦିନକୁ ଦିନ ବଢ଼ିବାରେ ଲାଗିଛି ...**

– ଲୋଫର ଶୁଜ୍ ଅଫିସିଆଲ ଓ ଫର୍ମାଲ ଲୁକ୍ ପାଇଁ ପରଫେକ୍ଟ ଲୁକ୍ ଦେଇଥାଏ। ତେଣୁ ଏହି ଶୁଜ୍‌କୁ ଆପଣ କୌଣସି ଅଫିସିଆଲ ଗେଟ୍‌ଅପ୍‌ରେ ବି ପିନ୍ଧିପାରିବେ। ଅଫିସ୍ ପାଇଁ ଲେଦର କିମ୍ୱା ପ୍ଲେନ୍ ଡିଜାଇନ୍‌ର ଲୋଫର ପିନ୍ଧିପାରିବେ। ବ୍ରାଇଟ୍ କଲର ଲୋଫର ସହ ଫର୍ମାଲ ଡ୍ରେସ୍ ଭଲ ଲାଗିବ। ଏହି ଶୁଜ୍ ବିନା ଲେସ୍‌ବାଲା ହୋଇଥାଏ। ତେଣୁ ଏହାକୁ ସ୍ଲିପ୍ ଅନ୍ ଶୁ' ମଧ୍ୟ କୁହାଯାଏ। ସ୍ଲିମ୍ ଜିନ୍ସ, ଆଙ୍କେଲ୍ ଲେନ୍ଥ ଟ୍ରାଉଜର କିମ୍ୱା ପେନ୍‌ସିଲ୍ ସ୍କର୍ଟ ସହ ଏହା ପିନ୍ଧିଲେ ଷ୍ଟାଇଲିଶ୍ ଲାଗିଥାଏ।

– ବୁଲାବୁଲି କରିବାକୁ ଯାଉଥିଲେ ଲୋଫର ଶୁଜ୍‌କୁ ଜିନ୍ସ, ଜର୍ଗସ କିମ୍ୱା ଶର୍ଟ୍ସ ସହ ଟିମ୍‌ଅପ୍ କରିପାରିବେ। ଏହି ସମୟରେ କଲରଫୁଲ୍ ଲୋଫର ବା ଟେକ୍ସଚର୍ଡ ଲୋଫର୍ସ ଟ୍ରାଏ କରନ୍ତୁ ଫ୍ୟାଶନେବଲ୍ ଲାଗିବେ।



– ଏହାକୁ ବିନା ସକ୍ସରେ କିମ୍ୱା ନୋ ଶୋ ବା ବାହାରକୁ ଦେଖାଯାଉ ନ ଥିବା ସକ୍ସ ସହିତ ପିନ୍ଧିପାରିବେ। ତେବେ କ୍ଲାସିକ୍ ଲୁକ୍ ପାଇଁ ପେନି ଲୋଫର୍ସ ଏବଂ ଫ୍ୟାଶନେବଲ୍ ଲୁକ୍ ପାଇଁ ଟ୍ୟାସେଲ୍ ଲୋଫର୍ସ ସବୁଠୁ ଭଲ।

## ଖାଦ୍ୟରୁଚି

# ସୁଜି ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ:** ସୁଜି– ୧ କପ୍, ଦହି– ୩/୪ କପ୍, କଟାହୋଇଥିବା ଏକ ଟମାଟୋ, କଟା ହୋଇଥିବା ଏକ ମଧ୍ୟମ ଆକାରର ପିଆଜ, କଟା ବନ୍ଧାକୋବି ଅଧା କପ୍, କଟା କ୍ୟାପ୍‌ସିକମ୍ ୧/୪ କପ୍, କଟା କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର କଟା ଅଧା କପ୍, ଛେଚା କିମ୍ୱା କୋରା ହୋଇଥିବା ଏକ ଚାମଚ ଅଦା, ୧/୪ ଚାମଚ ବେକିଂ ସୋଡ଼ା, ସୋରିଷ ୧/୪ ଚାମଚ, ତେଲ ୨–୩ ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ, ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସୁଜି ନିଅନ୍ତୁ। ସେଥିରେ ଦହି ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ବ୍ୟାଟର ପ୍ରସ୍ତୁତ କରନ୍ତୁ, ଯେପରି ତାହା ଅଧିକ ବହଳିଆ କିମ୍ୱା ପାଣିଆ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସେଥିରେ କଟାହୋଇଥିବା କଞ୍ଚାଲଙ୍କା, ଅଦା ଏବଂ ସ୍ୱାଦାନୁସାରେ ଲୁଣ ପକାଇ ମିଶାନ୍ତୁ ଏବଂ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ। ଅନ୍ୟ ଏକ ପତ୍ରରେ କଟାହୋଇଥିବା ଟମାଟୋ, ବନ୍ଧାକୋବି, କ୍ୟାପ୍ସିକମ୍, ପିଆଜ, ଧନିଆ ପତ୍ର ମିଶାଇ ରଖନ୍ତୁ। ରଖାଯାଇଥିବା ବ୍ୟାଟରରେ ବେକିଂ ସୋଡ଼ା ମିଶାଇ ଭଲ ଭାବେ ଗୋଳାନ୍ତୁ। ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ କିମ୍ୱା ତାୱା ଗରମ କରନ୍ତୁ। ସେଥିରେ ତେଲ ପକାନ୍ତୁ ଏବଂ ଅଳ୍ପ ସୋରିଷ ପକାନ୍ତୁ। ସୋରିଷ ଫୁଟିଲେ ସେଥିରେ ବ୍ୟାଟର ପକାଇ ଚକୁଳି ପିଠା ପରି ଗୋଲ କରନ୍ତୁ ଏବଂ ଏହା ଉପରେ କଟା ପରିବା ପକାଇ ଚାମଚରେ ଧୀରେ ଧୀରେ ଦବାଇ ଦିଅନ୍ତୁ। ଏହା ଉପରେ ଅଳ୍ପ ତେଲ ଛିଞ୍ଚିଦିଅନ୍ତୁ ଏବଂ ଓଲଟାଇ ଦିଅନ୍ତୁ। ଦୁଇ ପାଖ ଅଳ୍ପ ବ୍ରାଉନ୍ କଲର ହୋଇଗଲେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମା ଗରମ ସୁଜି ଉତ୍ତପମ୍। ଏହାକୁ ଚଟଣି କିମ୍ୱା ସସ୍ ସହ ଖାଇବାର ମଜା ନିଅନ୍ତୁ।






# ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ୨୨୦୦ କୋଟି କ୍ଷତି

ନୂଆଦିଲ୍ଲୀ,୨।୨(ପି.ଟି.)

ଏକ ଆଇସିସି ଇଭେଣ୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌ରୁ ଆନୁମାନିକ ୨୫୦ ମିଲିଅନ ଆମେରିକୀୟ ଡଲାର ବା ୨୨୦୦ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି ହୋଇଥାଏ। ଏଣୁ ଯଦି ଟି୨୦ ବିଶ୍ୱକପ୍‌ରୁ ଭାରତ-ପାକ୍ ମ୍ୟାଚ୍‌କୁ ବାଦ୍ ଦିଆଯାଏ, ତେବେ ଆଇସିସି ସମେତ ପ୍ରତ୍ୟେକ ଅଂଶୀଦାରଙ୍କୁ ପ୍ରବଳ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ। ଭାରତ ବିପକ୍ଷରେ ଆସନ୍ତା ୧୫ ତାରିଖରେ କଲମ୍ବୋରେ ହେବାକୁ ଥିବା ବହୁପ୍ରତୀକ୍ଷିତ ମ୍ୟାଚ୍‌କୁ ପାକିସ୍ତାନ ଦଳ ବର୍ଜନ କରିବ ବୋଲି ପାକିସ୍ତାନ ସରକାର ଘୋଷଣା କରିଛନ୍ତି। ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ସେମାନଙ୍କୁ ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିବ। ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର ବିଜ୍ଞାପନ ବାବଦକୁ ୨୦୦ରୁ ୨୫୦ କୋଟି ଟଙ୍କାର ରାଜସ୍ୱ ହରାଇବ।




ଭାରତ ବିପକ୍ଷ ମ୍ୟାଚ୍‌କୁ ବର୍ଜନ କରାଯିବ ବୋଲି ପାକିସ୍ତାନ ସରକାର ଘୋଷଣା ପରେ ଆଇସିସି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଥିଲା, ଚୟନମୂଳକ ଅଂଶଗ୍ରହଣ କରିବା ନିଷ୍ପତ୍ତି ବିଶ୍ୱ ସ୍ତରୀୟ ଇଭେଣ୍ଟର ମୂଳଗତ ନିୟମକୁ ଉଲ୍ଲଂଘନ କରୁଛି। କାରଣ ବିଶ୍ୱ ସ୍ତରୀୟ ପ୍ରତିଯୋଗିତାରେ ସମସ୍ତ ଯୋଗ୍ୟତାପ୍ରାପ୍ତ ଦଳ କାର୍ଯ୍ୟସୂଚୀ ଆଧାରରେ ସମାନ ସର୍ତ୍ତରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଶା କରାଯାଏ। ଆଇସିସି ଟୁର୍ନାମେଣ୍ଟ ଖେଳର ଅଖଣ୍ଡତା, ପ୍ରତିଦ୍ୱନ୍ଦ୍ୱିତାଭାବ, ସ୍ଥିରତା ଓ ନ୍ୟାୟ ଉପରେ ଆଧାରିତ। ଚୟନମୂଳକ ଅଂଶଗ୍ରହଣତା ପ୍ରତିଯୋଗିତାର ପବିତ୍ରତାକୁ କ୍ଷୁଣ୍ଣ କରିବ।

## ମ୍ୟାଚ ବର୍ଜନ ସହଜ ହେବନି

ଭାରତ ବିପକ୍ଷ ମ୍ୟାଚ୍‌କୁ ପାକିସ୍ତାନ ବର୍ଜନ କରିବା ନିଷ୍ପତ୍ତି ସମ୍ପର୍କରେ ଆଇସିସିର ପୂର୍ବତନ ହେଡ୍ ଅଫ୍ କମ୍ୟୁନିକେଶନ୍ସ ସାମି-ଉଲ-ହାସନ ବର୍ନି କହିଛନ୍ତି, ସରକାରଙ୍କ ନିଷ୍ପତ୍ତିରେ ଆମେ ଏକମତ ହୋଇପାରୁ କିମ୍ବା ଭିନ୍ନମତ ରଖିପାରୁ। କିନ୍ତୁ ଏଭଳି ନିଷ୍ପତ୍ତି ନେବା ସହଜ ନୁହେଁ। ଏହି ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ସେମାନେ ଅନେକ ଲୋଙ୍କ ସହ କଥା ହୋଇଥିବେ ଏବଂ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇଥିବେ। ମୁଁ ନିଶ୍ଚିତ ଯେ, ଖୁବ ଆଲୋଚନା ପର୍ଯ୍ୟାଲୋଚନା ପରେ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ଯଦି ଆମେ ପ୍ରତିବନ୍ଧକ କିମ୍ବା କ୍ଷତି ସମ୍ପର୍କରେ କଥା ହେବା, ତେବେ ପ୍ରସାରଣ ବାବଦକୁ ହେବାକୁ ଥିବା କ୍ଷତି ସମେତ ସେହି ମ୍ୟାଚ୍ ଲାଗି ପ୍ରାୟ ୨୫୦ ମିଲିଅନ ଆମେରିକୀୟ ଡଲାର କ୍ଷତି ହେବ। ପାକିସ୍ତାନର ବାର୍ଷିକ ରାଜସ୍ୱ ହେଉଛି ୩୫.୫ ମିଲିଅନ ଡଲାର। ଏଣୁ ଏଥିରେ ବହୁତ ବଡ଼ ଫରକ ରହିଛି। ଅନ୍ୟ ଦେଶଗୁଡ଼ିକ ଭଳି ପାକିସ୍ତାନ ଗତ ୨୦ ବର୍ଷରେ ଘରୋଇ ମାଟିରେ ଭାରତ ସହିତ ଦ୍ୱିପାକ୍ଷୀକ ସିରିଜ୍ ଖେଳି ନାହିଁ। ପାକିସ୍ତାନର ଏହି ନିଷ୍ପତ୍ତି କାରଣରୁ ପିସିବିକୁ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। ଯଦି ପାକିସ୍ତାନ କ୍ରିକେଟ ବୋର୍ଡ ଭାରତ ସହ ନ ଖେଳି ୨୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ପାରେ, ତେବେ ପାକିସ୍ତାନ କ୍ରିକେଟ ବଞ୍ଚିପାରିବ।

## 'ସରକାରଙ୍କ ନିଷ୍ପତ୍ତି ମାନିବୁ'

କରାଚୀ,୨।୨(ପି.ଟି.)

ସରକାର କିମ୍ବା କ୍ରିକେଟ ବୋର୍ଡ ଯାହା ନିଷ୍ପତ୍ତି ନେବେ, ଆମେ ତାହା ପାଳନ କରିବୁ। ପାକିସ୍ତାନ ଦଳର ଅଧିନାୟକ ସଲମାନ ଅଲୀ ଆଘା ସୋମବାର ଦଳର କଲମ୍ବୋ ଯାତ୍ରା ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

ଆମ ଖେଳାଳିଙ୍କର ବୋର୍ଡ ସହ ଚୁକ୍ତି ହୋଇଛି। ଆମ ସରକାର ଓ ବୋର୍ଡ ଯାହା ନିଷ୍ପତ୍ତି ନେବେ, ସମସ୍ତ ଖେଳାଳି ତାହା ପାଳନ କରିବେ। ଭାରତ ବିପକ୍ଷ ମ୍ୟାଚ୍ ଛଡ଼ା ଆମକୁ ୩ଟି ଗ୍ରୁପ ମ୍ୟାଚ୍ ଖେଳିବାର ଅଛି। ଆମେ ସେଗୁଡ଼ିକୁ ଜିତି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାକୁ ଲକ୍ଷ୍ୟ ରଖିଛୁ ବୋଲି ସଲମାନ କହିଛନ୍ତି। ଅନ୍ୟପକ୍ଷରେ ଶାହିଦ ଆଫ୍ରିଦୀ, ମହମ୍ମଦ ୟୁସୁଫ, ରଶିଦ ଲତିଫ, ମୋଇନ ଖାନ, ସର୍ଫରାଜ ଅହମଦ, ମହସିନ ଖାନଙ୍କ ଭଳି ପୂର୍ବତନ ଖେଳାଳି ଭାରତ ବିପକ୍ଷ ମ୍ୟାଚ୍‌କୁ ବଏକଟ କରାଯିବା ନିଷ୍ପତ୍ତି ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି।



ପୁଣେରେ ଆୟୋଜିତ ୪୩ତମ ଜାତୀୟ ଜଳକ୍ରୀଡ଼ାର ୨୦୦୦ ମିଟର ରୋଇଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର ରିତୁ କଉଡ଼ି ଓ ସୋନାଲିକା ଦାସ।

# ସେମିରେ ସହିଦ ସ୍ପୋର୍ଟିଂ, ଆଲ୍‌ଫା

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ବିଜୟୀ ହୋଇ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ ଓ ବ୍ରହ୍ମପୁରର ଆଲ୍‌ଫା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟର ଫାଇନାଲରେ ସହିଦ ସ୍ପୋର୍ଟିଂ ୬ ଉଇକେଟରେ ସୋଲାର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ସୋଲାର ୧୯.୫ ଓଭରରେ ୧୬୪ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ସର୍ବାଧିକ ୪୨ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୩୪ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ଶତ୍ରୁଜିତ ୪ଟି ଓ ସୌମ୍ୟରଞ୍ଜନ ମହାନ୍ତି ୩ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। ଶୁଭମ୍ ଶତ୍ରୁଜିତ ସର୍ବାଧିକ ୪୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୩୨ ରନରେ ଆଉଟ ହୋଇଥିବାବେଳେ ସୁଶୀଲ କୁମାର ବାରିକ ୪୨ ରନରେ ଅପରାଜିତ ରହିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଶୁଭମ୍ ଶତ୍ରୁଜିତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଶୁଭମ୍ ଶତ୍ରୁଜିତ ଓ ରାମଚନ୍ଦ୍ର ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆଲ୍‌ଫା ୩୫ ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆଲ୍‌ଫା ୨୦ ଓଭରରେ ୭ ଉଇକେଟ ହରାଇ ୧୬୫ ରନ କରିଥିଲା। ସୁଜିତ କୁମାର ଲେଙ୍କା ୪୧ ଓ ରୋହିତ ସାଗର ୩୫ ରନ କରିଥିଲେ। ପ୍ରତିପକ୍ଷ ଦଳର ମିଳନ ସାମଲ ଓ ସୁମିତ ମହାରଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୬୬ ରନ ବିଜୟ ଲକ୍ଷ୍ୟର ପିଛାକରି ପ୍ରଗତି ୨୦ ଓଭରରେ ୯ ଉଇକେଟ ହରାଇ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଶୁଭମ୍ ନାଏକ ସର୍ବାଧିକ ୨୮ ରନ କରିଥିଲେ। ଆଲ୍‌ଫା ବୋଲରଙ୍କ ମଧ୍ୟରେ ରାମଚନ୍ଦ୍ର ବେହେରା ଓ ଅମିତ ଦାସ ୪ଟି ଲେଖାଏ ଉଇକେଟ ନେଇଥିଲେ। ୧୬ ରନ କରିବା ସହ ୪ ଉଇକେଟ ନେଇଥିବା ରାମଚନ୍ଦ୍ର ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅମ୍ପାୟର ନିର୍ମଳ ମିଶ୍ର ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ସୁଶୀଲ ସୁନ୍ଦରାୟ।

## ଅବ୍‌ଦୁସାତୋରୋଭଙ୍କୁ ଟାଟା ଷ୍ଟିଲ ମାଷ୍ଟର୍ସ ଟାଇଟଲ

ୱିଜ୍ ଆନ୍ ଜୀ, ୨।୨ (ପି.ଟି.)

କଳାଦାନରେ ଫର୍ମରେ ନ ଥିବା ଅର୍ଜୁନ ଏରିଗେସିଙ୍କ ବିପକ୍ଷରେ ବିଜୟ ହାସଲ କରି ଉଜ୍‌ବେକିସ୍ତାନର ନୋଦିରବେକ୍ ଅବ୍‌ଦୁସାତୋରୋଭ ଟାଟା ଷ୍ଟିଲ ମାଷ୍ଟର୍ସ ଟେନିସ ଟାଇଟଲ ହାସଲ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ଶେଷ ହୋଇଥିବା ଏହି ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ୬.୫ ପଏଣ୍ଟ ସହ ମିଳିତ ୮ମ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଛନ୍ତି। ଗୁକେଶ ଫାଇନାଲ ରାଉଣ୍ଡରେ ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କ ସହ ତାଙ୍କ ଗେମ୍ ଡ୍ର' ରଖିଥିଲେ। କିନ୍ତୁ ୫୦ପ୍ରତିଶତ ସ୍କୋର ଯୋଗୁ ଏହି ଭାରତୀୟ ଖେଳାଳିଙ୍କ ରେଟିଂ ଅଙ୍କ ୨୭୫୦ ତଳକୁ ଖସି ଆସିଛି। ସେହିପରି ଆର. ପ୍ରଜ୍ଞାନନ୍ଦ ନେଦରଲାଣ୍ଡ୍ସର ଜୋର୍ଡାନ ଭାନ୍ ଫରେଷ୍ଟଙ୍କ ବିପକ୍ଷ ଗେମ୍‌କୁ ମଧ୍ୟ ଡ୍ର' ରଖିଥିଲେ। ସେ ୫.୫ ପଏଣ୍ଟ ଅର୍ଜନ କରିଥିଲେ। ରେଟିଂ ମାମଲାରେ ଏରିଗେସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କୁ ୨୯ ରେଟିଂ ପଏଣ୍ଟ ହରାଇବାକୁ ପଡ଼ିଛି। ସେ କିଛି ସମୟ ପାଇଁ ବିଶ୍ୱର ର୍‍ୟାଙ୍କିଙ୍ଗର ଟପ୍ ୧୦ରୁ ବାହାର ହୋଇଯିବେ।

# ୪୮ ପଦକ ସହ ଓଡ଼ିଶା ତୃତୀୟ




ଜାତୀୟ ନାନ୍‌ଚାକୁ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

### ଜାତୀୟ ନନ୍‌ଚାକୁ

ଭୁବନେଶ୍ୱର ୨।୨ (ବିଜୟ ରଣା)

ନାନ୍‌ଚାକୁ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଆନୁକୁଲ୍ୟରେ ଉତ୍ତର ପ୍ରଦେଶର କାନପୁରରେ ୪ର୍ଥ ଜାତୀୟ ନନ୍‌ଚାକୁ ପ୍ରତିଯୋଗିତା ଜାନୁଆରୀ ୩୦ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ପ୍ରବନ୍ଧକ ସନ୍ତୋଷ କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରି ୧୨ସ୍ୱର୍ଣ୍ଣ, ୧୨ରୌପ୍ୟ ଓ ୨୪ ବ୍ରୋଞ୍ଜ ପଦକ ପାଇଛନ୍ତି। ରେଫରି ପରୀକ୍ଷାରେ ଦୀପକ କୁମାର ସାମନ୍ତରା ଓ ସପନ କୁମାର ମିଶ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୋଚ୍ ପରୀକ୍ଷାରେ ସୁବାସ ଚନ୍ଦ୍ର ଦଳାଇ, କ୍ରିଷ୍ଣା ଶିକାରୀ, ଗୋପାଳ ଚନ୍ଦ୍ର କହଁର, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ୍ ମଲ୍ଲିକ ଓ ଆୟୁଷ ପ୍ରସାଦ ରଥ ପ୍ରମୁଖ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏସୀୟ ନନ୍‌ଚାକୁ ପ୍ରତିଯୋଗିତାରେ ପ୍ରଥମ ଥର ଓଡ଼ିଶାରୁ ଭାଗ ନେଇଥିବା ୫ ଜଣ ପ୍ରତିଯୋଗୀ ମୁକୁନ୍ଦ ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ସାନ୍‌ଭି ମିଶ୍ର, ଶୁଭମ୍ ଦଳାଇ ଓ ପ୍ରଜ୍ଞା ବର୍ଦ୍ଧନଙ୍କୁ ଟ୍ରାକ ସୁଟ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ନାନ୍‌ଚାକୁ ସଂଘ ତରଫରୁ ଜାତୀୟ ସଂଘର ଚେୟାରମ୍ୟାନ, ସମ୍ପାଦକ, ଟେକ୍ନିକାଲ ଡାଇରେକ୍ଟର ଓ ସଂଯୋଜକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଜାତୀୟ ନାନଚାକୁ ସଂଘର ସମ୍ପାଦକ ବାବୁଲ ବର୍ମା ପ୍ରତିଯୋଗୀମାନଙ୍କୁ ପଦକ ବିତରଣ କରିବା ସହ ଅଫିସିଆଲ୍‌ମାନଙ୍କୁ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଣ୍ଣ ପଦକ ପାଇଥିବା ଖେଳାଳି ହେଲେ ମୁକୁନ୍ଦ ବର୍ଦ୍ଧନ (୨), କ୍ରିଷ୍ଣା ଶିକାରୀ (୨), ସାନଭି ମିଶ୍ର (୨), ପ୍ରଜ୍ଞା ବର୍ଦ୍ଧନ ଗୋପାଳ ଚନ୍ଦ୍ର କହଁର, ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ଖିତିସ କୁମାର ଯାଦବ, ରୌପ୍ୟ ପଦକ ବିଜେତାମାନେ ହେଲେ ଗୋପାଳ ଚନ୍ଦ୍ର କହଁର (୨), ମନଶ୍ରୀ ବରାଳ (୨), ପ୍ରଜ୍ଞା ବର୍ଦ୍ଧନ,ମୁକୁନ୍ଦ ବର୍ଦ୍ଧନ, ଆୟୁଷ ପ୍ରସାଦ ରଥ,ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭର୍ଥାନ ବରାଳ, ଖିତିସ୍ କୁମାର ଯାଦବ ଓ ହରିହର ମହାପାତ୍ର, ବ୍ରୋଞ୍ଜ ପଦକ ବିଜେତା ମାନେ ହେଲେ ବାଇଲୋଚନ ମଲ୍ଲିକ(୩), ରଞ୍ଜନ କୁମାର ପୃଷ୍ଟି (୩), ଓମ୍ ସାଇ ପ୍ରସାଦ (୩), ଆରାଧନା ନାୟକ (୩), ପ୍ରିୟଂଶୁ ଶେଖର (୨), ପ୍ରଜ୍ଞା ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ଆୟୁଷ୍ମାନ ପୃଷ୍ଟି, ଆୟୁଷ ପ୍ରସାଦ ରଥ, ସାନଭି ମିଶ୍ର, ଶୁଭମ୍ ଦଳାଇ, ମନୁଶ୍ରୀ ବରାଳ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ହରିହର ମହାପାତ୍ର। ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରୀ ମହାନ୍ତି, କରାଟେ ସ୍କୁଲର ବରିଷ୍ଠ ପ୍ରଶିକ୍ଷକ ମାନେ ଓ ଅଭିଭାବକ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ବଲପୁର ଚାମ୍ପିୟନ, କିଟ୍ ରନରଅପ୍

### ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି ଟୁର୍ନାମେଣ୍ଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିୟନ ଓ କିଟ୍ ରନରଅପ୍ ହୋଇଛି। ସୋମବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଅଲ୍ ଓଡ଼ିଶା ଫାଇନାଲରେ ସମ୍ବଲପୁର ଶୁଟ୍‌ଆଉଟ ୩-୨ ଗୋଲରେ କିଟ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ଲାଗି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ପ୍ଲେଅଫ୍‌ରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିଅରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)ର ଆଡିଶନାଲ ସେକ୍ରେଟାରି ମମତା ରାଣୀ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ଦଳକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରଥମ ସେମିଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୁଟ୍‌ଆଉଟରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିୟରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପ୍ରତିଯୋଗିତାରେ ଦେଶର ୧୬ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ସମ୍ବଲପୁର ଓ ରନରଅପ୍ କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।

# ଜାତୀୟ ପାରା ବୋସିଆରେ ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ଗୁଜରାଟର ଅହମଦାବାଦଠାରେ ୧୦ମ ଜାତୀୟ ପାରା ବୋସିଆ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗିମାନେ ପ୍ରଭାବୀ ପ୍ରଦର୍ଶନ କରି ୩ ପଦକ ହାସଲ କରିଛନ୍ତି। ମିକ୍ସଡ ବିସି-୪ ଟିମ୍ ଇଭେଣ୍ଟରେ ସୋନାଲି ଓଝା ଓ ତାଙ୍କ ପାର୍ଟନର ହେମନ୍ତ କୁମାର ଶେଠି ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ବ୍ୟକ୍ତିଗତ ବିସି-୪ ବର୍ଗରେ ଦମୟନ୍ତି ଓଝା ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମିକ୍ସଡ ବିସି-୪ ଟିମ୍ ଇଭେଣ୍ଟରେ ଦମୟନ୍ତି ଓଝା ଓ ତାଙ୍କ ପାର୍ଟନର ମିଲଟନ ପୋଥାଳ ବ୍ରୋଞ୍ଜ ଜିତିଛନ୍ତି। କୋଚ୍ କୋଲା ଜଗନ୍ନାଥ ରେଡ୍ଡୀ ଓ ମ୍ୟାନେଜର ରାକେଶ ଚନ୍ଦ୍ର ବେହେରାଙ୍କ ସହ ମୋଟ ୧୧ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।




ଜାତୀୟ ପାରା ବୋସିଆରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ